ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୫ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 15 February 2026
Vol.No. 36 ■ No.44 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ...


ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଆସାମରେ କଂଗ୍ରେସକୁ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ୍: କ୍ଷମତା ବାହାରେ ରହି ବିଷାକ୍ତ ହୋଇଯାଇଛି ଦଳ



ନୂଆଦିଲ୍ଲୀ,୧୪/୨ : ଆସାମ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିମାନବନ୍ଦରରେ ଭବ୍ୟ ସ୍ୱାଗତ ପରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ଅବସରରେ କିନ୍ତୁ ବିରୋଧୀ ଦଳଙ୍କୁ ଟାର୍ଗେଟ୍ କରିବାକୁ ଭୁଲିନାହାନ୍ତି ମୋଦୀ। ଗୌହାଟିରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଉତ୍ତର-ପୂର୍ବ ଆମର ଅଷ୍ଟଲକ୍ଷ୍ମୀ। ଏହି ବର୍ଷର ବଜେଟ୍ ଅଷ୍ଟଲକ୍ଷ୍ମୀ ପାଇଁ ବିଜେପି-ଏନଡିଏର ଦୃଷ୍ଟିକୋଣକୁ ଆହୁରି ମଜବୁତ କରିବ। ବଜେଟ୍ ପରେ ଏହା ଆସାମ ଏବଂ ଉତ୍ତର-ପୂର୍ବକୁ ମୋର ପ୍ରଥମ ଗସ୍ତ। ଆମେ ଉତ୍ତର-ପୂର୍ବକୁ ନିଷ୍ଠାର ସହିତ ସେବା ଯୋଗାଉଛୁ, ଯାହାକୁ କଂଗ୍ରେସ ଦଳ ସର୍ବଦା ଅଣଦେଖା କରିଆସିଛି। କଂଗ୍ରେସ କ୍ଷମତା ବାହାରେ ଥିବାରୁ ଆହୁରି ବିଷାକ୍ତ ହୋଇଯାଇଛି। ଆସାମକୁ ଏହା ସତର୍କ ରହିବାକୁ ପଡିବ।' ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବଜେଟ୍ ଉତ୍ତର-ପୂର୍ବକୁ ଆର୍ଥିକ ଭାବରେ ଆତ୍ମନିର୍ଭରଶୀଳ କରିବା ଉପରେ ବିଶେଷ ଧ୍ୟାନ ଦେଉଛି। ଏଥର ଆସାମ ପ୍ରାୟ ୫୦ହଜାର କୋଟି ଟଙ୍କା ଟିକସ ରାଜସ୍ୱ ପାଇବ। ଆପଣମାନେ ଭଲ ଭାବରେ ମନେ ରଖିଥିବେ ଯେ କଂଗ୍ରେସ ଶାସନ ସମୟରେ ଆସାମ କିପରି ଭୋକରେ ପଡିଥିଲା। କଂଗ୍ରେସ ଶାସନ ସମୟରେ ଆସାମକୁ କେବଳ ୧୦ହଜାର କୋଟି ଟଙ୍କା ଟିକସ ମିଳିଥିଲା। ବର୍ତ୍ତମାନ, ବିଜେପି ସରକାର ଅଧୀନରେ, ଆସାମ କଂଗ୍ରେସ ସରକାରଙ୍କ ତୁଳନାରେ ପାଞ୍ଚ ଗୁଣ ଅଧିକ ଟଙ୍କା ପାଉଛି। ପୁଲ୍ୱାମା ଆକ୍ରମଣ କଥା ଉଠାଇ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆଜିର ଦିନରେ ପୁଲ୍ୱାମା ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଭାରତ ମାତାର ସାହସୀ ପୁଅମାନଙ୍କୁ ମୁଁ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଏହି ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦୀମାନଙ୍କୁ କିପରି ଦଣ୍ଡ ଦେଇଥିଲା ତାହା ସମଗ୍ର ବିଶ୍ୱ ଦେଖିଛି। ଆପଣମାନେ ଅପରେସନ ସିନ୍ଦୂରରେ ମଧ୍ୟ ଭାରତର ଶକ୍ତି ଦେଖିଛନ୍ତି। ମୁଁ ଆପଣଙ୍କଠାରୁ ଜାଣିବାକୁ ଚାହୁଁଛି ଯେ କଂଗ୍ରେସ କେବେ ଜାତୀୟ ସ୍ୱାର୍ଥରେ ନିଷ୍ପତ୍ତି ନେବାର ସାହସ କରିଥିଲା କି? କଂଗ୍ରେସ ନେତାମାନେ ଖାଲି ବୟାନ ଦେବା ଜାଣିଛନ୍ତି।

## ଆଜି ପବିତ୍ର ମହାଶିବରାତ୍ରି: ଶ୍ରୀଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ଉଠିବ ମହାଦୀପ



ଭୁବନେଶ୍ୱର, ୧୪/୨ (ନି.ପ୍ର): ଆସନ୍ତାକାଲି ପବିତ୍ର ମହାଶିବରାତ୍ରି। ଏଥିପାଇଁ ଉତ୍ସବମୁଖର ସମସ୍ତ ଶୈବପୀଠ। ରାଜଧାନୀର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ। ସେପଟେ ଜାଗର ପାଇଁ ଏବେଠୁ ଏକାମ୍ର କ୍ଷେତ୍ରରେ ଜମିଲାଣି ଭକ୍ତଙ୍କ ଭିଡ଼। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ହର ହର ମହାଦେବ ଧ୍ୱନିରେ କମ୍ପୁଛି ପୂରା ପରିବେଶ। ନୂଆ ରୂପରେ ଝଟକୁଛି ଶ୍ରୀଲିଙ୍ଗରାଜ ମନ୍ଦିର। ମହାଶିବରାତ୍ରି ପାଇଁ ସଜେଇ ହୋଇଛି ମନ୍ଦିର ବେଢ଼ା। ସବୁ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଅଣ୍ଟା ଭିଡ଼ିଛି ପ୍ରଶାସନ। ମନ୍ଦିର ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବାକୁ କଡ଼ା ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ଶ୍ରଦ୍ଧାଳୁମାନଙ୍କୁ ସଚେତନ କରାଯାଉଛି। ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିବେ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ ହୋଇଛି। ପର୍ଯ୍ୟାପ୍ତ ପିଇବା ପାଣି ସହ ଜରୁରୀକାଳୀନ ମେଡିକାଲ୍ ସେବା ବ୍ୟବସ୍ଥା କରାଯାଇଛି।

## ଚାକିରୀ ନାଁରେ ଠକେଇ ଅଭିଯୋଗରେ ନକଲି ସ୍ୱେଚ୍ଛାସେବୀ ଗିରଫ

ଭୁବନେଶ୍ୱର, ୧୪/୨ (ନି.ପ୍ର): ଚାକିରି କରି ଦେବାକୁ କହି ଟଙ୍କା ଠକେଇ ଘଟଣାରେ କେନ୍ଦୁଝର ଅଂଚଳର ନକଲି ସ୍ୱେଚ୍ଛାସେବୀ ଗିରଫ ହୋଇଛନ୍ତି। ନିଜକୁ ସ୍ୱେଚ୍ଛାସେବୀ ପରିଚୟ ଦେଉଥିବା ସୁରେଶ୍ୱରୀ ଜେନା ନାମ୍ନୀ ଜଣେ ମହିଳାଙ୍କୁ ଖଣ୍ଡଗିରି ଥାନା ପୋଲିସର ଏକ ଟିମ୍ କେନ୍ଦୁଝରରୁ ଗିରଫ କରି ଭୁବନେଶ୍ୱର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ସୁରେଶ୍ୱରୀ ଅଭିଯୋଗକାରୀ ସୁଶାନ୍ତ କୁମାର ରାଉତଙ୍କ ଠାରୁ ୧୫ ଲକ୍ଷ ଟଙ୍କା ନେଇ ସରକାରୀ ଚାକିରି କରାଇ ଦେବାକୁ କହି ଥିଲେ। ଅଭିଯୋଗ ପରେ ଖଣ୍ଡଗିରି ପୋଲିସ ତଦନ୍ତ କରି ସୁରେଶ୍ୱରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ କୋର୍ଟ ଚାଲାଣ ସମୟରେ ଅଭିଯୋଗକାରୀଙ୍କ ଠାରୁ ସେ କୌଣସି ଟଙ୍କା ନେଇନାହାନ୍ତି ବୋଲି କହିଛନ୍ତି ସୁରେଶ୍ୱରୀ।

## ୧୬ରୁ ଆରମ୍ଭ ହେବ ଆଧାର ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୪/୨ (ନି.ପ୍ର): ୧୬ ରୁ ଆରମ୍ଭ ହେବ ଆଧାର ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି। ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତରଫରୁ ଅଭିଯୋଗ ଗୁଡ଼ିକର ଶୁଣାଣି କରାଯିବ। ଏଥିପାଇଁ ଓସିଏସି ପୋର୍ଟାଲରେ ପଞ୍ଜିକରଣ କରିବାକୁ ପଡ଼ିବ। ଇଚ୍ଛୁକ ବ୍ୟକ୍ତି ସେମାନଙ୍କ ଆଧାର ସମ୍ବନ୍ଧିତ ଅଭିଯୋଗ ଗୁଡ଼ିକୁ ପୋର୍ଟାଲରେ ପଞ୍ଜିକୃତ କରାଇ ପଞ୍ଜିକରଣ ପ୍ରାପ୍ତି ସ୍ୱୀକାରପତ୍ର ସହ ଓକାକ ଟାୱାର ତଳ ମହଲା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟେକ ସରକାରୀ କାର୍ଯ୍ୟ ଦିବସର ସୋମବାର ସକାଳ ୧୦.୩୦ରୁ ଉପସ୍ଥିତ ରହି ସମ୍ପୃକ୍ତ ଅଧିକାରୀଙ୍କୁ ସେମାନଙ୍କର ଅଭିଯୋଗ ଜଣାଇ ପାରିବେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଚୌଦ୍ୱାର ଜେଲ୍‌ରୁ ଫେରାର କଏଦୀ ବୃନ୍ଦାବନ ମଠରୁ ଗିରଫ



କଟକ, ୧୪/୨ (ନି.ପ୍ର): କଟକଜିଲ୍ଲା ଚୌଦ୍ୱାରସ୍ଥିତ ରାଜ୍ୟର ସର୍ବବୃହତ୍ ମଣ୍ଡଳ କାରାଗାରରୁ ଫେରାର ଦୁଇ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମଧ୍ୟରୁ ଜଣକୁ ଓଡ଼ିଶା ପୁଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗିରଫ କରିଛି। ଓଡ଼ିଶା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବୃନ୍ଦାବନର ଏକ ମଠରୁ ଅଭିଯୁକ୍ତ ମଧୁକାନ୍ତ କୁମାରକୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ରାଜା ସାହାଣୀକୁ ଖୋଜୁଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଗତବର୍ଷ ଅକ୍ଟୋବର ୨ତାରିଖରେ ବିହାରର ମଧୁକାନ୍ତ କୁମାର ଓ ରାଜା ସାହାଣୀ ପାଚେରି ଡେଇଁ ଚମ୍ପଟ ମାରିଥିଲେ। ଉଭୟ ଦଶହରାର ସୁଯୋଗ ନେଇ ଚାଞ୍ଚଲ୍ୟକର ଢଙ୍ଗରେ ଏଭଳି କାଣ୍ଡ କରିଥିଲେ। ୨୦୨୫, ଜାନୁଆରି ୪ ତାରିଖରେ ଯାଜପୁରଜିଲ୍ଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଲୁଟ୍ ଓ ୨ଜଣଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳି କରି ହତ୍ୟା ଘଟଣାରେ ଗିରଫ ହୋଇଥିଲେ ଏହି ଦୁଇ ବିହାରୀ ଅପରାଧୀ।

## ଆସନ୍ତା ୧୭ ରୁ ଆରମ୍ଭ ହେବ ବିଧାନସଭାର ବଜେଟ୍ ଅଧିବେଶନ



ଭୁବନେଶ୍ୱର, ୧୪/୨ (ନି.ପ୍ର): ମାଳମାଳ ପ୍ରସଙ୍ଗକୁ ନେଇ ବିରୋଧୀ ତୟାର। ୧୭ରୁ ବିଧାନସଭା ଆରମ୍ଭ ହେବା କ୍ଷଣି ସରକାରଙ୍କୁ ନାକେଦମ କରିବାକୁ ଅଣ୍ଟା ଭିଡ଼ିଛନ୍ତି ବିରୋଧୀ। ଅନ୍ୟପଟେ ସବୁ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ଶାସକ ଦଳ ମଧ୍ୟ ସତର୍କ। ଶାସକ-ବିରୋଧୀଙ୍କ ତୁ ତୁ ମେ ମେ ଭିତରେ ପୂର୍ବଥର ଗୃହକାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା। ହେଲେ ବଜେଟ ଅଧିବେଶନରେ ସେଭଳି ସ୍ଥିତିରୁ ଗୃହକୁ ଦୂରେଇ ରଖିବାକୁ ବାଚସ୍ପତିଙ୍କ ଭରସା ସର୍ବଦଳୀୟ ବୈଠକ। ଆସନ୍ତା ୧୭ ତାରିଖରେ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ। ୨ଟି ପର୍ଯ୍ୟାୟରେ ପ୍ରାୟ ଦେଢ଼ ମାସ ଧରି ଚାଲିବ ଗୃହ। ଜବାବ-ପ୍ରତିଜବାବରେ ଉଠିବ ପଡିବ ବିଧାନସଭା। ମାଳମାଳ ପ୍ରସଙ୍ଗ ଧରି ଡବଲ ଇଞ୍ଜିନ ସରକାରକୁ ଘେରିବାକୁ ଅଣ୍ଟା ଭିଡ଼ିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ସରକାରକୁ ଅକଳରେ ପକାଇବାକୁ ସୁଯୋଗ ଅପେକ୍ଷାରେ ୨ ଦଳ। ମଣ୍ଡି ଅବ୍ୟବସ୍ଥା, ମହିଳା ହିଂସା, ଆଇନଶୃଙ୍ଖଳା, ପୋଲାଭରମ୍, ମହାନଦୀ, ପିୟୁସିସି, ସଂରକ୍ଷଣ ପ୍ରସଙ୍ଗରେ ହଲ୍ଲାବୋଲ କରିବ ବିଜେଡି। ସେହିଭଳି ଆନ୍ତଃରାଜ୍ୟ ବିବାଦ, ନାରୀ ନିର୍ଯ୍ୟାତନା, ଧାନ ସଂଗ୍ରହ, ବେକାରି, ୟୁଜିସି ନୂଆ ନିୟମ, ମିଲର୍ସ ଓ ସରକାରଙ୍କ ମଧୁଚନ୍ଦ୍ରିକା ଓ ଅଙ୍ଗନବାଡ଼ିରେ ଜାତିପ୍ରଥା ପ୍ରସଙ୍ଗରେ ସରକାରଙ୍କ ବିରୋଧରେ ଯୁଦ୍ଧ ଦେହିଂ ଡାକରା ଦେବ କଂଗ୍ରେସ। ବିରୋଧୀଙ୍କ ବିରୋଧ ଭିତରେ ଠିକଣା ଜବାବ ଦେବାକୁ କାଉଣ୍ଟର ରଣନୀତି କରୁଛି ଶାସକ ବିଜେପି। ବିରୋଧୀଙ୍କୁ ମୁକାବିଲା କରିବାକୁ ଦଳ ସଜାଗ ଅଛି ବୋଲି କହିଛନ୍ତି ଶାସକ ଦଳର ବିଧାୟକ। ଅନ୍ୟପଟେ ବଜେଟ ଅଧିବେଶନକୁ ସୁରୁଖୁରରେ ଶେଷ କରିବାକୁ ଚାହୁଁଛନ୍ତି ବାଚସ୍ପତି।

## ଦୁର୍ଘଟଣା ନେଲା ତିନି ଯବାନଙ୍କ ସହ କାର ଡ୍ରାଇଭରଙ୍କ ଜୀବନ

ରାଇଘର, ୧୪/୨ (ନି.ପ୍ର): ନବରଙ୍ଗପୁରଜିଲ୍ଲା ରାଇଘର ସୀମାନ୍ତ ଛତିଶଗଡ଼ର ଧମତରୀ ଜିଲ୍ଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛିକ୍ଷ ଏକ ଟ୍ରକର ପଛରେ କାରଟି ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଦୁଇ ଜଣ ଯବାନଙ୍କ ମୃତ୍ୟୁ ଘଟିଛିକ୍ଷ ଆହତ ତିନିଜଣଙ୍କୁ ମେଡିକାଲ ନେବା ବାଟରେ ଆଉ ଜଣେ ଯବାନ ଏବଂ କାର ଡ୍ରାଇଭରଙ୍କ ପ୍ରାଣହାନୀ ଘଟିଛି। ଅନ୍ୟ ଜଣେ ଯବାନଙ୍କୁ ଗୁରୁତର ଅବସ୍ଥାରେ ରାୟପୁର ସ୍ଥାନାନ୍ତର କରାଯାଇଛିକ୍ଷ ଦୁର୍ଘଟଣାରେ ମୃତ ଯବାନମାନେ ୨୦୧ କୋବ୍ରା ବାଟାଲିୟନର ବୋଲି ଜଣାପଡ଼ିଛି। ସୂଚନା ଅନୁଯାଇ ଆଜି ସକାଳ ପ୍ରାୟ ସାଢେ ୮ଟା ସମୟରେ ଜଗଦଳପୁରରୁ ରାୟପୁରକୁ ଯାଉଥିବା ଏକ କାର (ଏମ୍.ପି.୧୭.ଜେଡ୍‌ଏଚ ୪୮୯୭) ଜଗଦଳପୁର-ରାୟପୁର ୩୦ ନମ୍ବର ରାଜପଥର ଖପ୍ରି ବାଇପାସ୍ ନିକଟରେ ଏକ ଟ୍ରକକୁ ଧକ୍କା ହୋଇଥିଲାକ୍ଷ ଫଳରେ କାରରେ ଯାଉଥିବା ୨୦୧ କୋବ୍ରା ବାଟାଲିୟନର ଦୁଇ ଯବାନଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇ ଯବାନ ଏବଂ କାର ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଧମତରୀ ଜିଲ୍ଲା ମେଡିକାଲକୁ ନିଆଯାଉଥିଲା। ବାଟରେ ଜଣେ ଯବାନ ଏବଂ କାର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା।ଅନ୍ୟ ଯବାନ ଜଣକ ଗୁରୁତର ଅବସ୍ଥାରେ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## କପାଚାଷୀ ଓ ବୟନ ଶିଳ୍ପ ପ୍ରସଙ୍ଗ ଉଠାଇ ସରକାରଙ୍କୁ ରାହୁଲଙ୍କ ସମାଲୋଚନା



ଭୁବନେଶ୍ୱର, ୧୪/୨ (ନି.ପ୍ର): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ଦେଶର କପା ଚାଷୀ ଓ ବୟନ ଶିଳ୍ପ କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହେବ। କେନ୍ଦ୍ର ସରକାର ବାଣିଜ୍ୟ ଚୁକ୍ତିନାମାର ଏହି ଦିଗଗୁଡ଼ିକୁ ଲୁଚାଇ ରଖିଛନ୍ତି ବୋଲି ମଧ୍ୟ ରାହୁଲ ଅଭିଯୋଗ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାହୁଲ ଗାନ୍ଧୀ ଏକ ଭିଡିଓ ଜାରି କରି କହିଛନ୍ତି, ୧୮% ବନାମ ଶୂନ୍? ପ୍ରତିଶତ ଶୁଳ୍କ। ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ୍ ଏହି ପ୍ରସଙ୍ଗରେ ଦେଶରେ ଭ୍ରମ ସୃଷ୍ଟି କରୁଛନ୍ତି। ବାଂଲାଦେଶକୁ ଆମେରିକା ପୋଷାକ ରପ୍ତାନି ଉପରେ ଶୂନ୍ୟ ପ୍ରତିଶତ ଶୁଳ୍କର ସୁବିଧା ଦେଉଛି। ଏଥିପାଇଁ ସେମାନଙ୍କୁ ଆମେରିକୀୟ କପା ଆମଦାନୀ କରିବାକୁ ପଡ଼ିବ। ଭାରତୀୟ ପୋଷାକ ଉପରେ ୧୮ ପ୍ରତିଶତ ଶୁଳ୍କର ଘୋଷଣା ପରେ, ଯେତେବେଳେ ମୁଁ ସଂସଦରେ ବାଂଲାଦେଶକୁ ଦିଆଯାଉଥିବା ସ୍ୱତନ୍ତ୍ର ରିହାତି ଉପରେ ପ୍ରଶ୍ନ ଉଠାଇଥିଲି, ସେତେବେଳେ ମୋଦୀ ସରକାରଙ୍କ ଜଣେ ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ ଯଦି ଆମେ ମଧ୍ୟ ଏହି ଲାଭ ଚାହୁଁ, ତେବେ ଆମକୁ ଆମେରିକାରୁ କପା ଆମଦାନୀ କରିବାକୁ ପଡିବ। ସେ ପ୍ରଶ୍ନ କରିଥିଲେ ଯେ, ଏହାକୁ ଦେଶବାସୀଙ୍କଠାରୁ କାହିଁକି ଲୁଚାଇ ରଖାଯାଇଛି।

## ସୈରିନ୍ଧ୍ରୀ ସାହୁଙ୍କୁ ନୀଳକଇଁ ସାରସ୍ୱତ ସମ୍ମାନ ପ୍ରଦାନ

### ସିନେମା ଆଉ ସାହିତ୍ୟ ଯେଉଁଠି ଏକାଠି ହୋଇଥାନ୍ତି ସେଇଠି ସଂସ୍କୃତି ଆହୁରି ମଜବୁତ୍ ହୁଏ : ମେୟର ସୁଲୋଚନା ଦାସ




ବାଲେଶ୍ୱର, ୧୪/୨ (ନି.ପ୍ର): ସାରସ୍ୱତ ଅନୁଷ୍ଠାନ ନୀଳକଇଁ ପକ୍ଷରୁ ସ୍ଥାନୀୟ ରେଡକ୍ରସ ଭବନଠାରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମର ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। 'ସିନେମା ସହ ସାହିତ୍ୟର ସଂପୃକ୍ତି ; ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ରାଜ୍ୟ ଚଳଚିତ୍ର ପୁରସ୍କାର ବିଜେତା, ବିଶିଷ୍ଟ ସଂଳାପକାର ଡ ରଜନୀ ରଞ୍ଜନ, ସିନେସମିକ୍ଷକ ତଥା ନିର୍ଦ୍ଦେଶକ ଡ ସୂର୍ଯ୍ୟ ଦେଓ, ନାଟ୍ୟକାର ତଥା ଚିତ୍ରନାଟ୍ୟ ନିର୍ଦ୍ଦେଶକ ପ୍ରଣବ ଦାସ ଏବଂ ଗାଳ୍ପିକ, ନାଟ୍ୟକାର ତଥା ସମାଲୋଚକ ଜାକିର ଖାନ୍ ଯୋଗଦେଇ ମତ ରଖିଥିଲେ। ଦୀର୍ଘ ଦଶନ୍ଧି ଧରି ସାହିତ୍ୟର ଉପାଦାନ ସବୁ କେମିତି ସିନେମାରେ ଅଭିନୟ ମାଧ୍ୟମରେ ଜୀବନ୍ତ ହେଇଛନ୍ତି ଏବଂ ସୃଜନର ରାସ୍ତାରେ ଆଗେଇ ଚାଲିଛନ୍ତି ତାହା ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ବିଶିଷ୍ଟ ଲେଖିକା ତଥା ସମ୍ପାଦିକା ସୈରିନ୍ଧ୍ରୀ ସାହୁଙ୍କୁ ନୀଳକଇଁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନୀଳକଇଁ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବରେ ନିମନ୍ତ୍ରିତ ୨୦ ଜଣ ଅତିଥି କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ସ୍ନେହା ଦାସ ଲେଙ୍କା ଓ ବେଦ ପ୍ରକାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କୁନି କଳାକାର ଫିଓନା ଦାସଙ୍କ ରାମାୟଣ ଆଧାରିତ ନୃତ୍ୟାଭିନୟ ସମସ୍ତଙ୍କ ମନମୁଗ୍ଧ କରିଥିଲା। ନୀଳକଇଁର ସମ୍ପାଦିକା ସସ୍ମିତା ଦାସ ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିଥିଲେ। ଏବଂ ନୀଳକଇଁର ସହଯୋଗୀ ଅନୁଷ୍ଠାନ ମଦରର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମଣିପୁର- ତିନି ଉଗ୍ରବାଦୀ ଗିରଫ: ଗୋଳା ବାରୁଦ ଜବତ

ନୂଆଦିଲ୍ଲୀ,୧୪/୨ : ହିଂସା ପ୍ରଭାବିତ ମଣିପୁରରେ ପୁଲିସ ସୁରକ୍ଷା ବଳଙ୍କ ସହ ମିଳିତ ଅଭିଯାନ ଚଳାଇ ତିନିଜଣ ଉଗ୍ରବାଦୀଙ୍କୁ ଗିରଫ କରିବା ସହ ଅସ୍ତ୍ର ଓ ଗୋଳାବାରୁଦ ଜବତ କରିଛି। ଏହା ସହିତ ଚୋରି ହୋଇଥିବା ଯାନବାହନ ମଧ୍ୟ ଉଦ୍ଧାର କରାଯାଇଛି ଏବଂ ରାଜ୍ୟରେ ଯାନଚଳାଚଳକୁ ସୁରକ୍ଷିତ କରିବା ପାଇଁ ପୁଲିସ ଅଭିଯାନ ଜାରି ରଖିଛି। ମଣିପୁର ପୁଲିସ ଆଜି ଦେଇଥିବା ସୂଚନା ଅନୁସାରେ, ସୁରକ୍ଷା ବଳ ଇମ୍ଫାଲ୍ ପଶ୍ଚିମ ଓ ଇମ୍ଫାଲ୍ ପୂର୍ବ ଜିଲ୍ଲାର ଭିନ୍ନ ଅଞ୍ଚଳରୁ କେସିପି (ଅପୁନବା)ର ଦୁଇଜଣ ସକ୍ରିୟ କର୍ମୀଙ୍କୁ ଗିରଫ କରିଛନ୍ତି। ଗିରଫ ହୋଇଥିବା କାଡରମାନଙ୍କ ପରିଚୟ ହେଉଛି ଥାଓଡେମ ଜ୍ୟାକ୍ସନ ସିଂହ (୨୧), ଯିଏ ଇମ୍ଫାଲ୍ ପଶ୍ଚିମ ଜିଲ୍ଲାର ଥାଙ୍ଗମେଇବନ୍ଦ ହିଜାମ ଲେଇକାଇର ବାସିନ୍ଦା, ତାଙ୍କୁ ତାଙ୍କ ଅଞ୍ଚଳରୁ ଗିରଫ କରାଯାଇଛି।

# ମହାଶିବରାତ୍ରି : ଶିବଙ୍କ ୧୦୮ ନାମ ଓ ଅର୍ଥ



କବୀର କୁମାର ଜେନା

''ଓଁ ତ୍ରୈମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାତ୍ ମୃତ୍ୟୋର୍ମୁକ୍ଷୀୟ ମାଽମୃତାତ୍''

ପ୍ରତ୍ୟେକ ଧର୍ମ ପ୍ରାଣ ହିନ୍ଦୁ ବିଶ୍ୱାସ କରନ୍ତି - ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା । ସମସ୍ତେ ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ସ୍ୱରୂପ । ଭିନ୍ନ ଭିନ୍ନ ଉତ୍ସବରେ ଭିନ୍ନ ଭିନ୍ନ ପୋଷାକ ପରିଧାନ କଲାପରି ଏ ସବୁ ପରିକଳ୍ପନା କରାଯାଇଛି । ବ୍ରହ୍ମା, ବିଷ୍ଣୁ ଓ ଶିବ ଯଥାର୍ଥରେ ଏକ ଓ ଅଭିନ୍ନ। ସବୁରି ମୂଳରେ ବ୍ୟକ୍ତି ବିଶେଷର ବିଶ୍ୱାସ ଓ ଭକ୍ତି ନିହିତ । ରଜଗୁଣର ବଶବର୍ତ୍ତୀ ହୋଇ ଦେବତା ଯେତେବେଳେ ସୃଷ୍ଟି କରନ୍ତି, ସେତେବେଳେ ତାଙ୍କୁ ବ୍ରହ୍ମା, ସତ୍ୱ ଗୁଣର ପ୍ରଭାବରେ ପ୍ରଭାବିତ ହୋଇ ଯେତେବେଳେ ପୃଥିବୀକୁ ରକ୍ଷା କରନ୍ତି, ସେତେବେଳେ ତାଙ୍କୁ ବିଷ୍ଣୁ ଓ ତମ ଗୁଣରେ ଆସକ୍ତ ହୋଇ ଯେତେବେଳେ ପୃଥିବୀକୁ ଧ୍ୱଂସ କରନ୍ତି, ସେତେବେଳେ ସେ ଶିବ ହୋଇଥାନ୍ତି । ଶିବଙ୍କୁ ଦେବ ଦେବ ମହାଦେବ କୁହାଯାଏ। 'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ ।

ଭଗବାନ ଶିବଙ୍କ ଅନେକ ନାମ ରହିଛି। ତେବେ ତାଙ୍କର ୧୦୮ଟି ମୁଖ୍ୟ ନାମ ଉଚ୍ଚାରଣ କରି ମହାଦେବଙ୍କୁ ଉପାସନା କରିବା ଦ୍ୱାରା ବିଶେଷ ସିଦ୍ଧି ଲାଭ ହୋଇଥାଏ। ଶିବ-କଲ୍ୟାଣ ସ୍ୱରୂପ, ମହେଶ୍ୱର-ମାୟାର ଅଧୀଶ୍ୱର, ଶମ୍ଭୁ-ଆନନ୍ଦ ସ୍ୱରୂପ, ପିନାକୀ-ପିନାକ ଧନୁଧାରଣକାରୀ, ଶଶିଖେଣ-ମସ୍ତକରେ ଚନ୍ଦ୍ରମା ଧାରଣକାରୀ, ବାମଦେବ - ଅତ୍ୟନ୍ତ ସୁନ୍ଦର, ବିରୂପାକ୍ଷ - ଆକର୍ଷଣୀୟ ଚକ୍ଷୁବିଶିଷ୍ଟ, କପର୍ଦ୍ଦୀ - ଜଟାଜୁଟ ଧାରଣକାରୀ, ନୀଳଲୋହିତ - ନୀଳ ଏବଂ ଲାଲ ରଙ୍ଗର ଚକ୍ଷୁଧାରୀ, ଶଙ୍କର - ସମସ୍ତଙ୍କ କଲ୍ୟାଣକାରୀ, ଶୂଳପାଣୀ - ହାତରେ ତ୍ରିଶୂଳଧାରୀ, ଖଟବାଙ୍ଗୀ - ଖଟବଙ୍ଗା (ଏକ ପ୍ରକାର ଚିମୁଟା) ଧାରଣକାରୀ, ବିଷ୍ଣୁବଲ୍ଲଭ - ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ, ଶିପିବିଷ୍ଟ - ଯାହାଙ୍କ ସ୍ୱରୂପରୁ ସର୍ବଦା ଉଜ୍ଜ୍ୱଳ ରଶ୍ମି ନିର୍ଗତ ହୋଇଥାଏ, ଅମ୍ବିକାନାଥ - ଭଗବତୀଙ୍କ



ପତି, ଶ୍ରୀକଣ୍ଠ - ସୁନ୍ଦର କଣ୍ଠଧାରୀ, ଭକ୍ତବତ୍ସଳ - ଭକ୍ତଙ୍କୁ ଅତ୍ୟନ୍ତ ସ୍ନେହ କରୁଥିବା ଭଗବାନ, ଭବ - ସଂସାରର ରୂପରେ ପ୍ରକଟ ହୋଇଥିବା ଦେବତା, ଶର୍ବ - କଷ୍ଟହରଣକାରୀ, ତ୍ରିଲୋକେଶ - ତିନିଲୋକର ସ୍ୱାମୀ, ଶୀତିକଣ୍ଠ - ସ୍ୱଚ୍ଛ କଣ୍ଠଧାରୀ, ଶିବାପ୍ରିୟ - ପାର୍ବତୀଙ୍କ ପ୍ରିୟ, ଉଗ୍ର - ଅତ୍ୟନ୍ତ ଉଗ୍ରରୂପୀ, କପାଳୀ - କପାଳଧାରଣକାରୀ, କାମାରୀ - କାମନାର ଶତ୍ରୁ, ଅନ୍ଧକାସୁରସୂଦନ - ଅନ୍ଧକ ଦୈତ୍ୟର ବିନାଶକାରୀ, ଗଙ୍ଗାଧାର - ଜଟାରେ ଗଙ୍ଗାଧାରଣକାରୀ, ଲଲାଟାକ୍ଷ - ଲଲାଟରେ ଚକ୍ଷୁଥିବା ଦେବତା, କାଳକାଳ - କାଳର କାଳ, କୃପାନିଧି - କରୁଣାର ଅବତାର, ଭୀମ - ଭୟଙ୍କର ରୂପ ବିଶିଷ୍ଟ, ପରଶୁହସ୍ତ - ହାତରେ ପର୍ଶୁ ବା ଫାର୍ସା ଧାରଣକାରୀ, ମୃଗପାଣୀ - ହାତରେ ହରିଣଧାରଣକାରୀ, ଜଟାଧର - ଜଟା ରଖୁଥିବା ଶିବ, କୈଳାସବାସୀ - କୈଳାସ ନିବାସୀ, କବଚୀ - କବଚ ଧାରଣକାରୀ, କଠୋର - ଅତ୍ୟନ୍ତ ମଜଭୂତ ଶରୀରବିଶିଷ୍ଟ, ତ୍ରିପୁରାନ୍ତକ - ତ୍ରିପୁରାସୁରର ବଧ କରିଥିବା ଦେବତା, ବୃଷାଙ୍ଗ - ବଳଦର ଚିହ୍ନ ଥିବା ପତାକାଧାରଣକାରୀ, ବୃଷଭାରୂଢ଼ - ବୃଷଭ ବାହନରେ ସବାର ହୋଇଥିବା ଦେବତା, ଭସ୍ମୋଦ୍ଧୁଳିତବିଗ୍ରହ - ସାରା ଶରୀରରେ ଭସ୍ମ ବୋଳୁଥିବା ଶିବ, ସାମପ୍ରିୟ - ସାମସଂଗୀତ ପ୍ରେମୀ, ସ୍ୱରମୟୀ - ସାତସ୍ୱରର ଭଣ୍ଡାର, ତ୍ରୟୀଭୂର୍ତ୍ତୀ - ବେଦରୂପୀ ବିଗ୍ରହ, ଅନୀଶ୍ୱର - ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ ଈଶ୍ୱର, ସର୍ବଜ୍ଞ - ସବୁକିଛି ଜାଣିଥିବା ଦେବତା, ପରମାତ୍ମା - ସମସ୍ତ ଆତ୍ମାର ମୂଳତତ୍ତ୍ୱ, ସୋମସୂର୍ଯ୍ୟାଗ୍ନିଲୋଚନ - ଚନ୍ଦ୍ର, ସୂର୍ଯ୍ୟ ଏବଂ ଅଗ୍ନିରୂପୀ ଚକ୍ଷୁବିଶିଷ୍ଟ, ହବି - ଆହୂତିରୂପୀ ଦ୍ରବ୍ୟ ଗ୍ରହଣ କରୁଥିବା ଈଶ୍ୱର, ଯଜ୍ଞମୟ - ଯଜ୍ଞସ୍ୱରୂପ ବିଶିଷ୍ଟ, ସୋମ - ଉମାଙ୍କ ସହିତ ଶିବ, ପଞ୍ଚବକ୍ତ୍ର - ପାଞ୍ଚମୁଖଧାରୀ, ସଦାଶିବ - ନିତ୍ୟ କଲ୍ୟାଣକାରୀ, ବିଶ୍ୱେଶ୍ୱର - ସାରା ବିଶ୍ୱର ଈଶ୍ୱର, ବୀରଭଦ୍ର - ବୀର କିନ୍ତୁ ଶାନ୍ତସ୍ୱରୂପ, ଗଣନାଥ - ଗଣମାନଙ୍କ ସ୍ୱାମୀ, ପ୍ରଜାପତି - ପ୍ରଜାଙ୍କ ପାଳନକାରୀ, ହିରଣ୍ୟରେତା - ସୁବର୍ଣ୍ଣ ଭଳି ଉଜ୍ଜ୍ୱଳ, ଦୁର୍ଦ୍ଧର୍ଷ - କାହାର ପ୍ରଭାବରେ ଦବି ଯାଉନଥିବା ଈଶ୍ୱର, ଗିରୀଶ - ପାହାଡ଼ର ମାଲିକ, ଗିରୀଶ - କୈଳାସ ପର୍ବତରେ ଶୟନ କରୁଥିବା ଈଶ୍ୱର, ଅନଧ - ପାପରହିତ, ଭୁଜଙ୍ଗଭୂଷଣ - ସାପର ଅଳଙ୍କାର ଧାରଣକାରୀ, ଭର୍ଗ - ପାପ ବିନଷ୍ଟ କରୁଥିବା ଦେବତା, ଗିରୀଧନ୍ୱା - ମେରୁ ପର୍ବତକୁ ଧନୁ ଆକାରରେ ଧାରଣକାରୀ, ଗିରୀପ୍ରିୟ - ପର୍ବତପ୍ରେମୀ, କୃତ୍ତିବାସା - ଗଜଚର୍ମ ପିନ୍ଧୁଥିବା ଶିବ, ପୁରାରାତି - ସମସ୍ତ ପୁର ନାଶକାରୀ, ଭଗବାନ - ସର୍ବସମର୍ଥ ଷଡ଼ ଐଶ୍ୱର୍ଯ୍ୟ ସମ୍ପନ୍ନ, ପ୍ରଥମାଧୀପ - ପ୍ରଥମ ଗଣଙ୍କ ଅଧିପତି, ମୃତ୍ୟୁଞ୍ଜୟ - ମୃତ୍ୟୁ ବିଜୟୀ, ସୁକ୍ଷ୍ମତନୁ - ସୂକ୍ଷ୍ମ ଶରୀର ବିଶିଷ୍ଟ, ଜଗଦ୍‌ବ୍ୟାପୀ - ଜଗତରେ ପରିବ୍ୟାପ୍ତ, ଜଗଦ୍‌ଗୁରୁ - ସାରା ଜଗତର ଗୁରୁ, ବ୍ୟୋମକେଶ - ଆକାଶରୂପୀ କେଶଧାରୀ, ମହାସେନଜନକ - କାର୍ତ୍ତିକେୟଙ୍କ ପିତା, ଚାରୁବିକ୍ରମ - ସୁନ୍ଦର ପରାକ୍ରମୀ, ରୁଦ୍ର - ଭକ୍ତଙ୍କ ଦୁଃଖ ଦୂର କରୁଥିବା ଈଶ୍ୱର, ଭୂତପତି - ପଞ୍ଚଭୂତର ସ୍ୱାମୀ, ସ୍ଥାଣୁ - ସ୍ପନ୍ଦନରହିତ କୁଟସ୍ଥ ରୂପ ବିଶିଷ୍ଟ, ଅହିର୍ବୁଧ୍ନ୍ୟ - କୁଣ୍ଡଳିନୀ ଧାରଣକାରୀ, ଦିଗମ୍ବର - ନଗ୍ନ, ଆକାଶରୂପୀ ବସ୍ତ୍ରଧାରୀ, ଅଷ୍ଟମୂର୍ତ୍ତି - ଆଠରୂପ ବିଶିଷ୍ଟ, ଅନେକାତ୍ମା - ଅନେକରୂପବିଶିଷ୍ଟ, ସାତ୍ତ୍ୱିକ - ସତ୍ତ୍ୱ ଗୁଣଧାରୀ, ଶୁଦ୍ଧବିଗ୍ରହ - ଶୁଦ୍ଧମୂର୍ତ୍ତି ଈଶ୍ୱର, ଶାଶ୍ୱତ - ନିତ୍ୟ ଅବସ୍ଥାନକାରୀ, ଖଣ୍ଡପର୍ଶୁ - ଭଗ୍ନ ଫାର୍‌ସାଧାରୀ, ଅଜ - ଜନ୍ମ ଠାରୁ ଉର୍ଦ୍ଧ୍ୱରେ, ପାଶବିମୋଚନ - ବନ୍ଧନରୁ ମୁକ୍ତ କରୁଥିବା ଈଶ୍ୱର, ମୃଡ - ସୁଖସ୍ୱରୂପୀ, ପଶୁପତି - ପଶୁମାନଙ୍କ ଈଶ୍ୱର, ଦେବ - ସ୍ୱୟଂପ୍ରକାଶରୂପୀ, ମହାଦେବ - ଦେବତା ମାନଙ୍କ ଦେବତା, ଅବ୍ୟୟ - ବ୍ୟୟ ହେଉନଥିବା ଦେବତା, ହରି-ବିଷ୍ଣୁସ୍ୱରୂପ, ପୁଷଦନ୍ତଭିତ୍ - ପୁଷାର ଦନ୍ତ ଉପାଡିଥିବା ଦେବତା, ଅବ୍ୟଗ୍ର - କେବେହେଲେ ବ୍ୟଗ୍ର ହେଉନଥିବା ଈଶ୍ୱର, ଦକ୍ଷାଧ୍ୱରହର - ଦକ୍ଷଙ୍କ ଯଜ୍ଞ ନଷ୍ଟକାରୀ, ହର-ପାପସନ୍ତାପ ଦୂରକାରୀ, ଭଗନେତ୍ରଭିଦ୍ - ଭଗ ଦେବଙ୍କ ଚକ୍ଷୁନଷ୍ଟକାରୀ, ଅବ୍ୟକ୍ତ - ଯାହାଙ୍କୁ ବ୍ୟକ୍ତ କରିବା ଅସମ୍ଭବ, ସହସ୍ରାକ୍ଷ - ଅସୀମ ଚକ୍ଷୁବିଶିଷ୍ଟ, ସହସ୍ରପାଦ - ଅନନ୍ତ ପାଦ ବିଶିଷ୍ଟ, ଅପବର୍ଗପ୍ରଦ - କୈବଲ୍ୟ ମୋକ୍ଷ ପ୍ରଦାନକାରୀ, ଅନନ୍ତ - ଦେଶକାଳବସ୍ତୁରୂପୀ ପରିଚ୍ଛେଦରୁ ମୁକ୍ତ, ତାରକ - ସମସ୍ତଙ୍କ ଉଦ୍ଧାରକାରୀ, ପରମେଶ୍ୱର - ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ ଈଶ୍ୱର।

ମଣିଷ ଜୀବନ, ପଦାର୍ଥ, ସାରା ଜଗତ୍, ବିଶ୍ୱ ବ୍ରହ୍ମାଣ୍ଡ ବାବଦରେ ଯାହା ଜାଣେ, ତାହା କେବଳ ଏକ ଶକ୍ତି, ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ। ଏହା ଆଧୁନିକ ବିଜ୍ଞାନ ସମ୍ମତ ମଧ। ବିଜ୍ଞାନ ପାଇଁ ଯାହା ତଥ୍ୟ, ଜଣେ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା। ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ। ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ। ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ।

ସେଥିପାଇଁ ମହାଶିବରାତ୍ରୀକୁ ନିଷ୍ଚଳତାର ଦିନ କୁହାଯାଇଥାଏ। ମହାଶିବରାତ୍ରୀ ଏକ ତପସ୍ୱୀ ଏବଂ ଜିଜ୍ଞାସୁ ସମ୍ମୁଖରେ ଅନେକ ସମ୍ଭାବନା ସୃଷ୍ଟି କରିଥାଏ। ଏହି ଦିବସରେ ମନୁଷ୍ୟ ଧ୍ୟାନ ଏବଂ ଶିବ ଆରାଧନାରେ ସମୟ ବ୍ୟତୀତ କଲେ ପରମ ଆନନ୍ଦ ଲାଭ କରିପାରିବ। ଯାହା ମନୁଷ୍ୟକୁ ଜୀବନ ଜିଇଁବାର ପ୍ରେରଣା ଯୋଗାଇବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,
ମୋ: ୮୯୧୭୩୭୭୯୮୭

## ଜପ ଶିବ ସ୍ତୋତ୍ର

ଅସୀମା ପ୍ରଧାନ

ଶିବ ଭଗବାନଙ୍କୁ କର ନମସ୍କାର
ସ୍ତୋତ୍ର ରହିଅ ଛି ଛଅଟି ତ ଅକ୍ଷର ॥
ଓଁ ନମଃ ଶିବାୟ ଉଚ୍ଚାରି ତୁଣ୍ଡେ
ଲଗାଅ ଭକ୍ତିରେ ଶିବ ପାଦୁକା ମୁଣ୍ଡେ ॥
ନ କାର ଦେବତା ସେ ଦେବ ମହାଦେବ
ପୁଜନ୍ତି ଯାହାଙ୍କୁ ଋଷି ଉର୍ବଶୀ ଦେବା।
ମହାନ୍ ଦେବତା ସେହି ତ ମହାପାପ ହାରୀ
ଦୁଃଖ ନିବାରକ ସମସ୍ତ ଶୋକ ହାରୀ ॥
ଶିବ ଶାନ୍ତ ମଙ୍ଗଳ ଅନୁଗ୍ରହକାରୀ
ଅଦ୍ୱିତୀୟ ମଙ୍ଗଳମୟ ତ୍ରିପୁରାରୀ ॥
ବାସୁକି କଣ୍ଠ ହାର ବୃଷଭ ବାହନ
ବାମ ପାଶର୍ଦ୍ୱେ ଶକ୍ତିକୁ କରନ୍ତି ଧାରଣ ॥
ଯତ୍ର ତତ୍ର ସର୍ବତ୍ର ବ୍ୟାପ୍ତ ମହେଶ୍ୱର
ଦେବତାଙ୍କ ଗୁରୁ ଅଟ ହେ ମହା ଶଙ୍କର॥
ଶ୍ରୀ ଶିବ ଷଡାକ୍ଷର ସ୍ତୋତ୍ର ମନ୍ତ୍ର ଜପି
ଭବ ସାଗର ତ ତରନ୍ତି ସର୍ବ ପାପି ॥
ସାରା ସଂସାରରେ ସାର ଶିବଙ୍କ ନାମ
ଭଜି ପାରି ହେବ ପୂର୍ଣ୍ଣ ମନୋକାମ ॥
ଶିବ ଜପି ଅସମ୍ଭବ ହୁଏ ସମ୍ଭବ
ପାରି କରିହେବ ପରା ସଂସାର ଭବ ।।
ଜୀବନର ଅମା ଅ ନ୍ଧକାରରେ ପଥ
ଦେଖାଇ ଦିଅନ୍ତି ସେ ତ୍ରୈଲୋକ୍ୟନାଥ ।।
ସୁଖ ଶାନ୍ତି ଶୌର୍ଯ୍ୟ ସମୃଦ୍ଧି ପ୍ରଦାୟକ
ହର ସବୁ ତ କ୍ଲେଶ ବାଧା ବିଘ୍ନ ଯାକ ॥

ବୀରମହାରାଜପୁର, ସୁବର୍ଣ୍ଣପୁର



## ବିଶ୍ୱ ହେବ ମଧୁମୟ..

ରାମଚନ୍ଦ୍ର ବେହେରା



ପୂଣ୍ୟ ଫଗୁଣର କୃଷ୍ଣ ଚତୁର୍ଦ୍ଦଶୀ
ଆସିଛି ମରତ ଧାମେ
ହର ପାର୍ବତୀଂକ ବିବାହ ତିଥିକୁ
ପାଳିବେ ଜଗତ ଜନେ
ହସିବ ଉତ୍କଳ ଭୂଇଁ
ସାରା ଶୈବପୀଠ ଚମକି ଉଠିବ
ନୂଆ ବେଶେ ସଜହୋଇ।
ପ୍ରାତଃ ସ୍ନାନ କରି ଭକ୍ତି ଅର୍ଘ୍ୟ ଧରି
ଶିବାଳୟ ଯିବେ ଜନେ
କ୍ଷୀର ବେଲପତ୍ର ଗଇସ ଦୁଦୁରା
ଚଢାଇବେ ଖୁସି ମନେ
ନିଶି ଆଗମନେ ସର୍ବେ
ମନ୍ଦିର ବେଢାରେ ପ୍ରଦୀପ ଜାଳିବେ
ଗାଇ ଶିବ ସ୍ତୁତି ଗର୍ବେ।
ପୂଣ୍ୟ ନିଶାର୍ଦ୍ଧର ଶୁଭ ମୁହୂର୍ତ୍ତରେ
ମହାଦୀପ ନୀତି ହେବ
ମୃଦଂଗ କାହାଳୀ ଶଂଖ ହୁଳହୁଳି
ଭକ୍ତିର ପୁଲକ ଦେବ
ସଭିଏଁ ଉଠିବେ ଚେଇଁ
ବିଶ୍ୱ ହିତ ପାଇଁ ଶିବଂକୁ ସ୍ମରିବେ
ଓଁ ନମଃ ଶିବାୟ ଗାଇ।
ଶିବ କୃପା ବଳେ ଋଷି ମାର୍କେଣ୍ଡେୟ
ପାଇଥିଲେ ପୁନର୍ଜନ୍ମ
ଶିବ ନାମ ଜପି ଅମରତ୍ୱ ଲଭି
ସଂସାରେ ହୋଇଲେ ଧନ୍ୟ
ଆସ ହୋଇ ସର୍ବେ ମେଳି
ହର ପାର୍ବତୀଂକୁ ଶ୍ରଦ୍ଧାରେ ପୂଜିବା
ବିନମ୍ର ପ୍ରଣତି ଢାଳି।
କୋପେ ବର ଅବା ତପେ ବର ପ୍ରଭୁ
ଦୂରେଇବେ ଆମ ଦୁଃଖ
ହିଂସା ରାଗ ଦ୍ୱେଷ ଦୂରେଇ ପରାଣୁ
ବାଣ୍ଟିବେ ପରମ ସୁଖ
ଦୂରେଇବ ଯୁଦ୍ଧ ଭୟ
ଶାନ୍ତି ମୈତ୍ରୀଭାବ ଆଦରିବେ ଜନେ
ବିଶ୍ୱ ହେବ ମଧୁମୟ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଶାସକ-ବିରୋଧୀ ତର୍କରେ ଗର୍ଜିଲା ଛାତ୍ର ସଂସଦ




ବାଲେଶ୍ୱର, ୧୪/୨ (ନି.ପ୍ର): ଛାତ୍ରଛାତ୍ରୀଙ୍କୁ ସଂସଦୀୟ ପ୍ରକ୍ରିୟା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ବନ୍ଧରେ ପ୍ରାୟୋଗିକ ଅନୁଭବ ଦେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ 'ସମଗ୍ର ଶିକ୍ଷା' ପକ୍ଷରୁ ସ୍ଥାନୀୟ ପିଏମ୍ ଶ୍ରୀ ଜିଲ୍ଲା ସ୍କୁଲ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ଆଦର୍ଶ ସଂସଦ ଓ କଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଡ଼ଃ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ପ୍ରେସିଡେଣ୍ଟ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ ମହୋଦୟ ଉଦ୍ଘାଟନ କରି ଛାତ୍ରଛାତ୍ରୀଙ୍କୁ ସଂସଦୀୟ ପଦ୍ଧତି ସମ୍ବନ୍ଧରେ ଅବଗତ କରାଇଥିଲେ। ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟ ରେ ଅନୁମୋଦନ ହୋଇଥିବା ୧୨ଟି ପିଏମ୍ ଶ୍ରୀ ବିଦ୍ୟାଳୟରୁ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଆଦର୍ଶ ସଂସଦ ଅଧିବେଶନ ରେ ସାଂସଦ, ମନ୍ତ୍ରୀ, ବିରୋଧୀଦଳ ନେତା ଭାବରେ ଅଭିନୟ କରିଥିଲେ। ଶାସକ ଓ ବିରୋଧୀ ଦଳର ଭୂମିକା ନିଭାଇ ସେମାନେ ପ୍ରଶ୍ନୋତ୍ତର, ତର୍କବିତର୍କ ଓ ବିଲ୍ ପାସ୍ ପ୍ରକ୍ରିୟାକୁ ଜୀବନ୍ତ କରିଥିଲେ। କେତେକ ସମୟରେ ବିରୋଧୀ ଦଳର ହଟ୍ଟଗୋଳ ଯୋଗୁ ଗୃହକୁ ମୁଲତବି କରିବାକୁ ପଡ଼ିଥିଲା, ଯାହା ପ୍ରକୃତ ସଂସଦୀୟ ପରିବେଶର ଅନୁଭୂତି ଦେଇଥିଲା। ଏହି ପ୍ରତିଯୋଗିତାରେ ବିଚାରକ ଭାବେ କେ.କେ.ଏସ୍ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ: ପ୍ରଦୋଷ କୁମାର ଜେନା ଓ ଫକୀର ମୋହନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ: ସୁବ୍ରତ ବିଶ୍ୱାଳ ଯୋଗଦେଇଥିଲେ। ପ୍ରତିଯୋଗିତାରେ ସୋର ସତ୍ୟାନନ୍ଦ ବିଦ୍ୟାଳୟର ଛାତ୍ରୀ ଶାନବି ବିଶ୍ୱାଳ ଓ ଶ୍ୟାମ ସୁନ୍ଦର ଉଚ୍ଚ ବିଦ୍ୟାଳୟର ଛାତ୍ର ଗଣେଶ ପ୍ରସାଦ ପାତ୍ର ରାଜ୍ୟସ୍ତର ରେ ହେବାକୁ ଥିବା Model United Nations ପାଇଁ ମନୋନୀତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ର ଯୋଜନା ସଂଯୋଜକ, ଖଗେଶ୍ୱର ମହାରଣା ଓ ଡ:କୌଶିକ କୁମାର ଦାସ ସକ୍ରିୟ ଭୂମିକା ନିଭାଇଥିଲେ। ଦ୍ୱିତୀୟ ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ସହ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

## ଚାନ୍ଦଗୋଛି ମଠରେ କୁମ୍ଭ ମେଳା: ୧୨ହଜାର ଭକ୍ତଙ୍କ ସମାଗମ



ଖଇରା, ୧୪/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଗୁରୁବାର ସଂଧ୍ୟାରେ ଅଧିବାସ ସହ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଦିନ ଦିବସ ବ୍ୟାପି ନାମ ସଙ୍କୀର୍ତ୍ତନ ଓ ଯଜ୍ଞ କର୍ମ ଆୟୋଜନ କରାଯାଇଥିଲା । ଅନ୍ୟୁନ ୧୨ହଜାର ଶ୍ରଦ୍ଧାଳୁ ଗୋପେଶ୍ୱର ମହାଦେବ ଓ ଗିରିଧାରୀ ଲାଲଙ୍କ ଦର୍ଶନ କରି ଆଶିର୍ବାଦ ଗ୍ରହଣ କରିଥିଲେ । ସଂଧ୍ୟାରେ ମଠ ସଞ୍ଚାଳକ ଇଷ୍ଟବନ୍ଧୁ ବିଶ୍ୱରୂପ ପରମହଂସଦେବ ଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଖନ୍ତାପଡାର ପର୍ଯ୍ୟଟକ ମହାରାଜ, ଭଦ୍ରକର ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇ ଆଧ୍ୟାତ୍ମିକତାରେ ପ୍ରକୃତ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ । ଆଶ୍ରମର ଅନ୍ତେବାସୀ ହରି ଗୋପଳ ଠାକୁର,ଶ୍ୟାମସୁନ୍ଦର ଦାସ,ବୃନ୍ଦବନ ଦାସ,ତୁଳସୀ ଦାସ ଙ୍କ ସମେତ ଚାନ୍ଦଗୋଛି ଓ ଝାଟିଆ ଗ୍ରାମବାସୀ ମେଳା ପରିଚାଳନାରେ ସହଯୋଗ କରିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା,ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ,ଜିଲା ପରିଷଦ ସଭ୍ୟ ମାନସ ଦାସ,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଶ୍ୟାମସୁନ୍ଦରପୁର ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି ପ୍ରମୁଖ ମେଳା ପରିଦର୍ଶନ କରିଥିଲେ ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପିତୃମାତୃ ପୂଜନ ସମାରୋହ ଅନୁଷ୍ଠିତ



ବଡ଼ସାହି , ୧୪/୨ (ନି.ପ୍ର): ଆଜି ସବୁଠି ଭାଲେଂଟାଇନ ଡେ ପାଳନ ହେଉଥିବା ବେଳେ ସ୍ଥାନୀୟ ବିବେକାନନ୍ଦ ବିହାର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ପିତୃ ମାତୃ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିଲେ। ପ୍ରଥମେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପିଲାମାନଙ୍କୁ ଆଜିର ଦିବସରେ ପିତାମାତାଙ୍କୁ କାହିଁକି ପୂଜା କରିବା ଆବଶ୍ୟକ, ଭାରତୀୟ ସଂସ୍କୃତିରେ ଏହାର ଉପାଦେୟତା କ'ଣ ରହିଛି ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଦୀପକ କୁମାର ଦାସ, ମଳୟ ମଞ୍ଜରୀ ରଥ, କାର୍ତ୍ତିକ ସେଠୀ, ସୋନକ୍ଷି ଦଣ୍ଡପାଟ, ସୌମ୍ୟରଞ୍ଜନ ନାୟକ ଅଦି ଯୋଗଦାନ କରି ପିତାମାତା ହେଉଛନ୍ତି ଜୀବନ୍ତ ଦେବତା ତାଙ୍କୁ ପ୍ରଣାମ କରିବା ଓ ତାଙ୍କ ପାଦ ସେବା କଲେ ଅଶେଷ କଲ୍ୟାଣ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। କେହି ପିତା ମାତାଙ୍କୁ ହତାଦର ନକରି ସାରା ଜୀବନ ସେବା କରିବା ଓ ବୃଦ୍ଧାବସ୍ଥାରେ ତାଙ୍କର ଆଶାବାଡ଼ି ହୋଇ ସହାୟତା ପ୍ରଦାନ କରିବା ଲାଗି ସମସ୍ତ ପିଲାମାନେ ଶପଥ ଗ୍ରହଣ କରିଥିଲେ। ଦଶଜଣ ପିତା ଓ ଆଠଜଣ ମାତାଙ୍କୁ ପିଲାମାନେ ଓଡ଼ିଆର ପରମ୍ପରା ସହିତ ପୂଜା ଅର୍ଚ୍ଚନା କରିଥିଲେ। ସୌଭାଗ୍ୟବତୀ ରାଉତ, ବୀଣାପାଣି ବାରିକ, ରଣଜିତ୍ ମହାନ୍ତି, ରୀନା ଷଡ଼ଙ୍ଗୀ, ଆକାଶ ନାୟକ, ମଧୁସ୍ମିତା ଦଳେଇ, ଗୋବିନ୍ଦ ହେମ୍ବ୍ରମ, ଜାହ୍ନବୀରାଣୀ ସାହୁ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରାଜଧାନୀରେ ୱାନ ମ୍ୟାନ ଆର୍ମି ଚୋର

ଭୁବନେଶ୍ୱର, ୧୪/୨ (ନି.ପ୍ର):ଏକୁଟିଆ ଆସୁଛି ଆଉ ଘରେ ପଶି ଲୁଟି ନେଉଛି ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା। ଖଣ୍ଡଗିରି ଥାନା ଅଂଚଳରେ ଦେଖିବାକୁ ମିଳିଛି ଏହି ୱାନ ମ୍ୟାନ ଆର୍ମି ଚୋରକୁ। ସିସିଟିଭି ଫୁଟେଜରୁ ଏହା ଜଣାପଡିଛି। ଏହା ସହର ଚୋରର ରେକି ବେଳର ଦୃଶ୍ୟ କଏଦ ମଧ ହୋଇଛି ସିସିଟିଭିରେ। ପୂର୍ବ ପ୍ରସ୍ତୁତି ମୁତାବକ ଚୋର ଚୋରି କରି ଚମ୍ପଟ ମଧ ମାରୁଛି । ଘଟଣାଟି ଘଟିଛି ଡୁମୁଡୁମା ରଣସିଂପୁରରେ । ପ୍ରାୟ ୮୦ ଗ୍ରାମ ସୁନା ଅଳଙ୍କାର ସହ ୨୦ ହଜାର ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି।

## ଲଙ୍ଗଳେଶ୍ୱରରେ ଆଦିବାସୀ ଅଧିକାର ସମ୍ମିଳନୀ: ସ୍ୱତନ୍ତ୍ର ଧର୍ମ ସ୍ୱୀକୃତି ପାଇଁ ଗର୍ଜନ



ବାଲିଆପାଳ , ୧୪/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଆଜି ଏକ ବିଶାଳ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଦିବାସୀ ସମ୍ପ୍ରଦାୟର ଅସ୍ତିତ୍ୱ, ପରିଚୟ ଓ ଅଧିକାର ସୁରକ୍ଷା ପାଇଁ ଜୋରଦାର ଆଲୋଚନା ହୋଇଥିଲା। ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ ଆଦିବାସୀମାନଙ୍କର ଜୀବନ ପ୍ରଣାଳୀ, ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ଓ ଆସ୍ଥା ବ୍ୟବସ୍ଥା ଭାରତର ଅନ୍ୟ ଧର୍ମ ଓ ସଂସ୍କୃତିଠାରୁ ପୃଥକ। ଏହି କାରଣରୁ ଆଦିବାସୀ ମାନଙ୍କୁ ଅଲଗା ଧର୍ମ ଭାବେ ସରକାରୀ ସ୍ତରରେ ସ୍ୱୀକୃତି ଦେବାକୁ ମଞ୍ଚରୁ ଦାବି ଉଠିଥିଲା। ବକ୍ତାମାନେ କହିଥିଲେ, ପରିଚୟର ସୁରକ୍ଷା ହେଉଛି ଅଧିକାରର ମୂଳ, ଏବଂ ସ୍ୱତନ୍ତ୍ର ଧର୍ମ ସ୍ୱୀକୃତି ମିଳିଲେ ଆଦିବାସୀମାନଙ୍କ ସାମାଜିକ ଓ ସାଂସ୍କୃତିକ ଅଧିକାର ଅଧିକ ସୁରକ୍ଷିତ ହେବ।ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ଶ୍ରୀ ସାଲଖାନ ମୁର୍ମୁ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ସେନା କର୍ମଚାରୀ ପିତାମ୍ବର ମୁର୍ମୁ ଉପସ୍ଥିତ ଥିଲେ। ବୀର ସିଦ୍ଧୁ କାହ୍ନୁ ସଂଗଠନର ଜିଲ୍ଲା ସହ ସମ୍ପାଦକ ପ୍ରିୟନାଥ ମୁର୍ମୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ବାସନ୍ତୀ କିସ୍କୁ, ଜିଲ୍ଲା ସଭାପତି ବୈଦ୍ୟନାଥ ମୁର୍ମୁ, ଜିଲ୍ଲା ସଂଗଠକ ବାବୁଲି ମାଝୀ, ବାଦଲ ମୁର୍ମୁ, ଗଣେଶ ହେମ୍ବ୍ରମ, କଟି ମାରାଣ୍ଡି, ରତ୍ନାକର ମୁର୍ମୁ, ସୁନାରାମ ମାରାଣ୍ଡି ଓ ମଧୁସୂଦନ ହେମ୍ବ୍ରମ ପ୍ରମୁଖ ନେତୃବୃନ୍ଦ ଆଦିବାସୀ ଅଧିକାର ପାଇଁ ମତ ପ୍ରକାଶ କରିଥିଲେ। ପ୍ରାୟ ୫୦୦ରୁ ଅଧିକ ଆଦିବାସୀ ଭାଇଭଉଣୀଙ୍କ ସକ୍ରିୟ ଉପସ୍ଥିତି ସମ୍ମିଳନୀକୁ ଆନ୍ଦୋଳନମୟ ରୂପ ଦେଇଥିଲା। ଶେଷରେ ସମସ୍ତେ ଏକ ସ୍ୱରରେ କହିଥିଲେ ପରିଚୟର ସୁରକ୍ଷା ହେଉଛି ଅଧିକାରର ସୁରକ୍ଷା, ଏବଂ ଆଦିବାସୀମାନଙ୍କୁ ସ୍ୱତନ୍ତ୍ର ଧର୍ମ ଭାବେ ସରକାର ଶୀଘ୍ର ସ୍ୱୀକୃତି ଦିଅନ୍ତୁ।

## ଆମ୍ବଗଡିଆ ଗ୍ରାମରୁ ଚୋରୀ: ଲୁଟିନେଲେ ୧୦ଲକ୍ଷ ଟଙ୍କା ଓ ଅଳଙ୍କାର

ଖଇରା, ୧୪/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ସାରଡାଙ୍ଗ ପଞ୍ଚାୟତ ଅଧୀନ ଆମ୍ବଗଡିଆ ଗ୍ରାମର ବଂଶୀଧର ମାଝୀଙ୍କ ଘରୁ ଶୁକ୍ରବାର ରାତିରେ ବଡ ଧରଣର ଚୋରୀ ହୋଇ ଯାଇଥିବା ନେଇ ଅଭିଯୋଗ ହୋଇଛି । ବଂଶୀଧର ଏବେ କଟକ ବଡମେଡିକାଲରେ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଭଲମନ୍ଦ ବୁଝିବାକୁ ତାଙ୍କ ଝିଅ ପାଖରେ ରହିଛନ୍ତି । ଏବେ ଘରେ ତାଲା ପଡିଥିବା ବେଳେ ଏହି ମଉକାରେ ଚୋର ମାନେ ଶୁକ୍ରବାର ରାତିରେ ଘରତାଲା ଭାଙ୍ଗି ନଗଦ ୧୦ଲକ୍ଷ ଟଙ୍କା ସହିତ ସମସ୍ତ ଅଳଙ୍କାର ଲୁଟି ନେଇଥିବା ଝିଅ ଆରତୀ ମାଝୀ ଖଇରା ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଅଭିଯୋଗର ୮ଘଣ୍ଟା ପରେ ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତବେ ଏଭଳି ବିଳମ୍ବକୁ ନେଇ ଆମ୍ବଗଡିଆବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୫ ଫେବୃଆରୀ ୨୦୨୬
email :
rabibarachayan2015@gmail.com





# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୨୬ ମୁଖ୍ୟ ଶିଷ୍ୟଦ୍ୱୟ (ଖ)

ଶାକ୍ୟ ଜାତିର ଜଣେ ମହାନ ତପସ୍ୱୀ ଅଛନ୍ତି ଯିଏ ଗୃହହୀନ ଜୀବନ ଅନୁସରଣ କରିବା ପାଇଁ ନିଜ ଗୃହ ଓ ରାଜ୍ୟ ତ୍ୟାଗ କରିଛନ୍ତି। ତାଙ୍କୁ ଅନୁସରଣ କରିବା ପାଇଁ ମୁଁ ଗୃହତ୍ୟାଗ କରିଛି। ସେ ମୋର ଗୁରୁ। ମୁଁ ଯାହା ଅନୁକରଣ ଓ ଅଭ୍ୟାସ କରେ, ତାହା ତାଙ୍କରି ଶିକ୍ଷା।"

"ଆଉ ସେହି ଶିକ୍ଷା କ'ଣ ମହାଶୟ? ଆପଣଙ୍କର ଗୁରୁ କି ଉପଦେଶ ଦିଅନ୍ତି? ମୁଁ ମଧ ତାହା ଜାଣିବାକୁ ଚାହେଁ।" ଉପତିସ୍ସା ଉତ୍ସାହର ସହ କହିଲେ। ମନେକଲେ ହୁଏତ ଶେଷରେ ସେ ଏହି ତପସ୍ୱୀଙ୍କ ଠାରୁ ଜୀବନର ସେହି ସତ୍ୟ ବିଷୟରେ ଶୁଣିବାକୁ ଯାଉଛନ୍ତି ଯାହା ପାଇଁ ସେ ଓ ତାଙ୍କ ବନ୍ଧୁ କୋଲିତା ଦୀର୍ଘଦିନ ଧରି ଖୋଜି ଚାଲିଥିଲେ।

"ମୁଁ ବୁଦ୍ଧଙ୍କ ସନ୍ନ୍ୟାସୀ-ଜୀବନ ଆପଣେଇଥିବା ଜଣେ ନବ ଆଗନ୍ତୁକ", ତପସ୍ୱୀ ବିନମ୍ରତାପୂର୍ବକ ଉତ୍ତର ଦେଲେ। "ମୁଁ ବୁଦ୍ଧଙ୍କ ଶିକ୍ଷା ଅଧ୍ୟୟନ କରିବା ବହୁତ କମ୍ ସମୟ ହେଲା ଆରମ୍ଭ କରିଛି। ତେଣୁ ମୁଁ ତାଙ୍କ ଶିକ୍ଷା ବିଷୟରେ ଏ ପର୍ଯ୍ୟନ୍ତ ବିଶେଷ କିଛି ଜାଣିନାହିଁ। ମୁଁ ତୁମକୁ ଏହା ଠିକ୍‌ଠିକ୍ କରି ବୁଝାଇ ପାରିବି ନାହିଁ। କିନ୍ତୁ ଯଦି ତୁମେ ଚାହୁଁଛ ତେବେ ମୁଁ ତୁମକୁ ଏହାର ସାରାଂଶ ସଂକ୍ଷେପରେ କହିପାରିବି।"

ଉପତିସ୍ସା ସଂଗେସଂଗେ କହିଲେ, "ଭାଇ, ମୁଁ ସେସବୁତ ଚାହୁଁଛି। ମୋତେ ସେହି ସାରାଂଶ କୁହ। ମୁଁ ସେହି ସାରାଂଶ ହିଁ ଚାହୁଁଛି। ଏ ବିଷୟରେ ଏତେ କଥା କହିବା କ'ଣ ଦରକାର?"

"ଭଲ କଥା। ତା'ହେଲେ ଶୁଣ," - ତପସ୍ୱୀ କହିଲେ।

ବୁଦ୍ଧ ଶିକ୍ଷା ଦେଲେ :

"ସବୁ ଜିନିଷର ଏକ କାରଣ ଅଛି।

ବୁଦ୍ଧ ଏହା ଜାଣନ୍ତି।

ସେ ମଧ ଏହା ଜାଣନ୍ତି ଯେ ଯଦି କୌଣସି କାରଣ ନାହିଁ ତେବେ କୌଣସି ପରିଣାମ ନାହିଁ।

ଏହାହିଁ ସେ ଶିଖାଇଥା'ନ୍ତି।"

ଉପତିସ୍ସା ଯାହାକୁ ଭେଟି କଥା ହେଉଥିଲେ, ତାଙ୍କ ନାମ ଥିଲା ଅସ୍ସଜୀ। ଅସ୍ସଜୀ ପ୍ରଥମ ପାଞ୍ଚ ଜଣ ଭିକ୍ଷୁଙ୍କ ମଧ୍ୟରୁ ଜଣେ ଥିଲେ ଯେଉଁମାନେ ବୁଦ୍ଧଙ୍କ ପ୍ରଥମ ପ୍ରବଚନ ଶ୍ରବଣ କରିଥିଲେ।

ପୂଜ୍ୟ ଅସ୍ସଜୀ କେବଳ ଦୁଇଟି ଧାଡ଼ି କହିଲେ, କିନ୍ତୁ ଉପତିସ୍ସା ଏତେ ଚତୁର ଥିଲେ ଯେ ସେ ଅନ୍ୟ ଦୁଇଗୋଟି ଧାଡ଼ି ଏବଂ ସମଗ୍ର ପଦଟିର ଅର୍ଥ ବୁଝିପାରିଲେ। ସେ ଏହି ସତ୍ୟକୁ ହୃଦୟଙ୍ଗମ କରିପାରିଲେ ଯେ ଯାହା କେବେ ଅସ୍ତିତ୍ୱରେ ଆସିଛି କିମ୍ବା କେବେ ଅସ୍ତିତ୍ୱରେ ଆସିବ, ତାହା ନିଶ୍ଚୟ ଲୋପପାଇବ। ସେ ତପସ୍ୱୀଙ୍କୁ କହିଲେ - "ଯଦି ଏହା ତୁମେ ତୁମ ଗୁରୁଠାରୁ ଶିଖିଛ; ତେବେ ପ୍ରକୃତରେ ତୁମେ ଦୁଃଖମୁକ୍ତ, ମୃତ୍ୟୁମୁକ୍ତ ଅବସ୍ଥା ପାଇଯାଇଛ ଯାହା ଯୁଗଯୁଗ ଧରି ମନୁଷ୍ୟ ମାନଙ୍କୁ ଜଣାଯାଇନାହିଁ।" ତତ୍ପରେ ସେ ତାଙ୍କୁ ଧନ୍ୟବାଦ ଦେଲେ, ଉପଯୁକ୍ତ ସମ୍ମାନ ଦେଲେ ଏବଂ ତାଙ୍କଠାରୁ ବିଦାୟ ନେଲେ। ସେ ତାଙ୍କ ବନ୍ଧୁ କୋଲିତାଙ୍କୁ ଖୋଜି ତାଙ୍କୁ ଏହି ମହାନ ଖବର ଦେବାକୁ ଚାହୁଁଥିଲେ ଯେ ଶେଷରେ ସେ ଯାହା ଚାହୁଁଥିଲେ ତାହା ପାଇଗଲେ।



କିଛି ସମୟ ପରେ ସେ ତାଙ୍କ ବନ୍ଧୁଙ୍କୁ ଭେଟିଲେ ଏବଂ ସେ କିଛି ପ୍ରକାଶ କରିବା ଆଗରୁ କୋଲିତା କହିଲେ -

"ତୁମର ମୁହଁ ଏତେ ସ୍ପଷ୍ଟ ଏବଂ ଉଜ୍ଜ୍ୱଳ କାହିଁକି ଭାଇ! ଶେଷରେ କ'ଣ ତୁମେ ଜୀବନର ସତ୍ୟ ଖୋଜିପାଇଛ, ଯାହାକୁ ଆମେ ଦୁହେଁ ଦୀର୍ଘଦିନ ଧରି ଖୋଜୁଥିଲେ?"

"ଏହା ସତ ଭାଇ, ଏହା ସତ। ମୁଁ ଜୀବନର ସତ୍ୟକୁ ପାଇଯାଇଛି।" - ଉପତିସ୍ସା ଆନନ୍ଦରେ ଉତ୍ତର ଦେଲେ।

"କିନ୍ତୁ କିପରି ଭାଇ କିପରି?" କୋଲିତା ଉତ୍ସାହର ସହିତ ପଚାରିଲେ।

ଯେତେବେଳେ ଉପତିସ୍ସା ଏହା ପାଇବାର ସମସ୍ତ କଥା ବର୍ଣ୍ଣନା କଲେ, କୋଲିତା ମଧ ଜୀବନର ସତ୍ୟକୁ ଅନୁଭବ କଲେ ଏବଂ ଉଭୟେ ବୁଦ୍ଧଙ୍କୁ ଦର୍ଶନ କରିବାକୁ ଅଗ୍ରସର ହେଲେ। ଯେହେତୁ ସେମାନେ ତାଙ୍କୁ ଶିକ୍ଷା ପୂର୍ବରୁ ଜାଣିଥିଲେ, ତେଣୁ ବୁଦ୍ଧଙ୍କ ପାଇଁ ସେମାନଙ୍କୁ ସନ୍ନ୍ୟାସୀ କରିବା ବହୁତ ସହଜ ହେଲା। ଅଳ୍ପ ସମୟ ମଧ୍ୟରେ ବୁଦ୍ଧ ସେମାନଙ୍କୁ ତାଙ୍କର ମୁଖ୍ୟ ଶିଷ୍ୟରେ ପରିଣତ କରିଦେଲେ। ସାରୀପୁତ୍ତଙ୍କ ପ୍ରଜ୍ଞା ଓ ମୋଗଲ୍ଲାନଙ୍କ ଚମତ୍କାରୀ ଶକ୍ତି ବୌଦ୍ଧ ଇତିହାସରେ ବେଶ୍ ସୁପରିଚିତ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



ଯାହା ଶବ୍ଦ ଉଚ୍ଚାରଣରେ ମୁଁ ପ୍ରକାଶ କରେ ତାହା ହେଉଛି ନୀରବତାର ଅଭିବ୍ୟକ୍ତି। ଅର୍ଥାତ୍ ମୋ ଉଚ୍ଚାରିତ ଶବ୍ଦଗୁଡ଼ିକ ହେଉଛନ୍ତି ମୌନତାର ମାର୍ମିକ ଭାଷା। ମୁଁ କଥା କହେ ବା ନୀରବ ରହେ ମୁଁ ଲେଖେ କିମ୍ବା ନ ଲେଖି ଧ୍ୟାନସ୍ଥ ହୁଏ - ଏ ସବୁକିଛି ହେଉଛି ନୀରବତାର ପରିଶୁଦ୍ଧ ପ୍ରେମ। ତାଙ୍କରି ଦ୍ୱାରା ପ୍ରେମାଚ୍ଛନ୍ନ ହେବା ପରେ ଆଉ ସେଥିରୁ ମୁକ୍ତ ହେବାକୁ କାହିଁକି ଚାହିଁବି ମୁଁ? କାରଣ ସେ ମୋତେ ପ୍ରଦାନ କରିଛନ୍ତି ପ୍ରଗାଢ଼ ବନ୍ଧନର ମମତାପୂର୍ଣ୍ଣ ସ୍ପର୍ଶ। ସେ ମୋତେ ଏପରି ଭାବରେ ନିର୍ମାଣ କରୁଛନ୍ତି, ଯାହା ଫଳରେ ତାଙ୍କରି ତତ୍ତ୍ୱାବଧାନରେ ରହି ଓ ବିଶ୍ୱସମ୍ରାଟଙ୍କ ପ୍ରତି ମୋର ଶ୍ରେଷ୍ଠ ନୈବେଦ୍ୟ ଅର୍ପଣ କରିବାରେ ସକ୍ଷମ ହେବି। ନୀରବତା ମୋ ପାଇଁ ଠାକୁର ପୂଜାର ପ୍ରକୋଷ୍ଠ। ନୀରବତା ମୋ ପାଇଁ ପ୍ରସ୍ଫୁଟିତ ପୁଷ୍ପର ସୌନ୍ଦର୍ଯ୍ୟ। ନୀରବତା ମୋ ଲାଗି ହୃଦୟସ୍ପର୍ଶୀ ସଂଗୀତର ରାଗିଣୀ। ଏହାରି ମାଧ୍ୟମରେ ମୋର ଈଶ୍ୱର ଆରାଧନା ହୁଏ ଅର୍ଥପୂର୍ଣ୍ଣ, ସାର୍ଥକ ଓ ନବଜୀବନ ପ୍ରଦାନକ୍ଷମ। ମୋର ଏହି ନୀରବତା ହିଁ ହେଉଛି ଶ୍ରେଷ୍ଠ ପ୍ରାର୍ଥନା। ଏହି ପ୍ରାର୍ଥନାର ସ୍ୱର ଯାହାଙ୍କ ହୃଦୟ ମଧ୍ୟକୁ ପହଞ୍ଚିବା ଆବଶ୍ୟକ ତାହା ଅଚିରେ ପହଞ୍ଚି ପାରେ ବୋଲି ମୋର ଦୃଢ଼ ବିଶ୍ୱାସ। ଶବ୍ଦରେ ନୁହେଁ, ମନ୍ତ୍ରରେ ନୁହେଁ ନୀରବତାରେ ହିଁ ମୋର ସକଳ ନିରାଜନା ହୁଏ ପୂର୍ଣ୍ଣତାପ୍ରାପ୍ତ। ସେହି ପୂର୍ଣ୍ଣତାରୁ ଆଉ ଏକ ପୂର୍ଣ୍ଣତା ପୁଣି ଆଉ ଏକ ପରିପୂର୍ଣ୍ଣତା ମଧ୍ୟକୁ ଅଗ୍ରସର ହେବା ପାଇଁ ତାହା ନମ୍ରତାର ଶକ୍ତି ଭରିଦେଉଥାଏ ଅନ୍ତଃସ୍ଥଳରେ। ହେ! ଚିରପୂଜ୍ୟ ପରମାରାଧ୍ୟ ନୀରବତା ମୋର! ତୁମେ ଜନ୍ମଜନ୍ମାନ୍ତର ଏପରି ଆଚ୍ଛନ୍ନ କରି ରଖିଥାଅ ମୋ ଅନ୍ତରକୁ। ହେ! ଦିବ୍ୟ ପରମସତ୍ତା ନୀରବତାର ଏହି ବିନମ୍ର ନୈବେଦ୍ୟକୁ ଗ୍ରହଣ କରି ମୋ ଭିତରେ ଭରିଦିଅ ତୁମେ ଅଶେଷ କୃତଜ୍ଞତା।

**- ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

♥ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
(ମୋ)୯୯୩୭୩୬୫୬୯୮

## ପାଉଁଜିର ପାଣ୍ଡୁଲିପି-୭

**ବିପିନ ମହାନ୍ତି**



### ନଯାଉ ଏ ରାତି ପାହି

ସଂଜ ହେଲାପରେ ତୋ' ସରେଇ ଘରେ ସରାଗେ ମୋ ପାଦ ପଡେ
ବୁଲା ଫକୀର ମୁଁ ବାଟ ହୁଡେ ସିନା ତୋ ଦୁଆରେ ସଂଜ ବୁଡେ
ତୋ ମାଟି ହାଣ୍ଡିର ସଲପ ରସକୁ ନିତି ମୁଁ ହଲପ କରେ
କୋଲପ ଫିଟେଇ କେଉଁ ଗଳି ଦେଇ ଦି' ଢୋକ ପିଇ ମୁଁ ମରେ ।

ମାରିଦେଇ ଢୋକେ ମନଇଚ୍ଛା ବକେ ଢିଙ୍କିଶାଳୁ ଢେଙ୍କାନାଳ
ଗହଳ ରାତିର ଚହଳ ଭିତରେ ପାଦ ପଡେ ଟଳମଳ
କିଏ ଏଠି ପର କିଏ ଆପଣାର ରଙ୍ଗିନ ଏଇ ରାତି
ରଙ୍ଗିଲା ମନ ମୋ ରମଣ କରୁଛି ଶୂନ୍ୟ ଶୃଙ୍ଗାରେ ମାତି ।

ତମ ଓଠଛୁଆଁ ସେଇ ପିଆଲାରୁ ପିଇଛି ଯିଏ ସେ ଥରେ
ମଦାଳସୀର ସେ ମେହଫିଲରେ ଯା' ରାତିର ଆୟୁଷ ସରେ
ମଦିରା ନୁହେଁ ସେ ପୋଷ ପୋଷ ପ୍ରେମ ଭରା ପିଆଲାକୁ ନେଇ
ପିଆଇଛି ପରା ପ୍ରେୟସୀ ତା' ହାତେ ଗବାକ୍ଷ ଦରଜା ଦେଇ ।

ଏତେ ନିଶା ଯଦି ପିଆଲାଏ ପ୍ରେମେ ସୁରେଇଟା ଦିଅ ପେଇ
ମୋକ୍ଷ ହେଉ ମୋ ରୁକ୍ଷ ଜୀବନ ନଯାଉ ଏରାତି ପାହି ।

♥୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ॥ ଅନ୍ୟ ଏକ ଦେବୀ ॥

**ଶ୍ୟାମା କିଙ୍କର ମହାନ୍ତି**



ମୁଁ ଯେଉଁ ଦେବୀ କଥା କହୁଛି
ଏ ଦେବୀ ସେ ଦେବୀ ନ ଥିଲା
ସେ ଦେବୀ ଭଳି
ଯା'ର ନ ଥିଲା ଦଶ ଭୁଜ
ନ ଥିଲା ବି ଖଣ୍ଡା କି ଖର୍ପର
କେହି ତାକୁ ଅର୍ପି ଦେଇ ନ ଥିଲେ
ଐଶ୍ୱରୀୟ ଶକ୍ତି
ଇନ୍ଦ୍ର ବରୁଣ ବ୍ରହ୍ମା ବିଷ୍ଣୁ କି ମହେଶ୍ୱର ।

ଚୁପ୍ ରହିବାକୁ ଶିଖାଉଥିବା
ଆତ୍ମୀୟ ସ୍ୱଜନଙ୍କୁ
ଦୁର୍ଘଟଣାଟିଏ ଭାବି
ଭୁଲିଯିବାକୁ ପ୍ରବର୍ତ୍ତାଉ ଥିବା
ପ୍ରିୟ ପରିଜନମାନଙ୍କୁ
କଣ ବା ଫେରାଇଥାନ୍ତା ପ୍ରତ୍ୟୁତ୍ତର
ବିଚାରୀ ଏକ୍ଲା ହିଁ ଲଢ଼ିଲା
ସାମ୍ନାରେ ଥିଲା ତା ମହିଷ ଅସୁର ।

ହଁ, ହାରିଗଲା ସିଏ
ଏ ଦେବୀ ତ ସେ ଦେବୀ ନ ଥିଲା
ଯା ଭାଗ୍ୟରେ କୋଉ ଲେଖା ଥିଲା
ସୁଶୋଭିତ ମଣ୍ଡପ
କି ଷୋଡଶ ଉପଚାର
ବରଂ ସେ ଖାଲି ବନିଗଲା
ସମ୍ବାଦପତ୍ରର ପ୍ରମୁଖ ଖବର ।

♥ ମାର୍କଣ୍ଡେଶ୍ୱର ସାହି, ପୁରୀ
(ମୋ) ୯୮୬୧୧୯୧୩୮୦

## ॥ କଳାକୁ କରିଲ ଧଳା ॥

**ବାବାଜୀ ଚରଣ ଜେନା**



କଳାକୁ କରିଲ ଧଳା
ଆହେପ୍ରଭୁ ଭାବ ଭୋଳା
ଧବଳେଶ୍ୱର ନାମରେ
କରୁଅଛ ତୁମେ ଲୀଳା
ଆହେପ୍ରଭୁ ଭାବଭୋଳା...

ମହାନଦୀ ପଠାରେ ରହି
କୃପା କର କୃତିବାସ
ଆକୁଳରେ ଡାକଇଯେ
କ୍ଷମା କର ଦୋଷାଦୋଷ
ରୋଗ ଶୋକ ଦୂର କର
କାଟି ସଂସାରର ଜ୍ୱାଳା
କଳାକୁ କରିଲ ଧଳା...।୧।

ଯୋଗୀରାଜ ବେଶ ହୋଇ
ବସି ଅଛ ଉମାସାଇଁ
ପାପୀ ତପି ଚାହିଁଛାନ୍ତି
ତୁମ ଦରଶନ ପାଇଁ
ମଙ୍ଗଳମୟ ତୁମେ ହେ
କାଟ ଯେତେ ପାପଭାରା
କଳାକୁ କରିଲ ଧଳା...।୨।

ସତ୍ୟ ଶିବ ସୁନ୍ଦର
ଆହେ ପ୍ରଭୁ ଦିଗମ୍ବର
ଭକ୍ତ ଝୁଲି ଭରି ଦିଅ
ଭାବରେ ତ ହୋଇ ଭୋଳ
ଜଗତ ମଙ୍ଗଳ ପାଇଁ
ଧ୍ୟାନ କର ଧରି ମାଳା
କଳାକୁ କରିଲ ଧଳା...।୩।

♥ ଅହଲ୍ୟା ନିବାସ, ପୋପରଡା, ନୂଆବଜାର, କଟକ-୪
(ମୋ) ୭୯୭୮୭୬୪୨୪୧



## ॥ ଲୋକଗୀତ ॥

**ସୁଶୀଲ କୁମାର ପାଣିଗ୍ରାହୀ**

ମାଆ ମୋର
ଗୁଣୁ ଗୁଣେଇ ଗାଏ
ଗୋଟିଏ ଲୋକଗୀତ

ଜନ୍ମରୁ ଶୁଣିଆସୁଛି ମୁଁ
ବହୁତ ସୁମଧୁର
ଖୁବ୍ ପ୍ରିୟ ମୋର
ଲାଗୁଥାଏ ଯେମିତି ଗାଉଛି
ପକ୍ଷୀଟିଏ
ଶବ୍ଦ ବୀଜ ପରି
ବୁଣି ହେଇଯାଏ ମୋ ଭିତରେ
ଅଙ୍କୁରିତ ହୁଏ ଆନନ୍ଦ

ଅବୋଧ ହେଲେ ବି
ଲାଗେ ଜଙ୍ଗଲ ଝୁମେ
ଏ ଗୀତ ଗାଇ ଗାଇ
ପାହାଡ ତଳକୁ ଗଲେ
ଏ ଗୀତର ଶବ୍ଦସବୁ ଛୁଏଁ
କେଜାଣି ମାଆ ମୋର
ଏମାନଙ୍କଠୁ ଗୀତଟି ଶିଖିଛି
ନା ଏମାନେ ମାଆର ଗୀତରେ
ମୁଗଧ ହେଇ ଗାଆନ୍ତି

ଆଗେ ଲାଗୁଥିଲା
ଏ ଗୋଟେ ନାନାବାୟା ଗୀତ
ଏବେ କିନ୍ତୁ ଜାଣୁଛି
ସେ ଗୀତରେ
ଘରର କବାଟ ଖୋଲେ
କୁକୁଡା ଡାକେ
ସିନ୍ଦୂରା ଫାଟେ
ସୂରୁଜ ହସେ
ଜଙ୍ଗଲ ନାଚେ
ପାହାଡ ଛାତିରୁ ଲୁହ
ବାହାରି ଆସେ

କୋଉ ଆଦିମ କାଳରୁ
ଏଯାବତ୍ ଶୁଣାଯାଉଥିବା
ପାଦ ଶବ୍ଦରେ ଗୁନ୍ଥା
ଏ ଲୋକଗୀତରେ
ଭରିରହିଛି କିରଣ
ସେଥିଲାଗି ତ
ଗାଢ ଅନ୍ଧାର ଭିତରେ
ଚାଲିଆସିଛି ଏତେ ବାଟ
ବୁଣିଚାଲିଛି ବି
ମୋ ପାଦ ତଳେ
ମୋ ମଥା ନଇଁ ଆସିଥିବା
ବେକ ମୂଳେ
ଅସ୍ଥିର ଶ୍ୱାସ ପ୍ରଶ୍ୱାସରେ।

♥କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ-୨୦୩ ଜଲାନ ଗଳି,ସମ୍ବଲପୁର-୨
(ମୋ):୯୪୩୭୮୦୫୯୬୧

# କବିତା.....

## ॥ ଶୋକର ଶ୍ଳୋକ ॥

**ନକୁଳ ଚନ୍ଦ୍ର ସାହୁ**



ଭଗବାନ ବେଳେବେଳେ
ମୋ ଭିତରେ ଶୋଇ ପଡନ୍ତି;
ଜୀବନକୁ ଅଫିମ ଖୁଆଇ ଦିଏ
ପରିସ୍ଥିତିର ଚତୁର ଶୃଗାଳ !

ଜନନୀର ଧୈର୍ଯ୍ୟ
ପ୍ରତୀକ୍ଷା କରିଥାଏ ଅସଲ ମୁହୂର୍ତ୍ତକୁ
ମୁହୂର୍ତ୍ତମାନେ କଢର ଆଖି ଫିଟିବା ପୂର୍ବରୁ
ଚାଲି ଯାଉଥାନ୍ତି ବାଟଭାଂଗି !

ପ୍ରତିଷ୍ଠିତ ମୂର୍ତ୍ତି ଭାଂଗି ପଡୁଥାଏ
କଳାପାହାଡର ପିନ୍ଧା ମୁକୁଟ ହାତରେ
ଛିଣ୍ଡି ଯାଉଥାଏ ପଦ୍ମ ପାଖୁଡା
ଅଂଧକାରର ଭିଆଣ ଆକାଂକ୍ଷା ଗର୍ଭରେ !

କାହିଁ ପ୍ରୀତି, ପ୍ରୀତି କାହିଁ,
ଆନନ୍ଦର ବିକଚ କମଳ; ଭାସିଯାଏ
କଦଳୀ ପାଟୁଂଗାରେ ତିଆରି
ଆ କା ମା ବୈ'ର ବିଚାର !

ଭାସିଯାଏ ବିବେକର ଆହ୍ୱାନ
ଭାସିଯାଏ ମୋର ମହତ୍ ଲକ୍ଷ୍ୟ
ସଂସାରକୁ ମୁଁ ଆସିଚି
ପୂରଣ କରି ତୁମ ଅଦୃଶ୍ୟ ଲିଖିତ ସର୍ତ୍ତ !

ମୁଁ ତୁମ ଅନ୍ତରଂଗ, ମୁଁ ତୁମ ଦେବତ୍ୱ;
ଅଥଚ କାନ୍ଦୁଚି ମଣିଷ !

♥ ଶବ୍ଦଘର, ଗୋଡିସାହି, କଟକ
(ମୋ) ୯୩୩୭୩୫୯୮୭୫

## ॥ ନୁହଁ କିଛି ॥

**ଗଜାନନ ମିଶ୍ର**

ମୋଦିକୁ ପ୍ରଶଂସା କରିବା ଅର୍ଥ
ଟ୍ରମ୍ପକୁ ନିନ୍ଦା କି ଘୃଣା କରିବା
କଦାପି ନୁହେଁ।
ରାସ୍ତାରେ ଚାଲି ଚାଲି ଯିବା ଅର୍ଥ
ଗୋଟେ ଦୃଷ୍ଟିରୁ ଆକାଶରେ ଉଡିବା
ଯଦିଓ।

କେବେ କହିନି
ନ ଘୂରୁଥିବା ପଙ୍ଖାକୁ ଚଲେଇବାକୁ।
ଆଉ ଏବେ ମୁଁ ମୋର ରହିଛି
ମୋଠି ରଷିଆ ସହିତ,
ଜଣା ସଭିଙ୍କୁ ଏଠି।

ଯୋଉଠୁ ବାହାରିଛି ଏ ନଈ
ଯିବାକୁ ମନ ମୋର ସେଠିକୁ।

ଦେଣନେଣ ନାଇଁ ମୋର,
ଅଛି ଯୋଉଟା ସେସବୁ ନୁହଁ କିଛି।

♥ ତପୋବନ, ଟିଟିଲାଗଡ, ବଲାଙ୍ଗିର
(ମୋ) ୯୪୩୭୩୬୬୬୪୪

## ॥ ରାଗ ଚକ୍ରକେଳୀ ॥

**ପୂର୍ଣ୍ଣ ଦାସ**



ମଦିରାର ନିଶା ଘେରିଗଲେ ଦିଶା
ମଧୁଶାଳା ଖୋଜାହୁଏ,
ହେଲେ ତୋ ଚହଲା ଚାହାଣି ପିଆଲା
ଜିଅନ୍ତା ଜୀବନ ନିଏ ।

ଆକାଶ ଗୋଟାକ କିଚିରିମିଚିରି
ସୂରୁଯ ବୁଡ଼ଇ ଯେବେ,
ସିନ୍ଦୂରା ଫାଟିଲେ ଡାମରାକାଉ ତା
ଅଧାର ମୁଠିକ ମାଗେ ।

ରାତି ନିଦ ଆଖି ଲୋଡ଼ାନାଇଁ ସଖୀ
ମୁଠାଏ ପୁଲକ ପାଇଁ,
କୋଟିଏ ସପନ ଉଚ୍ଛୁଳାଏ ମନ
ତୋ କୋଳେ ମୁଁ ଥିଲେ ଶୋଇ ।

ନିଶୂନକୋଠରୀ ଖୋଲାଝରକା ମୋ
ଘର ଅନ୍ଧକାରଭରା,
ନିଶବଦ ରାତି ଜୋଛନାର ତାତି
କରେ ମତେ ଆତ୍ମହରା ।

ନିଃସଙ୍ଗ ଆକାଶେ ଏକାକୀ ମୁଁ ଭାସେ
ପବନ ଡେଣାରେ ସଖୀ,
କିଆଁ ତୋ ଛାତିର କଅଁଳ କବିତା
ଆଖିରେ ମୋ ଦେଲୁ ଲେଖି ।

♥ କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର -- ୭୫୫୦୧୩
(ମୋ) ୯୩୩୭୫ ୪୮୮୯୩

## ॥ ମାଆ: ଚାରୋଟି କବିତା ॥

**ମିଳନ କୁମାର ମିଶ୍ର (ଭରଦ୍ୱାଜ)**



!! ଏକ !!
ତୁମ ପରି କାଇଁ କିଏ ଏମିତି ଯେ
କହି ହେବ ମନକଥା ।
ନାହିଁ ବୋଲି ତ ମୋ ଜୀବନରେ ଏବେ
ସୀମାହୀନ ଶୂନ୍ୟତା ?

!! ଦୁଇ !!
ଛାତି ତଳେ ମୋର ଆଜି ବି ସାଇତା
ତୁମେ ଦେଇଥିବା ଖୁସି ।
ଭୁଲି ତ ହେଉନି ଅଥଚ ଭାବିଲେ
ଲୁହେ ମୁଁ ଯାଉଛି ଭାସି ?

!! ତିନି !!
ଶ୍ରାବଣ, ଫଗୁଣ ସବୁଠି ତ ଏବେ
ଅସରା ଲୁହର ଦାଗ ।
ତୁମେ ଗଲନି ଯେ ସବୁଠୁ ଯେମିତି
ହଜିଗଲା ଅନୁରାଗ ?

!! ଚାରି !!
ଫେରେଇ ପାରୁନି ତୁମଠୁ ମନ କି
ତୁଟେଇ ପାରୁନି ମୁହଁ ।
ଯା ଲାଗି ମୋ ଆଖି ସ୍ୱପ୍ନଠୁ ବେଶୀ
ଲୁହମୟ ଅହରହ ।।

♥ ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ
କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

ସୃଜନ ଆଳାପ ସୃଜନ ଆଳାପ ସୃଜନ ଆଳାପ

# ବର୍ତ୍ତମାନ ପରିପ୍ରେକ୍ଷୀରେ ସାମାଜିକ ପରିବର୍ତ୍ତନ ପାଇଁ ସାହିତ୍ୟ ଅପେକ୍ଷା ଗଣମାଧ୍ୟମ ଓ ଗଣଆନ୍ଦୋଳନ ଅଧିକ ପ୍ରାସଙ୍ଗିକ : ରବି ସ୍ୱାଇଁ

**ରବି ସ୍ୱାଇଁ**
ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ କୁହୁକ ବାସ୍ତବତା । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସର୍ଜନଶୀଳ ମଣିଷ ଭାବରେ । ସଂଘର୍ଷମୟ ଜୀବନରେ ବାରମ୍ବାର ହାରିଯାଉଥିବା ମଣିଷର ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଜଣେ ସମ୍ବେଦନଶୀଳ ସ୍ରଷ୍ଟା ଭାବେ ସେ ତିଆରି କରିଛନ୍ତି ନିଜ ଗଳ୍ପଜଗତ । ସେ ନିଜ ଚାରିପାଖରୁ ସାଉଁଟି ପାରନ୍ତି ମାର୍ମିକ ଅନୁଭୂତିକୁ, ସଜାଡି ପାରନ୍ତି ଅନୁଭବର ଅନୁରାଗକୁ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସୃଜନ ପ୍ରବଣତା ପ୍ରତ୍ୟେକ ମଣିଷ ଭିତରେ ଥାଏ । ଅବଶ୍ୟ ମାନସିକ ଅସୁସ୍ଥ ବ୍ୟକ୍ତି ଏହାର ବ୍ୟତିକ୍ରମ ହୋଇ ପାରନ୍ତି । ଏହି ସୃଜନଶୀଳତାର ପ୍ରକାରଭେଦ ଭିନ୍ନ ଭିନ୍ନ ହୋଇପାରେ । ମୋ କ୍ଷେତ୍ରରେ ପିଲାବେଳରୁ ହିଁ ସାହିତ୍ୟ ସୃଜନ ଆରମ୍ଭ ହୋଇ ଯାଇଥିଲା । କୃଷିଭିତ୍ତିକ ପରିବାରର ବୟସ୍କ ବ୍ୟକ୍ତିମାନେ ମଧ୍ୟାହ୍ନ ଭୋଜନ ପରେ ଘଣ୍ଟାଏ ଦି'ଘଣ୍ଟା ନିଦରେ ଶୋଇ ପଡ଼ନ୍ତି । ଛୋଟ ପିଲାମାନଙ୍କୁ ବିଶେଷତଃ ଓଳିକିଆ ସ୍କୁଲ ଓ ଛୁଟିଦିନ ମାନଙ୍କରେ ଅମାପ ସ୍ୱାଧୀନତା ମିଳିଥାଏ । ଏହି ସମୟରେ ଖଳାବାଡ଼ିମାନଙ୍କରେ କୌଣସି ପନିପରିବା ଫସଲ ନଥିବାରୁ ଆମକୁ ଖେଳକୁଦ ପାଇଁ ଯଥେଷ୍ଟ ସୁଯୋଗ ମିଳିଯାଏ । ବିଭିନ୍ନ ସ୍ଥାନରେ ହେଉଥିବା ଅପେରା ଓ ରାସଲୀଳାକୁ ଅନୁସରଣ କରି ଆମେ ଖରାବେଳ ସାରା କୁଦାକୁଦି କରୁ । ମୁଁ ୪ର୍ଥ ଶ୍ରେଣୀରେ ପଢୁଥିଲା ବେଳେ କେହି ଜଣେ ସାଂଗ ମତେ କହିଲା- ତୁ ଗୋଟାଏ ଯାତରା ବହି ଲେଖେ, ଆମେ ଏଇଠି କରିବା । ଇତିହାସର ପୁରୁ ଆଲେକ୍‌ଜାଣ୍ଡାର କଥାଟି ମତେ ଭାରି ଭଲ ଲାଗିଥିଲା । ତାକୁ ଆଧାର କରି ଛୋଟ ନାଟକଟିଏ ଲେଖିଦେଲି । ପୁଣି ସେମାନଙ୍କ ବରାଦ ଅନୁସାରେ ଦାସକାଠିଆ ପାଲାଟିଏ ବି ଲେଖିଥିଲି । ଏବେ ସେକଥା ମନେ ପଡ଼ିଲେ ପୁଣି ସେଇ ପିଲାଦିନକୁ ଉଡ଼ି ଯିବାକୁ ଇଚ୍ଛା ହୁଏ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ଲେଖକ ଜୀବନର ପ୍ରଥମ ପ୍ରେରଣା ହେଉଛି ମୋ ବୋଉ । ସେ ଏକ ସହରୀ ସ୍କୁଲରେ ପାଠ ପଢ଼ିଥିଲା । ତା'ର ବହିପତ୍ର ପଢ଼ିବାରେ ସଉକ ଥିଲା । ସେଥିପାଇଁ ଆମ ଘରେ ଅନେକ କାବ୍ୟ କବିତା, ପୁରାଣ, ଗଳ୍ପ ବହି ସହିତ ବଂଗଳା ଓ ହିନ୍ଦୀର କିଛି ପୁସ୍ତକ ଥିଲା । ପାଠ ପଢୁଥିବା ପିଲାମାନଙ୍କ ସହିତ ସାହିତ୍ୟ ସଂପର୍କରେ ସେ ଆଲୋଚନା କରେ । ମୁଁ ମନ ଦେଇ ଶୁଣେ । ସେ ଅବଶ୍ୟ ମତେ କେବେ ସାହିତ୍ୟ କି ଲେଖାଲେଖି ସଂପର୍କରେ କିଛି କହିନି । ହେଲେ ତାର ସେହି ସବୁ ଆଲୋଚନା ଓ ବହି ପଢ଼ିବା ମୋ ଭିତରେ ସାରସ୍ୱତ ସୃଜନର ସ୍ୱପ୍ନ ଭରି ଦେଇଥିଲା । ମୁଁ ହାଇସ୍କୁଲରେ ପଢିଲା ବେଳକୁ ରୀତିମତ ଲେଖାଲେଖି କରୁଥିଲି । ଆସନ୍ତାକାଲିରେ ମୋର ଲେଖା ପ୍ରକାଶ ପାଉଥିଲା । ଆମ ସ୍କୁଲର ସାହିତ୍ୟ ଶିକ୍ଷକ ମହମ୍ମଦ୍ ଅବଦୁଲ୍ ଗନି ମୋତେ ବହୁତ ପ୍ରୋତ୍ସାହିତ କରିଥିଲେ । କେନ୍ଦ୍ରାପଡ଼ା କଲେଜରେ ପଢୁଥିଲା ବେଳେ ଶ୍ରାବଣୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି କବି ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ ଗଳ୍ପ କବିତା ଲେଖିବାର ନିଶା ମୋ ଭିତରେ ସୃଷ୍ଟି କରି ଦେଇଥିଲେ । ଆଞ୍ଚଳିକ ଶିକ୍ଷା ମହାବିଦ୍ୟାଳୟର ପ୍ର. ଅଭିନ୍ନ ଚନ୍ଦ୍ର ସାହୁ ଥିଲେ ମୋ ସାହିତ୍ୟ ସୃଷ୍ଟିର ପ୍ରେରଣାର ଉତ୍ସ । ପରବର୍ତ୍ତୀ ଜୀବନରେ ବହୁ ସାହିତ୍ୟିକ ଓ ପାଠକ ମୋତେ ଲେଖିବା ପାଇଁ ଉତ୍ସାହିତ କରିଥିଲେ ବି ମୋର ମୁଖ୍ୟ ପ୍ରେରଣା ଦାତା ଥିଲେ କବି ଦୀପକ ମିଶ୍ର । ମୁଁ ଏମାନଙ୍କ ନିକଟରେ ସାରା ଜୀବନ କୃତଜ୍ଞ ରହିବି ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ବର୍ତ୍ତମାନ ମଣିଷ ସମାଜ ଆଗରେ ମୁଖ୍ୟ ସମସ୍ୟାମାନ ହେଲା- ୧. ପରିବେଶ ପ୍ରଦୂଷଣ, ଯାହା ସମଗ୍ର ପୃଥିବୀକୁ ଧ୍ୱଂସ ଆଡ଼କୁ ଟାଣି ନେଉଛି । ୨. ଏକଚାଟିଆ ପୁଞ୍ଜିବାଦ ବା କ୍ରୋନି କ୍ୟାପିଟାଲିଜିମ୍, ଯାହା ଗଣତାନ୍ତ୍ରିକ ସମାଜ ବ୍ୟବସ୍ଥାକୁ ଧ୍ୱଂସ କରି ସାଧାରଣ ମଣିଷଠାରୁ ତାର ସମସ୍ତ ଅଧିକାର ଛଡ଼େଇ ନେଉଛି । ୩. ଅତ୍ୟଧିକ ଯାନ୍ତ୍ରିକୀକରଣ (ଯଥା: ଏଆଇ), ଯାହା ମଣିଷ ମାନଙ୍କଠାରୁ ନିଯୁକ୍ତି ଛଡ଼େଇ ନେଇ ଉତ୍କଟ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି କରୁଛି । ୪. ଅତ୍ୟଧିକ ଲାଭଦାୟକ ଯୁଦ୍ଧାସ୍ତ୍ର ବ୍ୟବସାୟ ପାଇଁ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଯୁଦ୍ଧର ପରିବେଶ ସୃଷ୍ଟି କରାଯାଇ ସମଗ୍ର ମଣିଷ ସମାଜକୁ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଟାଣି ନିଆଯାଉଛି । ୫. ସ୍ଥାନୀୟ କ୍ଷେତ୍ରରେ ଆତଙ୍କବାଦ, ସାଂପ୍ରଦାୟିକତା, ଆଞ୍ଚଳିକ ବିଭେଦ ସୃଷ୍ଟି କରାଯାଇ ମାନବିକ ମୂଲ୍ୟବୋଧ ଓ ସଂହତିକୁ ନଷ୍ଟ କରି ଦିଆଯାଉଛି । ଏମିତି ଅନେକ ସମସ୍ୟା ସମଗ୍ର ମଣିଷ ସମାଜ ଏବଂ ବିଶେଷ ଭାବରେ ଲେଖକମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

ଇତିହାସରୁ ଆମେ ଜାଣିଛେ- ରୁଷୋଙ୍କ ସୋସିଆଲ କଣ୍ଟ୍ରାକ୍ଟ ଥିଓରି, ଲିଓ ଟଲଷ୍ଟୟଙ୍କ ୱାର୍ ଆଣ୍ଡ୍ ପିସ୍, ଗାନ୍ଧୀଜୀଙ୍କ ଆତ୍ମଜୀବନୀ, ଗର୍କୀଙ୍କ ମା', ହାରିଏଟ୍ ବିଚର୍ ଷ୍ଟୋ'ଙ୍କ ଅଙ୍କଲ ଟମ୍‌ସ୍ କ୍ୟାବିନ୍, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ, ପ୍ରତ୍ୟେକ ଦେଶର ମୁକ୍ତି ସଂଗ୍ରାମ ସମୟର କବିମାନଙ୍କ ବୈପ୍ଳବିକ କବିତାବଳୀ ସମାଜରେ ଐତିହାସିକ ପରିବର୍ତ୍ତନ ଆଣିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ବର୍ତ୍ତମାନର ପରିପ୍ରେକ୍ଷୀରେ ସାମାଜିକ ପରିବର୍ତ୍ତନ ପାଇଁ ସାହିତ୍ୟ ଅପେକ୍ଷା ଗଣମାଧ୍ୟମ ଓ ଗଣଆନ୍ଦୋଳନ ଅଧିକ ପ୍ରାସଙ୍ଗିକ ହୋଇ ଉଠିଛି । ଅପରପକ୍ଷରେ ସାହିତ୍ୟ ଏକ ବୌଦ୍ଧିକ ମନୋରଂଜନ ଆଡ଼କୁ ମୁହେଁଇ ଯାଉଛି । ତଥାପି ବି ଯେକୌଣସି ସାମାଜିକ / ରାଜନୈତିକ ପରିବର୍ତ୍ତନ ପାଇଁ ଦୃଢ଼ ମୂଳଦୁଆ ରୂପରେ ସାହିତ୍ୟର ହିଁ ଆବଶ୍ୟକତା ରହିଛି ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ଗଳ୍ପ ଲେଖାଯିବା ନିଶ୍ଚିତ ଭାବରେ ବର୍ତ୍ତମାନ ସମୟ ପାଇଁ ଏକ ସକରାତ୍ମକ ଘଟଣା । ଶିକ୍ଷା ଓ ସାକ୍ଷରତାର ଆଶାଜନକ ଅଭିବୃଦ୍ଧି ସତ୍ତ୍ୱେ ସାହିତ୍ୟ ପାଠକ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଉନାହିଁ । ଏହାର ଅନେକ କାରଣ ରହିଛି । ପ୍ରଥମଟି ହେଲା ବୈଦ୍ୟୁତିକ ଗଣମାଧ୍ୟମର ପ୍ରାବଲ୍ୟ । ସ୍ମାର୍ଟ ଫୋନ୍ ମଣିଷର ଅଧିକାଂଶ ସମୟ ଖାଇ ଯାଉଛି । ସେଥିରେ ଥିବା ମନୋରଞ୍ଜନର ସୁଯୋଗ ତୁଳନାରେ ଗଳ୍ପ/ କବିତା/ ଉପନ୍ୟାସ ସେପରି ସହଜଲବ୍ଧ ଆନନ୍ଦ ପ୍ରଦାନ କରିପାରୁ ନାହାନ୍ତି । ନିହାତି ସାହିତ୍ୟ ପ୍ରତି ଆଗ୍ରହୀ ଥିବା ବ୍ୟକ୍ତିମାନେ ପତ୍ରପତ୍ରିକା କିମ୍ବା ପୁସ୍ତକ କ୍ରୟ କରି ବା ସଂଗ୍ରହ କରି ପାଠ କରୁ ଅଛନ୍ତି । ଦ୍ୱିତୀୟ କାରଣଟି ହେଲା ଆମ ଦେଶରେ ଇଂରାଜୀ ମାଧ୍ୟମ ସ୍କୁଲର ବହୁଳ ପ୍ରତିଷ୍ଠା ଅଧିକାଂଶ ବିଦ୍ୱାନ ଶିକ୍ଷିତଙ୍କୁ ମାତୃଭାଷା ଠାରୁ ଦୂରେଇ ଦେଉଛି । ତୃତୀୟତଃ, ସ୍କୁଲ କଲେଜ ପାଠ୍ୟକ୍ରମରେ ସାହିତ୍ୟ, ଅପେକ୍ଷା ପ୍ରଯୁକ୍ତିବିଦ୍ୟା ଓ ବିଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଚତୁର୍ଥରେ ଯେଉଁ ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀ କର୍ପୋରେଟ୍ ସଂସ୍ଥାରେ ନିୟୋଜିତ ହେଉଛନ୍ତି ସେମାନଙ୍କୁ ଆବଶ୍ୟକ ବିଶ୍ରାମ ପାଇଁ ଯଥେଷ୍ଟ ସମୟ ମିଳୁ ନାହିଁ, ସେମାନେ ସାହିତ୍ୟ ପଢ଼ିବେ କେତେବେଳେ ? ସର୍ବୋପରି ପୁସ୍ତକ/ ପତ୍ରିକାମାନଙ୍କର ମୂଲ୍ୟ ଏତେ ଅଧିକ ହୋଇ ଯାଇଛି ଯେ ସାଧାରଣ ବ୍ୟକ୍ତି ତାହା କ୍ରୟ କରିବା ସମ୍ଭବ ହେଉନାହିଁ । ପାଠକ ଆଶାନୁରୂପ ବୃଦ୍ଧି ନ ପାଇବାର ଏମିତି ଅନେକ କାରଣ ଅଛି ।

ଏହାର ସମାଧାନ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରା ଯାଇପାରେ । ପାଠ୍ୟ ଖସଡ଼ା ବ୍ୟତୀତ ଅଧିକ ପୁସ୍ତକ ପଠନର ସୁଯୋଗ ଉପଲବ୍ଧ ହେବା ଦରକାର । ବିଦ୍ୟାଳୟର ପାଠାଗାରରୁ ଛାତ୍ରଛାତ୍ରୀମାନଙ୍କୁ ସେହି ସବୁ ପୁସ୍ତକ ଯୋଗାଇ ଦେଇ ଶିକ୍ଷକମାନେ ସେମାନଙ୍କ ସହ ସେ ସଂପର୍କରେ ଆଲୋଚନା କଲେ ସେମାନଙ୍କ ମଧ୍ୟରେ ସାହିତ୍ୟ ପଠନର ଆଗ୍ରହ ସୃଷ୍ଟି ହେବ । କଲେଜ ମାନଙ୍କରେ ମଧ ସେହିପରି ବ୍ୟବସ୍ଥା କରାଯିବା ଦରକାର । ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ପଠନ ବାଧ୍ୟତାମୂଳକ ହେବା ସହ ଅଧିକ ପାଠାଗାର ପୁସ୍ତକ ପଢ଼ିବାର ସୁଯୋଗ ସୃଷ୍ଟି କରାଯାଇ ପାରିବ । ସାମାଜିକ ସ୍ତରରେ ସମ୍ବାଦ ସାହିତ୍ୟ ଘର ପରି ପାଠକ ସଂଗଠନ ଓ ପାଠାଗାର ମାନ ଗଢ଼ାଯାଇ ଏହାକୁ ଏକ ସାମାଜିକ ଆନ୍ଦୋଳନ କରାଯାଇ ପାରିଲେ ପାଠକ ସଂଖ୍ୟା ନିଶ୍ଚୟ ବୃଦ୍ଧି ପାଇବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷାର ସଂକଟ ଏକ ଭିନ୍ନ ସମସ୍ୟା । ତାହା ସରକାର ଏବଂ ସାମାଜିକ ସ୍ତରରେ ଦୂର କରାଯାଇ ପାରିବ । ସାହିତ୍ୟ ଏଥିରେ ସହାୟକ ହୋଇପାରେ ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସମାଜରେ ସମସ୍ୟା ସୃଷ୍ଟି ହେବା ସ୍ୱାଭାବିକ । ସାମାଜିକ ସମସ୍ୟା ମାନଙ୍କୁ ପ୍ରକୃତରେ ଲେଖକଟିଏ ପରିବର୍ତ୍ତନ ବା ସମାଧାନ କରିପାରିବ ନାହିଁ । ସେ କିନ୍ତୁ ସମସ୍ୟାର କାରଣ ନିରୂପଣ କରି ପାରିବ, ସମସ୍ୟା ସମାଧାନର ଉପାୟ ନିର୍ଦ୍ଦେଶ କରିପାରିବ ଏବଂ ଜନସାଧାରଣଙ୍କ ମଧ୍ୟରେ ଏଥିପାଇଁ ସଚେତନତା ଓ ଉଦ୍ଦୀପନା ସୃଷ୍ଟି କରି ପାରିବ । ଗଣମାଧ୍ୟମ ଏହାକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରି ପାରିବେ ଏବଂ ସାମାଜିକ ନେତୃତ୍ୱ ଏବଂ ନାଗରିକ ସମାଜ ଗଣଆନ୍ଦୋଳନ ମାଧ୍ୟମରେ ପରିବର୍ତ୍ତନ ଆଣି ପାରିବେ । ବହୁ କ୍ଷେତ୍ରରେ ସଚେତନତା ସୃଷ୍ଟି ଓ ଗଣ ଆନ୍ଦୋଳନ ପ୍ରଶାସନକୁ ସମସ୍ୟାର ସମାଧାନ ପାଇଁ ବାଧ କରି ପାରିବ । ପୃଷ୍ଠଭୂମି ପ୍ରସ୍ତୁତ କରିବା ଅବଶ୍ୟ ଲେଖକର କର୍ତ୍ତବ୍ୟ ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷା । ଦୁଇ ସହସ୍ର ବର୍ଷର ସମୃଦ୍ଧ ଇତିହାସ ତାର ଅଛି । ବର୍ତ୍ତମାନ ଏହାର ସାହିତ୍ୟ ଯେକୌଣସି ଭାଷାର ସାହିତ୍ୟ ସହ ସମକକ୍ଷ । ମୁଁ ଆମ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ସଂପୂର୍ଣ୍ଣ ଆଶାବାଦୀ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ମୋ ମତରେ ଲେଖକ ଜୀବନରେ ପୁରସ୍କାରର କୌଣସି ଗୁରୁତ୍ୱ ନାହିଁ । ଶାରଳା ଦାସ, ଭୀମଭୋଇ କେଉଁ ପୁରସ୍କାର ବା ଉପାଧି ଲାଭ କରିଥିଲେ ? ସାହିତ୍ୟ ମାଧ୍ୟମରେ ମୁଁ ଚାହିଁବି - ସୁଖ ଶାନ୍ତିରେ ସମଗ୍ର ବିଶ୍ୱ ବଂଚିରହୁ । ♥♥

## ■ ଅକ୍ଷରେ ରବି ସ୍ୱାଇଁ



ଜନ୍ମ: ଶ୍ରାବଣ ପୂର୍ଣ୍ଣିମା, ୧୯୫୦
ଜନ୍ମସ୍ଥାନ- ଛଘରିଆ, କେନ୍ଦ୍ରାପଡା
ପିତା- ସ୍ୱର୍ଗତ ଅଚ୍ୟୁତାନନ୍ଦ ସ୍ୱାଇଁ
ମାତା- ସ୍ୱର୍ଗତା ଦେବକୀ ସ୍ୱାଇଁ
ବର୍ତ୍ତମାନର ଠିକଣା- ବିକାଶ ଭବନ
ପ୍ଲଟ ନଂ- ୧୯୭୧/୮୭୩୦
ସିନିଅର୍ ସିଟିଜେନ୍ କ୍ଲବ ପାଖ,
ସତ୍ୟବିହାର, ପୋ.ଅ ମଂଚେଶ୍ୱର
ଭୁବନେଶ୍ୱର-୧୦
(ମୋ) ୯୪୩୭୯୨୭୨୬୭

### ପ୍ରକାଶିତ ପୁସ୍ତକ

**ଗଳ୍ପ**
୧-ସମ୍ବିତ୍
୨- ମୁଁ ଏକ ବନ୍ଦୀଶାଳା
୩- ଡେଙ୍ଗା ମଣିଷ
୪- ଝଡ ସହ କଥାବାର୍ତ୍ତା
୫- ପୃଥିବୀର ଅସ୍ତ
୬- ହୃଦୟ ଯୋଗ
୭- ମାଟିର ମହକ
୮- ବାମନ ପାଇଁ ଜହ୍ନ
୯-ନୂଆ ଆକାଶର ଠିକଣା
୧୦- ନିଆଁ ଓ ନିଆଁ
୧୧- ମରିବାର କଳା
୧୨- ରବି ସ୍ୱାଇଁଙ୍କ ପ୍ରେମଗଳ୍ପ
୧୩-ସମୁଦ୍ରର ସୁଖଦୁଃଖ
୧୪- ଶ୍ରେଷ୍ଠ ଗଳ୍ପ
୧୫- ଆଭାସ ଚିତ୍ର
୧୬- ନିଦାଘ

**ଶିଶୁଗଳ୍ପ**
୧-ସଜଫୁଲ

**ଉପନ୍ୟାସ**
୧- ଦୀର୍ଘଶ୍ୱାସ
୨- ଅନାମ ଦାସ

**କବିତା ସଂକଳନ**
୧- ଅକବିତାର ଆଦିପର୍ବ
୨- ଅକବିତାର ବିଷାଦ ପର୍ବ
୩- ତୃତୀୟ ପକ୍ଷୀ

**ସମାଲୋଚନା**
୧- ଦୀପକ ମିଶ୍ରଙ୍କ କାବ୍ୟ ଚେତନା
୨-ପ୍ରଗତିଶୀଳ ସାହିତ୍ୟ ସମାଲୋଚନା
୩- ଟିଏସ୍ ଇଲିୟଟଙ୍କ କ୍ଲାସିକ୍‌ର ସ୍ୱରୂପ

**ଜନ ସାହିତ୍ୟ- (ନବସାକ୍ଷରଙ୍କ ପଠନ ସାମଗ୍ରୀ)**
୧-ସରଳ ଲକ୍ଷ୍ମୀପୁରାଣ
୨- ସାବିତ୍ରୀ ବ୍ରତକଥା
୩- ଆମ ଜାଣିବା କଥା
୪- ସ୍ୱଭାବ କବି ଗଙ୍ଗାଧର
୫- ନବ ସାକ୍ଷରଙ୍କ ଗୀତ- ୫ଖଣ୍ଡ (ସମ୍ପାଦନା)
ଏବଂ ଅନ୍ୟାନ୍ୟ

**ସଂପାଦନା-**
୧- ଇସ୍ତାହାର (ସମ୍ପାଦନା ମଣ୍ଡଳୀ ସଦସ୍ୟ)
୨- ଦୀପଜ୍ୟୋତି
୩- ସାକ୍ଷରଦୀପ
୪- ଉଦୟନ୍ତୁ (ଆଧାତ୍ମିକ ପତ୍ରିକା)




କଥାକାର ରବି ସ୍ୱାଇଁଙ୍କ ଲିଖିତ କୋଡ଼ୋଟି ପୁସ୍ତକର ପ୍ରଚ୍ଛଦ....




ସାହିତ୍ୟ ଉତ୍ସବରେ ଅତିଥି ଭାବେ ଯୋଗଦେବା ଅବସରରେ କଥାକାର ରବି ସ୍ୱାଇଁ...

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

**ଭାଗ-୧୦**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରକୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚ୍ଛରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

॥ ଓମ୍ ॥

ଏକାଦିକ୍ରମେ କେତେଦିନ ହେଲା ଜେନି ସହିତ ଆନନ୍ଦର ସାକ୍ଷାତ ହୋଇ ନଥିଲା, ପ୍ରାୟ ସପ୍ତାହେ ଧରି। ଆନନ୍ଦ ହୋଟେଲ୍ ଆଡ଼େ ଯାଉ ନଥିଲା। ଜେନିର ଫୋନ୍‌କୁ ପ୍ରତୀକ୍ଷା କରୁଥିଲା ମନେମନେ। ତା'ଛଡ଼ା ଅଧିକ ସମୟ ନିଜ କାମରେ ସେ ବ୍ୟସ୍ତ ରହୁଥିଲା। ପର୍ଯ୍ୟଟକମାନଙ୍କ ସହିତ କଟକ,ଭୁବନେଶ୍ୱର, ପୁରୀ, କୋଣାର୍କ ଘୂରି ବୁଲୁଥିଲା। ଦିନେ ଦିନେ ଘରକୁ ନ ଫେରି ସିଆଡ଼େ ରହିଯାଉଥିଲା।

କିନ୍ତୁ ଏ ପଟେ ଜେନିର ଦୈନନ୍ଦିନ ଜୀବନଧାରାରେ ଆଂଶିକ ପରିବର୍ତ୍ତନ ଘଟିଥିଲା। କେତେକାଂଶରେ ଶୃଙ୍ଖଳିତ ମନେ ହେଉଥିଲା। ବିଳମ୍ବରେ ଶଯ୍ୟାତ୍ୟାଗ ପରିବର୍ତ୍ତେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ପଡୁଥିଲା। ଦେଖୁଥିଲା ସୂର୍ଯ୍ୟୋଦୟ। ଉଦୀୟମାନ ବାଳସୂର୍ଯ୍ୟଙ୍କୁ ପ୍ରଣାମ ଜଣେଇ ନିଜ କାମରେ ବୁଡ଼ି ରହୁଥିଲା। ସ୍ନାନ ଓ ଶୌଚ ସାରି ଘଣ୍ଟା ଘଣ୍ଟା ଧରି ସେ ଗୀତା ଅଧ୍ୟୟନ କରୁଥିଲା। ଆଉ ପ୍ରତ୍ୟେକ ଅପରାହ୍ଣରେ ଟାଣି ହୋଇ ଚାଲିଯାଉଥିଲା ସିଂହଦ୍ୱାର। ଏକା ଏକା ସେ ଅଭ୍ୟାସ କରିନେଉଥିଲା ଯିବା ଆସିବା, ଆଦୌ ରାସ୍ତା ଭୁଲିଯାଉନଥିଲା। ପୁରୀର ରାସ୍ତାଘାଟ ଧୀରେଧୀରେ ତା'ର ଗୋଚରୀଭୂତ ହେଉଥିଲା।

ଜେନି ଲକ୍ଷ୍ୟ କରୁଥିଲା, ତା' ସମଗ୍ର ଚେତନାକୁ ଆବୋରି ବସିଛି ଗୋଟେ ନୂଆ ସତ୍ତା। ସେ ଆଉ କେହି ନୁହେଁ, କାଳିଆ ଠାକୁର। ଦିନ ଗଣି ଗଣି ପ୍ରତୀକ୍ଷା କରୁଥିଲା ତାଙ୍କ ରଥଯାତ୍ରାକୁ। ଆଉ ଅନ୍ତର ଭିତରେ ନେଇ ବସେଇ ଦେଇଥିଲା ତାଙ୍କୁ। ଫଳରେ ଧୀରେ ଧୀରେ ସେ ଦେହ ଚେତନା ଭୁଲି ଯାଉଥିଲା, ଆଉ ରୋଗର କଷଣ ମଧ୍ୟ। ଉତ୍ତମ ଖାଦ୍ୟ ପେୟ ସହିତ ଔଷଧ ସେବନ କରିବାକୁ ଭୁଲୁ ନଥିଲା। ତଥାପି ବେଳେ ବେଳେ ସଂଶୟାଚ୍ଛନ୍ନ ହୋଇପଡୁଥିଲା ସେ। ସତରେ କ'ଣ ରଥଯାତ୍ରା ପର୍ଯ୍ୟନ୍ତ ସେ ବଞ୍ଚିରହିଥିବ କାଳିଆକୁ ରଥ ଉପରେ ଦର୍ଶନ କରିବା ପାଇଁ?

ସିଂହଦ୍ୱାରର ବାମ ପାର୍ଶ୍ୱରେ ଛିଡ଼ାହୋଇ, ଅଥବା କେତେବେଳେ ବସିପଡ଼ି, ସେ ଧ୍ୟାନନିଷ୍ଠ ଚିତ୍ତ ଓ ନିଷ୍ପଲକ ଆଖିରେ ଦେଖୁଥିଲା ପତିତପାବନଙ୍କୁ। ଆଉ ସେଠୁ ସିଧା ହୋଟେଲକୁ ନ ଫେରି ମୁହେଁଇ ଯାଉଥିଲା ବଡ଼ଦାଣ୍ଡ ଆଡ଼େ। ସେଠୁ ରଥଖଳା ପର୍ଯ୍ୟନ୍ତ। ସେଠି ମହାରଣାମାନେ ଲୟ ଲଗେଇ ନିବିଷ୍ଟ ଚିତ୍ତରେ ରଥ ଗଢୁଥିଲେ, କେତେ କୁଟୀକାମ ହେଉଥିଲା ସବୁ ରଥରେ, ଏକାଗ୍ର ଭାବେ ସେ ଅନେଇ ରହୁଥିଲା ମହାରଣାମାନଙ୍କର ରଥଗଢ଼ା କାମକୁ।

ଅଧାଗଢ଼ା ରଥକୁ ଦେଖିବା ସହିତ ଜେନି ବେଶି ଲକ୍ଷ୍ୟ କରୁଥିଲା ମହାରଣା ମାନଙ୍କୁ। କେଉଁଆଡ଼େ ଧ୍ୟାନ ନ ଦେଇ ଏକ ଚିତ୍ତ, ଏକ ମନରେ ସେମାନେ ଗଢ଼ି ଚାଲିଛନ୍ତି ରଥ। ଏ ଦେଶର ମହାରଣାମାନେ ସତରେ କେତେ ମହାନ। କେଡ଼େ ଉତ୍ସର୍ଗିତ ସେମାନେ କଳା , ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପାଇଁ। ରଥଗଢ଼ିବା ଗୋଟେ ମହାନ କଳା, କାଠକୁ କାଠରେ ଯୋଡ଼ି ଅପୂର୍ବ ଛନ୍ଦରେ ଗଢ଼ା ଚାଲିଛି ରଥ। ଆଉ ଅଳ୍ପଦିନ ବାକି ରହିଲା ପ୍ରଭୁଙ୍କ ଯାତ। ତା' ପୂର୍ବରୁ ଯେମିତି ସବୁ ପ୍ରସ୍ତୁତ ସରିଥିବା ଦରକାର। ଦିନେ ଓଳିଏ ବି ଡେରି ହେବାର ନୁହେଁ। ଖଣ୍ଡେ ଦୁଇଖଣ୍ଡ କାଠ ଊଣା କି ବେଶି ହେବନାହିଁ । ଧନ୍ୟ ତୁମେ ଶିଳ୍ପୀ, ଧନ୍ୟ ତୁମର ରଥ ନିର୍ମାଣ ଶୈଳୀ ଓ କୌଶଳ। ପ୍ରଭୁଙ୍କର ରଥ ନିର୍ମାଣ କରୁଥିବାରୁ ଜୀବନ ତୁମର ସାର୍ଥକ।

ଏଇ ଏକାଗ୍ରତା ଏବଂ ଲୟ, ଯାହାକୁ କନ୍‌ସେଣ୍ଟ୍ରେସନ୍ ବୋଲି ବୁଝୁଛି ଜେନି। ଦୈନିକ ଏଠି କିଛି ସମୟ ଏମାନଙ୍କୁ ଦେଖିବା ଫଳରେ ଜେନି ଲୟ ବା କନ୍‌ସେଣ୍ଟ୍ରେସନ୍‌ର ମହତ୍ୱ ବୁଝୁଛି। କିଛିଦିନ ତଳେ ତା' ନିଜ ଭିତରେ ଯାହାସବୁ ଉତ୍ତେଜନା ଓ ଅଶାନ୍ତି ଲାଗି ରହୁଥିଲା, ତାହା ଏବେ କେମିତି କମି କମି ଆସୁଚି ଏଇ କନ୍‌ସେଣ୍ଟ୍ରେସନ୍ ପାଇଁ । ଧ୍ୟାନ, ଚିନ୍ତା ଓ ଚେତନା ସବୁ ଏକମୁଖୀ ହୋଇଯିବା ଭଳି ବୋଧ ହେଉଛି। ଫଳରେ କେତେ ହାଲୁକା ଲାଗୁଛି ଏବେ ତାକୁ। ଆଉ ମନେ ପଡୁନାହିଁ ଲୁସି ଓ ଡେଭିଡ୍‌ର କଥା । ଅନ୍ତଃସତ୍ତାକୁ ଘାରୁ ନାହିଁ ରୋଗର କଷଣ କି ପିତୃପ୍ରଦତ୍ତ ଘରଟି ବିକ୍ରି ହୋଇଯିବାର କ୍ଳେଶ। ସତରେ ନାହିଁ ନଥିବା ଅଭାବନୀୟ ଘଟଣା ସବୁ ଖଞ୍ଜି ଦେଇଛି ଅଦୃଷ୍ଟ ତା' ପାଇଁ ! ତାକୁ ଏମିତି ରୋଗ ନ ହୁଏ କି ଡେଭିଡ୍ ତା' ପାଖରୁ ଦୂରେଇ ନ ଯାଏ, କି ତା'ର ଏକମାତ୍ର ଘରଟି ବିକ୍ରି ନ ହୁଏ। ଏସବୁ ସତ୍ତ୍ୱେ ତା'ର ଲାଭ ହୋଇଛି ଏଇଆ ଯେ, ସେ ଶ୍ରୀକ୍ଷେତ୍ରରେ ଛିଡ଼ା ହୋଇଛି । ହେଉ ପଛେ ଅଳ୍ପଦିନ ପାଇଁ !

ଜେନି ଏବେ ଏଇଆ ବୁଝୁଛି, କିଛି ହରେଇଲେ କିଛି ପ୍ରାପ୍ତ ହୁଏ। ଏଇଠି ଜୀବନ ତ୍ୟାଗ କଲେ ବି ତା' ଆତ୍ମା ଶାନ୍ତି ପାଇବ। ଏବେ ଜୀଇଁ ଥିଲା ବେଳେ ସେଇ ଶାନ୍ତିରୁ ସେ ଯେମିତି କାଣିଚାଏ ମାତ୍ର ଉପଲବ୍ଧି କରୁଛି। ତାକୁ ରୋଗ ହୋଇ ନଥିଲେ, ଡେଭିଡ୍ ଥିଲେ କି ଘର ଥିଲେ, ଏତକ ସେ ପାଇ ନ ଥାନ୍ତା।

ଏବେ ଅଦ୍ଭୁତ ଭାବେ ଜେନିର ଅଭ୍ୟାସ ସବୁ ବଦଳି ବଦଳି ଚାଲିଥିଲା। ମନ୍ଦିରରୁ ଫେରିଲା ବେଳେ ଯେଉଁ ସବୁ ଛୋଟଛୋଟ ଜିନିଷ ତାକୁ ଆକର୍ଷଣୀୟ ମନେ ହେଉଥିଲା, ତାକୁ ସେ କିଣି ଆଣୁଥିଲା। ମାଳି, କଉଡ଼ି, ଛିଟ ପାଟକନା, ଘୁଙ୍ଗୁର-ଏମିତି ସବୁ ଜିନିଷ ନେଇଆସୁଥିଲା କାଳିଆ ପାଇଁ। ଆଉ ତା' ସହିତ ଆଣୁଥିଲା ଗଜା, ଜିଲାପି, କାକରା, ରସ ମଲେଇ ଓ ଛେନା ରାବିଡ଼ି ପରି କିଛି ନା କିଛି ସ୍ୱାଦିଷ୍ଟ ଦରବ। ଟେବୁଲ୍ ଉପରେ ସଜେଇ କାଳିଆକୁ ସେଠି ବସେଇଦେଇ ପାଟଲୁଗା, ଫୁଲ ଆଉ ମାଳିରେ ସଜେଇ ଦେଉଥିଲା ତାଙ୍କୁ। ପରଷି ଦେଉଥିଲା ସ୍ୱାଦିଷ୍ଟ ଦରବ।

ଜେନିର ଏମିତି କାର୍ଯ୍ୟକଳାପରେ ତାଟକା ହେଉଥିଲା ପ୍ରଶାନ୍ତି। ମଝିରେ ମଝିରେ କାମର ବାହାନା କରି ସେ ଜେନିର ରୁମ୍‌କୁ ଆସୁଥିଲା। ଦେଖୁଥିଲା, ଅଧିକାଂଶ ସମୟ ମେମ୍ ମଜ୍ଜି ରହୁଛନ୍ତି କାଳିଆ ଭାବରେ। ଜେନି ସଂପର୍କରେ ତା'ର ଜିଜ୍ଞାସା ଓ କୌତୂହଳର ସୀମା ନ ଥିଲା। ତାକୁ ଲାଗୁଥିଲା ମେମ୍ ସାହିବାଣୀ ଜଣକ ପାଗିଳୀ ନ ହେଲେ ବି ପାଗିଳୀ ଭଳିଆ। ଗୋଟେ ଅଦୃଶ୍ୟ ଜଗତରେ ହଜି ଯିବାକୁ ବା ନିଜକୁ ହଜେଇ ଦେବାକୁ ଚାହୁଁଥିଲା ଜେନି। ଆଉ ପାର୍ଥିବ ଜଗତର ଯାହାସବୁ ଜିନିଷ, ସେଗୁଡ଼ିକୁ ଭୁଲିଯିବାକୁ ଚେଷ୍ଟା କରୁଥିଲା। ଦିନେ ବଡ଼ଦାଣ୍ଡରେ ନିଜର ଦାମୀ ମୋବାଇଲ୍‌ଟିକୁ ହଜେଇ ଦେଲା ଜେନି । ହୋଟେଲ୍‌ରେ ପହଞ୍ଚି ଜ୍ଞାତ ହେଲା ପରେ ବି ସେ ଖୋଜିବାକୁ ଯାଇନଥିଲା କି ସେଥିପାଇଁ ଆଦୌ ବ୍ୟସ୍ତ ହୋଇ ନ ଥିଲା। ଏଥିପାଇଁ ମନରେ ଆଦୌ ଶୋଚନା ବି ନ ଥିଲା ତା'ର।

ଦିନେ ରାତିରେ ନିଜ ଭିତରେ ସ୍ପଷ୍ଟ ଉପଲବ୍ଧିକୁ ଆସୁଥିବା ଏଇ ସବୁ ପରିବର୍ତ୍ତନ କଥା ଭାବି ସେ ଶୋଇପଡ଼ିଲା, ଆଉ ଭୋରରୁ ନିଦ ଭାଙ୍ଗିବା ପରେ ନିଜ ଅନ୍ତର ଭିତରୁ ଶୁଣିବାକୁ ପାଇଲା ଗୋଟେ ମଧୁର ଧ୍ୱନି, ଯାହା ଓଁକାର ଧ୍ୱନି ଭଳି ଲାଗୁଥିଲା ତାକୁ। ବିଛଣା ଉପରେ ନିଶ୍ଚଳ ଭାବେ ବସି ରହି କାନ ପାରିଲା ସେ ସେହି ଧ୍ୱନିକୁ। ତାହା ଅନ୍ୟ କେଉଁଠୁ ଆସୁନଥିଲା । ଆସୁଥିଲା ନିଜ ଅନ୍ତରର ଏକ ଗଭୀରତମ ପ୍ରଦେଶରୁ। କ୍ରମେ ସେ ଶବ୍ଦ ସ୍ୱତଃ ନିଜ ମୁଖଗହ୍ୱର ଦେଇ ନିଃସୃତ ହେବାକୁ ଲାଗିଲା।

ବିଶ୍ୱ ବ୍ରହ୍ମାଣ୍ଡର ଆଦ୍ୟ ଓଁ କାର ଧ୍ୱନି, ଯାହା ଆପେଆପେ ନିଃସୃତ ହୋଇ ଆସୁଥିଲା ଝରଣାର ଉତ୍ସ ପରି ତା' ଭିତରୁ। ମହାଶୂନ୍ୟରୁ ଅବତରିତ ହୋଇ ପୁଣି ସେଇ ଶୂନ୍ୟତା ଆଡ଼କୁ ପ୍ରସାରିତ ହୋଇଯାଉଥିଲା। ଜେନି ଯେମିତି ଥିଲା ଏକ ମାଧ୍ୟମ, ଗୋଟେ ଆଧାର, କେବଳ ବାଙ୍ମୟତା ନିମିତ୍ତ। ଏମିତି ଗୋଟେ ଆତ୍ମବିସ୍ମୃତ ଅବସ୍ଥାରୁ ଉଠି ଆସିବାକୁ ଇଚ୍ଛା ନ ଥିଲେ ବି, ଉଠି ଆସିଥିଲା ଜେନି ବାଳସୂର୍ଯ୍ୟଙ୍କୁ ଦର୍ଶନ ଏବଂ ପ୍ରଣାମ କରିବା ପାଇଁ।

ସେଦିନ ଅପରାହ୍ଣରେ, ସିଂହଦ୍ୱାରଠାରୁ ଫେରି ବଡ଼ଦାଣ୍ଡରେ ଘୂରି ବୁଲୁଥିଲା ବେଳେ ଅଚାନକ ଭେଟ ହୋଇଗଲା ଆନନ୍ଦଙ୍କ ସହିତ, କୌଣସି ପର୍ଯ୍ୟଟକଙ୍କ ଠାରୁ ମେଲାଣି ନେଇ ନିଜ ବାଇକ୍‌ରେ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରୁଥିବା ଅବସ୍ଥାରେ। ବଡ଼ଦାଣ୍ଡର ଏତେ ବିଶାଳ ଲୋକ ଗହଳି ସତ୍ତ୍ୱେ ବି ପରସ୍ପର ପରସ୍ପରକୁ ଚିହ୍ନିବାରେ ଆଦୌ ଅସୁବିଧା ବି ହୋଇନଥିଲା। ଆନନ୍ଦ ଚକିତ ହେଲା ଜେନିକୁ ଏକୁଟିଆ ଦେଖି। ପୁରୀ ସହର ଭିତରେ ଘୂରି ବୁଲିବା ପାଇଁ ଜେନିର ଆଉ ସହାୟକ ବା ଗାଇଡର୍ ଆବଶ୍ୟକତା ନାହିଁ। ଏଥିପାଇଁ ଆନନ୍ଦ ଖୁସି ହେଲା। ଖୁସି ହେଲା ବି ଜେନିର ମାନସିକ ସ୍ଥିତିର ପରିବର୍ତ୍ତନ ପାଇଁ। ଜେନି ବି ଖୁସି ହେଉଥିଲା ଏତେଦିନର ବ୍ୟବଧାନ ପରେ ଆନନ୍ଦ ସହିତ ତା'ର ସାକ୍ଷାତ ହେଉଛି ବୋଲି।

"ତୁମକୁ ମୁଁ ଅନେକ ଖୋଜୁଥିଲି ଆନନ୍ଦ। ଏତେଦିନ କେଉଁଠି ଲୁଚିଗଲ ?"- ସାମାନ୍ୟ ଅଭିଯୋଗ ବାରି ହୋଇ ପଡୁଥିଲା ଜେନିର ସ୍ୱରରୁ । ଟିକେ ସଚେତନ ହେଲା ଆନନ୍ଦ ନିଜର ସାମାନ୍ୟ ତ୍ରୁଟି ପାଇଁ । ବନ୍ଧୁତ୍ୱ ଓ କର୍ତ୍ତବ୍ୟର ଦାୟ ଦୃଷ୍ଟିରୁ ଜେନିକୁ ଭେଟିବାର ଆଗ୍ରହ ଥିବା ସତ୍ତ୍ୱେ ସେ କିପରି ଏଡ଼େଇଗଲା ? ସ୍ପଷ୍ଟ ଅଭିମାନ ନ ହେଲେ ବି ଜେନିର ନିମନ୍ତ୍ରଣକୁ ସେ ମନେମନେ ପ୍ରତୀକ୍ଷା କରୁଥିଲା। ତେବେ ନିଜର ଭାବକୁ ଯଥାସମ୍ଭବ ଲୁଚେଇ ନେଇ ଆନନ୍ଦ କହିଲା - "ପର୍ଯ୍ୟଟକମାନଙ୍କ ସହିତ ପ୍ରାୟ ଏଇ କେତେଦିନ ହେଲା ମୋର ବ୍ୟସ୍ତତା ବଢ଼ିଯାଇଥିଲା । ତା'ଛଡ଼ା ଜରୁରି ଆବଶ୍ୟକ ଥିଲେ ମୋତେ ଫୋନ୍‌ରେ ବି ଜଣେଇ ଦେଇଥାନ୍ତ।" ତଥାପି ଗ୍ଳାନିବୋଧରୁ ମୁକ୍ତ ହୋଇପାରୁ ନଥିଲା ଆନନ୍ଦ। ଦୁରାରୋଗଗ୍ରସ୍ତ, ସଂକଟ ଜଡ଼ିତ ଜଣେ ଅସହାୟ ବିଦେଶୀନିକୁ ତା'ର ସହଯୋଗ କରିବା ନିତାନ୍ତ ଜରୁରି ଥିଲା। ଏମିତି ଅନୁଭବଟେ ତାକୁ ବ୍ୟଥିତ କରୁଥିଲା।

"ତୁମର ବନ୍ଧୁତ୍ୱ ମୋତେ ଭଲ ଲାଗିଥିଲା ଆନନ୍ଦ ! ସେଇ ବନ୍ଧୁତ୍ୱର ଦ୍ୱାହି ନେଇ ତ ଆସି ପାରିଥାନ୍ତ !" - କହିଲା ଜେନି। ଏ କଥା ବି କହିଲା ଯେ, " ମୁଁ ତୁମକୁ ମନେ ମନେ ଖୋଜୁଥିଲି ଆନନ୍ଦ ! ଯାହା ଏବେ ତୁମ ସହିତ ସାକ୍ଷାତ ହୋଇଗଲା । ତେବେ କୌଣସି ଆଶ୍ରମରେ ମୋର ରହିବା କଥା କ'ଣ ବୁଝିଲ ?"

"ବୁଝି ସାରିଛି, ଆଉ ଚାରିଦିନ ପରେ ଠିକଣା ହୋଇଯିବ । ସେ କଥା ମୁଁ ଭଲ ଭାବେ ମନରେ ସାଇତି ରଖିଛି।"

ଜେନି ଏ ସଂକ୍ରାନ୍ତରେ ଆଉକିଛି କହିବାକୁ ଚାହୁଁଥିଲା। ଆନନ୍ଦ କଥାର ପ୍ରସଂଗ ବଦଳେଇ କହିଲା, "ଏବେ ସୂର୍ଯ୍ୟାସ୍ତ ହେବାକୁ ଆହୁରି ଢେର ସମୟ ବାକି ଅଛି। ଚାଲ ସମୁଦ୍ରକୂଳ ଆଡ଼େ ବୁଲି ଆସିବା। ସେଠି ଟିକେ ବସି ଆସିଲେ ଦେହ ଥଣ୍ଡା ହୋଇଯିବ। ଆରାମ ମିଳିବ। ଯିବେ ?"

ଆଗ୍ରହରେ ଜେନି ଗଲା ସମୁଦ୍ରକୂଳ। ଆନନ୍ଦ ସହିତ ଗୋଟେ ଠା'ରେ ବାଲି ଉପରେ ବସି ରହିଲା ସେ। ଟିକେ ଦୂରରେ ବସି ରହିଲା ଆନନ୍ଦ। ଉଭୟେ ଭିନ୍ନ ଭିନ୍ନ ଭାବେ ଦେଖୁଥିଲେ ସମୁଦ୍ରକୁ । ଆନନ୍ଦ ଅନ୍ୟମନସ୍କ ଭାବେ ଅନେଇ ରହିଥିଲା ଲହଡ଼ିକୁ। ଆଉ ଜେନି ଦୂର ଦିଗ୍‌ବଳୟକୁ। କେତେକ କ୍ଷଣ ଅବଶ୍ୟ ବିତି ଯାଇଥିଲା ନୀରବରେ। ଭିନ୍ନ କିଛି ଭାବନାରେ ବୁଡ଼ି ରହିଥିଲା ଜେନି।

"ମୋତେ ସମୁଦ୍ର ନିମନ୍ତ୍ରଣ କରିଛି ଆନନ୍ଦ, ଆହ୍ୱାନ କରିଛି ତା' କୋଳରେ ଆଶ୍ରୟ ଦେବାକୁ।"- ଦିଗ୍‌ବଳୟ ସୀମାରୁ ଆଦୌ ଦୃଷ୍ଟି ନ ହଟେଇ କହିଲା ଜେନି।

ଆଶ୍ଚର୍ଯ୍ୟ ହୋଇ ଆନନ୍ଦ ଦୃଷ୍ଟି ଫେରେଇଲା ଜେନି ଆଡ଼େ। ଏ ବିଦେଶିନୀ କେତେବେଳେ ବି ଲମ୍ଫ ଦେଇପାରେ ସମୁଦ୍ରକୁ। ଆତ୍ମହତ୍ୟାର ପ୍ରବଣତାଟେ କେମିତି ଜେନି ଭିତରେ ଛପି ରହିଛି। ଏଇଆ ହୋଇପାରେ, ଉଭୟ ଦେହ ଆଉ ମନରେ ରୋଗଗ୍ରସ୍ତ ହୋଇ ପଡ଼ିଛି ସେ। ଯାହାର ସମାପ୍ତି ଲୋଡୁଛି ପ୍ରତି ମୁହୂର୍ତ୍ତରେ। ଏଣେ କିନ୍ତୁ ଜୀବନ ଭିକ୍ଷା ମାଗୁଛି ଜୀଇଁ ରହିବା ପାଇଁ।

"ପ୍ରତ୍ୟୁତ୍ତରରେ ତୁମେ କ'ଣ କହିଛ ତାକୁ ?" - ଆନନ୍ଦ ପ୍ରଶ୍ନ କଲା।

"ଏ ଯାଏ ତ କିଛି କହିନାହିଁ । କହିବା ନ କହିବାର ଦ୍ୱନ୍ଦ୍ୱ ଭିତରେ ଘାରି ହେଉଛି ଯାହା।"

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ଶିବଙ୍କ ପ୍ରତୀକ ଏବଂ ସେମାନଙ୍କର ଗଭୀର ରହସ୍ୟ

ଡକ୍ଟର୍ ଅମୂଲ୍ୟ କୁମାର୍ ପଣ୍ଡା

ଶିବଙ୍କୁ କଲ୍ୟାଣର ଉଦାର ଏବଂ ହିତୈଷୀ ଦେବତା ଭାବରେ ବିବେଚନା କରାଯାଏ। ବ୍ରହ୍ମାଣ୍ଡର ସୃଷ୍ଟିରେ, ଗୋଟିଏ ଶକ୍ତି ତିନୋଟି ରୂପରେ ଏହାର କାର୍ଯ୍ୟ କରୁଥିବା ଦେଖାଯାଏ। ବ୍ରହ୍ମା ବ୍ରହ୍ମାଣ୍ଡର ସୃଷ୍ଟି କରନ୍ତି, ବିଷ୍ଣୁ ଏହାକୁ ପାଳନ କରନ୍ତି ଏବଂ ଶିବ ଏହାକୁ ନଷ୍ଟ କରନ୍ତି। ଅର୍ଥାତ୍, ସୃଷ୍ଟିରୁ ବିନାଶ ପର୍ଯ୍ୟନ୍ତ ବ୍ରହ୍ମାଣ୍ଡର ଚକ୍ର ପରମାତ୍ମାଙ୍କ ମାଧ୍ୟମରେ ପ୍ରକୃତିରେ ନିରନ୍ତର ଜାରି ରହେ। ବେଦରେ ପ୍ରକୃତିର ଉପାଦାନଗୁଡ଼ିକୁ ପୂଜା କରାଯାଇଛି। ପ୍ରତ୍ୟେକ ଉପାଦାନକୁ ଏକ ଦେବତାର ରୂପ ଦିଆଯାଇଛି। ପ୍ରାକୃତିକ ବିଜ୍ଞାନର ଏହି ସମଗ୍ର ଘଟଣା ଅତ୍ୟନ୍ତ ରହସ୍ୟମୟ, ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର। ଅନାଦି କାଳରୁ, ଋଷିମାନେ ଚିନ୍ତନ ଏବଂ ପ୍ରତିଫଳନ ମାଧ୍ୟମରେ ଏହି ରହସ୍ୟଗୁଡ଼ିକୁ ଅନୁସନ୍ଧାନ କରିବାକୁ ଚେଷ୍ଟା କରିଆସୁଛନ୍ତି। ଋଗ୍‌ବେଦର ରାତ୍ରି ସୂକ୍ତରେ, ରାତିକୁ ଅନନ୍ତ ବିନାଶ କୁହାଯାଏ, ଏବଂ ଦିନକୁ ଅନନ୍ତ ସୃଷ୍ଟି କୁହାଯାଏ। ଦିନରେ, ଆମର ମନ ଏବଂ ଆମର ଇନ୍ଦ୍ରିୟଗୁଡ଼ିକ ଭିତରରୁ ଗତି କରି ଜଗତ ଆଡକୁ ଧାଇଁଥାନ୍ତି, ଏବଂ ରାତିରେ, ସେମାନେ ବାହାରୁ ଗତି କରି ଶିବଙ୍କ ଆଡକୁ ମୁହାଁଇଥାନ୍ତି। ତେଣୁ, ଦିନ ସୃଷ୍ଟିକୁ ବୁଝାଏ, ଏବଂ ରାତି ବିନାଶକୁ ବୁଝାଏ। ଆସନ୍ତୁ ଶିବଙ୍କ ପ୍ରତୀକ ଏବଂ ସେମାନଙ୍କର ଗଭୀର ରହସ୍ୟଗୁଡ଼ିକୁ ଚିହ୍ନଟ କରିବା।

ପ୍ରଥମରେ ହେଉଛି ବୃଷ। ବୃଷ ହେଉଛି ଶିବଙ୍କ ବାହନ। ଏହା ସର୍ବଦା ଶିବଙ୍କ ସହିତ ଥାଏ। ବୃଷ ଅର୍ଥ ଧର୍ମ। ମନୁସ୍ମୃତି ଅନୁସାରେ, 'ବୃଷଭ ହେଉଛି ଭଗବାନ ଧର୍ମ:' । ବେଦ ଧର୍ମକୁ ଚାରିପାଦ ବିଶିଷ୍ଟ ପ୍ରାଣୀ ଭାବରେ ବର୍ଣ୍ଣନା କରନ୍ତି। ଏହାର ଚାରିପାଦ ହେଉଛି ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ। ମହାଦେବ ଏହି ଚାରିପାଦ ବିଶିଷ୍ଟ ବୃଷଭ ଉପରେ ଚଢ଼ନ୍ତି, ଅର୍ଥାତ୍ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ତାଙ୍କ ଅଧୀନରେ। ବୃଷଭ ମଧ ବୀର୍ଯ୍ୟ ଏବଂ ଶକ୍ତିର ଅର୍ଥ। ଅଥର୍ବବେଦରେ, ବୃଷଭଙ୍କୁ ପୃଥିବୀର ଧାରକ, ପୋଷଣକାରୀ, ଉତ୍ପାଦକ, ଇତ୍ୟାଦି ଭାବରେ ବର୍ଣ୍ଣନା କରାଯାଇଛି। ବୃଷଭ ମଧ ମେଘର ଅର୍ଥ। ବର୍ଷା, ସୃଷ୍ଟି ଇତ୍ୟାଦି ଶବ୍ଦ ଏହି ମୂଳରୁ ଉତ୍ପନ୍ନ ହୋଇଛି। ଶିବ ହେଉଛନ୍ତି ଅନ୍ତରୀକ୍ଷର ଦେବତା। ତାଙ୍କର ନାମ ବ୍ୟୋମକେଶ, ତେଣୁ ଆକାଶ ହେଉଛି ତାଙ୍କ ଜଟିଳ ତାଳର ରୂପ। ଜଟିଳ ତାଳ ବାୟୁମଣ୍ଡଳର ପ୍ରତୀକ। ବାୟୁ ଆକାଶରେ ବ୍ୟାପି ରହିଛି। ସୌରମଣ୍ଡଳ ଉପରେ ପରମେଷ୍ଠୀ ମଣ୍ଡଳ ଅଛି। ଏହାର ଅର୍ଥ ତତ୍ତ୍ୱକୁ ଗଙ୍ଗା କୁହାଯାଏ, ତେଣୁ ଗଙ୍ଗା ଶିବଙ୍କ ଜଟିଳ ତାଳରେ ପ୍ରବାହିତ ହୁଏ। ଶିବଙ୍କୁ ରୁଦ୍ରଙ୍କ ଉଗ୍ର ଏବଂ ବିନାଶକାରୀ ରୂପ ବୋଲି ମଧ ବିବେଚନା କରାଯାଏ। ଦ୍ୱିତୀୟରେ ହେଉଛି ଗଙ୍ଗା ଏବଂ ଚନ୍ଦ୍ର। ମାଆ ଗଙ୍ଗା ଓ ଚନ୍ଦ୍ର ଏହି ଉଗ୍ରତା ମସ୍ତିଷ୍କରେ ବାସ କରେ, ତେଣୁ, ଶାନ୍ତିର ପ୍ରତୀକ ଗଙ୍ଗା ଏବଂ ଅର୍ଦ୍ଧଚନ୍ଦ୍ର, ଶିବଙ୍କ ମସ୍ତକରେ ବସି ତାଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ ରଖନ୍ତି। ଦ୍ୱିତୀୟତଃ, ବିଷ ପିଇବା ଯୋଗୁଁ ତାଙ୍କର ନୀଳ କଣ୍ଠ ହେବା ଯୋଗୁଁ ହେଉଥିବା ଜ୍ୱଳନକୁ ମଧ ଗଙ୍ଗା ଏବଂ ଚନ୍ଦ୍ର ଶାନ୍ତ କରନ୍ତି। ଚନ୍ଦ୍ର ମନର ପ୍ରତୀକ। ଶିବଙ୍କ ମନ ନିର୍ଦ୍ଦୋଷ, ପବିତ୍ର, ପବିତ୍ର ଏବଂ ଶକ୍ତିଶାଳୀ। ତାଙ୍କର ବିବେକ ସର୍ବଦା ସତର୍କ। ତାଙ୍କ ମନରେ କେବେବି ଅଯୌକ୍ତିକ ଚିନ୍ତାଧାରା ଉଠେ ନାହିଁ। ଶିବଙ୍କ ଚନ୍ଦ୍ର ସ୍ୱଚ୍ଛ ଏବଂ ଉଜ୍ଜ୍ୱଳ। ଏହା ଅପବିତ୍ରତା ମୁକ୍ତ; ଏହା ଅମୃତ ବୃଷ୍ଟି କରେ। ଚନ୍ଦ୍ରର ଗୋଟିଏ ନାମ 'ସୋମ', ଯାହା ଶାନ୍ତିର ପ୍ରତୀକ। ଏହି କାରଣରୁ, ସୋମବାରକୁ ଶିବ ପୂଜା, ଦର୍ଶନ ଏବଂ ପ୍ରାର୍ଥନାର ଦିନ ଭାବରେ ବିବେଚନା କରାଯାଏ। ତୃତୀୟରେ ହେଉଛି ତ୍ରିନୟନ। ଶିବଙ୍କୁ ତ୍ରିଲୋଚନ କୁହାଯାଏ, ଅର୍ଥାତ୍ ତାଙ୍କର ତିନୋଟି ଆଖି ଅଛି। ବେଦ ଅନୁସାରେ, ସୂର୍ଯ୍ୟ ଏବଂ ଚନ୍ଦ୍ର ବିରାଟ ପୁରୁଷଙ୍କ ଆଖି। ଅଗ୍ନି ଶିବଙ୍କ ତୃତୀୟ ଆଖି, ଯଜ୍ଞ ଅଗ୍ନିର ପ୍ରତୀକ। ସୂର୍ଯ୍ୟ ଜ୍ଞାନର ଅଧିଷ୍ଠାତ୍ରୀ ଦେବତା, ଏବଂ ଏହି ଜ୍ଞାନ କିମ୍ବା ଅଗ୍ନି ଚକ୍ଷୁ ଦ୍ୱାରା ସେ କାମଦେବଙ୍କୁ ଭସ୍ମ କରିଦେଇଥିଲେ। ଶିବଙ୍କ ଏହି ତିନୋଟି ଆଖି ସତ୍ତ୍ୱ, ରଜ ଏବଂ ତମ ତିନୋଟି ଗୁଣ, ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ତିନି ସମୟ ଏବଂ ସ୍ୱର୍ଗ, ମୃତ୍ୟୁ ଏବଂ ନର୍କର ତିନି ଲୋକର ପ୍ରତୀକ। ତେଣୁ, ଶିବଙ୍କୁ ତ୍ରୟମ୍ବକ ମଧ କୁହାଯାଏ।

ଚତୁର୍ଥରେ ହେଉଛି ସର୍ପଙ୍କ ହାର। ଭଗବାନ ଶଙ୍କରଙ୍କ ଗଳା ଏବଂ ଶରୀରରେ ସାପର ହାର ଅଛି। ସାପଟି ତମୋଗୁଣ (ଅନ୍ଧକାର)ର ଏବଂ ଏହା ଏକ ବିନାଶକାରୀ ପ୍ରକୃତିର ପ୍ରାଣୀ। ଯଦି ଏହା ମଣିଷକୁ କାମୁଡ଼େ, ତେବେ ବ୍ୟକ୍ତିର ମୃତ୍ୟୁ ହୁଏ। ତେଣୁ, ଶିବ ଏହାକୁ ବିନାଶକାରୀତାର ପ୍ରତୀକ ଭାବରେ ଧାରଣ କରନ୍ତି, ଅର୍ଥାତ୍ ଶିବ ତମୋଗୁଣ (ଅନ୍ଧକାର) କୁ ନିୟନ୍ତ୍ରଣ କରିଛନ୍ତି। ସାପ ପରି ଏକ ନିଷ୍ଠୁର ଏବଂ ହିଂସ୍ର ପ୍ରାଣୀ ମହାକାଳଙ୍କ ନିୟନ୍ତ୍ରଣରେ ଅଛି। ପଞ୍ଚମରେ ହେଉଛି ତ୍ରିଶୂଳ। ଏହା ଶିବଙ୍କର ଏକ ଘାତକ ଅସ୍ତ୍ର, ତ୍ରିଶୂଳ ଧାରଣ କରନ୍ତି। ବ୍ରହ୍ମାଣ୍ଡରେ, ସମସ୍ତ ମାନବ ତିନି ପ୍ରକାରର ଦୁଃଖ ଦ୍ୱାରା କଷ୍ଟ ପାଆନ୍ତି: ଶାରୀରିକ, ଦିବ୍ୟ ଏବଂ ଆଧ୍ୟାତ୍ମିକ। ଶିବଙ୍କ ତ୍ରିଶୂଳ ଏହି ଦୁଃଖଗୁଡ଼ିକୁ ନଷ୍ଟ କରେ। କେବଳ ଶିବଙ୍କ ଆଶ୍ରୟ ନେଇ ଜଣେ ଭକ୍ତ ଏହି ଦୁଃଖରୁ ମୁକ୍ତ ହୋଇ ସୁଖ ପ୍ରାପ୍ତ କରିପାରିବେ। ଶିବଙ୍କ ତ୍ରିଶୂଳ ଇଚ୍ଛା, ଜ୍ଞାନ ଏବଂ କାର୍ଯ୍ୟକୁ ସୂଚିତ କରେ। ଷଷ୍ଠରେ ହେଉଛି ଡମ୍ବରୁ। ଶିବ ତାଙ୍କ ହାତରେ ଏକ ଡମରୁ ଧରିଛନ୍ତି। ସେ ତାଣ୍ଡବ ନୃତ୍ୟ ସମୟରେ ଏହାକୁ ବଜାଇଥାନ୍ତି। ପୁରୁଷ ଏବଂ ପ୍ରକୃତିର ମିଳନକୁ ତାଣ୍ଡବ ନୃତ୍ୟ କୁହାଯାଏ। ସେହି ସମୟରେ ପ୍ରତ୍ୟେକ ପରମାଣୁରେ କାର୍ଯ୍ୟକଳାପ ଜାଗ୍ରତ ହୁଏ ଏବଂ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ। ପରମାଣୁର ମିଳନ ଏବଂ ସଂଘର୍ଷ ଶବ୍ଦକୁ ଜନ୍ମ ଦିଏ। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ କୁହାଯାଏ। ଡମରୁର ଶବ୍ଦ ବା ଶବ୍ଦ ହେଉଛି ବ୍ରହ୍ମର ସ୍ୱରୂପ। ଏହା 'ଓଁକାର'ର ପ୍ରକାଶନ। ସପ୍ତମରେ ହେଉଛି ଖପୁରୀ ମାଳ। ଶିବଙ୍କ ଗଳାରେ ଖପୁରୀର ମାଳ ଏହି ଭାବନାକୁ ପ୍ରକାଶ କରେ ଯେ ସେ ମୃତ୍ୟୁକୁ ଆଲିଙ୍ଗନ କରିଛନ୍ତି ଏବଂ ଏହାକୁ ଭୟ କରନ୍ତି ନାହିଁ। ଶ୍ମଶାନରେ ଶିବଙ୍କ ବାସସ୍ଥାନ ଏହାର ପ୍ରତୀକ ଯେ ଯିଏ ଜନ୍ମ ହୋଇଛି ସେ ଦିନେ ମୃତ୍ୟୁବରଣ କରିବ, ତେଣୁ, ଜୀବିତ ଅବସ୍ଥାରେ ଶରୀରର ବିନାଶ ବିଷୟରେ ସଚେତନ ହେବା ଉଚିତ। ପ୍ରଳୟ ସମୟରେ, ସମଗ୍ର ବ୍ରହ୍ମାଣ୍ଡ ଏକ ଶ୍ମଶାନ ଭୂମିରେ ପରିଣତ ହୁଏ। ଯେଉଁ ଶ୍ମଶାନ ଭୂମିରେ ଆମେ ମୃତଦେହ ନେଇଯାଉ, ତାହା ପ୍ରଳୟର ଏକ କ୍ଷୁଦ୍ର ସଂସ୍କରଣ। ଏଥିରେ ଏକ ସଂକ୍ଷିପ୍ତ ଉପସ୍ଥିତି ଏବଂ ଏହାକୁ ଦେଖିବା ଅନିବାର୍ଯ୍ୟ ଭାବରେ କ୍ଷଣିକ ବିଚ୍ଛିନ୍ନତାକୁ ପ୍ରେରଣା ଦିଏ। ଅଷ୍ଟମରେ ହେଉଛି ବାଘ ଚର୍ମ। ଶିବଙ୍କୁ ବାଘ ଚର୍ମ ପିନ୍ଧି କଳ୍ପନା କରାଯାଇଛି। ବାଘ ଅହଂକାର ଏବଂ ହିଂସାର ପ୍ରତୀକ, ତେଣୁ ଶିବ ଅହଂକାର ଏବଂ ହିଂସା ଉଭୟକୁ ଦମନ କରିଛନ୍ତି। ନବମ ରେ ହେଉଛି ଭସ୍ମ ବା ପାଉଁଶ। ଶିବ ତାଙ୍କ ଶରୀରରେ ପାଉଁଶ ପିନ୍ଧନ୍ତି। ଉଜ୍ଜୟିନୀର ମହାକାଳ ମନ୍ଦିରରେ ପ୍ରତିଦିନ ସକାଳେ, ଏକ ଭସ୍ମ ଆରତୀ କରାଯାଏ, ଯେଉଁଥିରେ ଶ୍ମଶାନ ଭୂମିରୁ ଏକ ମୃତ ଶରୀରର ପାଉଁଶ ସହିତ ଶିବଙ୍କୁ ପୂଜା କରାଯାଏ। ଲିଙ୍ଗରେ ପାଉଁଶ ଲଗାଯାଏ। ପାଉଁଶ ଜଗତର ଶୂନ୍ୟତାର ପ୍ରତୀକ। ମହାକାଳପାତ ସମୟରେ, ସମଗ୍ର ବିଶ୍ୱ ନଷ୍ଟ ହୋଇଯାଏ, କେବଳ ପାଉଁଶ ରହିଯାଏ। ଶରୀର ସମାନ ଭାଗ୍ୟ ଅନୁଭବ କରେ। ପାଉଁଶ ଆମକୁ ମୃତ୍ୟୁର ମନେ ପକାଇଥାଏ। ବେଦରେ, ରୁଦ୍ରଙ୍କୁ ଅଗ୍ନିର ପ୍ରତୀକ ଭାବରେ ବିବେଚନା କରାଯାଏ। ଅଗ୍ନିର କାର୍ଯ୍ୟ ହେଉଛି ଭସ୍ମରେ ପରିଣତ କରିବା, ତେଣୁ ପାଉଁଶକୁ ଶିବଙ୍କ ଆଭୂଷଣ ଭାବରେ ବିବେଚନା କରାଯାଏ।

ଏହାପରେ ହେଉଛି ଶିବଙ୍କୁ ରୁଦ୍ର କାହିଁକି କୁହଯାଏ। ଶିବଙ୍କୁ ରୁଦ୍ର ସ୍ୱରୂପ ମଧ କୁହାଯାଏ। ପୁରାଣ ଅନୁସାରେ, ନକ୍ଷତ୍ରମଣ୍ଡଳରେ ଅବସ୍ଥିତ ୧୧ଟି ରୁଦ୍ର ଅଛନ୍ତି। ବୈଦିକ ବାକ୍ୟାଂଶ 'ଅଗ୍ନିର୍ବୈରୁଦ୍ର' ଅର୍ଥ ହେଉଛି ଅଗ୍ନି ହେଉଛି ରୁଦ୍ର। ସାହିତ୍ୟରେ, ରୁଦ୍ର ରୌଦ୍ର ରସ ସହିତ ଜଡ଼ିତ, ଯାହାର ଅର୍ଥ କ୍ରୋଧ। ପ୍ରାକୃତିକ ବିଜ୍ଞାନ ଅନୁସାରେ, ମହାକାଶରେ ପ୍ରକାଶିତ ବିଶ୍ୱବ୍ୟାପୀ ରୁଦ୍ର ଦେବତା, ନିର୍ଦ୍ଦିଷ୍ଟ ଶକ୍ତି ମାଧ୍ୟମରେ ବିଭିନ୍ନ କାର୍ଯ୍ୟ କରନ୍ତି ଏବଂ ବେଦରେ ଏହି ଶକ୍ତିଗୁଡ଼ିକର ପୂଜା ବର୍ଣ୍ଣନା କରାଯାଇଛି। ଏହି କାରଣରୁ, ବେଦରେ ପ୍ରକୃତିର ଉପାଦାନଗୁଡ଼ିକ ପାଇଁ ଉତ୍ସର୍ଗୀକୃତ ସ୍ତୁତି ଏବଂ ସ୍ତୁତି ରହିଛି। ଏହି ଧାରଣାଗୁଡ଼ିକୁ ସାଧାରଣ ଜନତାଙ୍କୁ ବ୍ୟବହାରିକ ଭାବରେ ବୁଝାଇବା ପାଇଁ, ଦେବତାମାନଙ୍କର ମୁଖ, ହାତ, ପାଦ, ରଙ୍ଗ, ଆସନ, ଯାନ, ଅସ୍ତ୍ରଶସ୍ତ୍ର ଏବଂ ଅଳଙ୍କାର ପଛରେ ଲୁକ୍କାୟିତ ଅର୍ଥ କିମ୍ବା ଗୁପ୍ତ କଥା ବୁଝାଇବା ପାଇଁ ମୂର୍ତ୍ତି ବ୍ୟବହାର କରାଯାଇଥିଲା। ନିର୍ଣ୍ଣୟ ବିଜ୍ଞାନ ଉପରେ ଆଧାର କରି ମୂର୍ତ୍ତିଗୁଡ଼ିକ ସୃଷ୍ଟି କରାଯାଇଥିଲା। ନିଦାନ ଅର୍ଥ ସୂଚକ। ଶିବ, ଆଦିମ ବ୍ରହ୍ମ, ଅଗ୍ନି କିମ୍ବା ରୁଦ୍ର ଉପାଦାନ ସହିତ ବ୍ରହ୍ମାଣ୍ଡରେ ପରିପୂର୍ଣ୍ଣ। ଅଗ୍ନି, ବାୟୁ ଏବଂ ସୂର୍ଯ୍ୟର ସମାନ ଉପାଦାନ ଏହି ତିନୋଟି ରୂପରେ ପରିବର୍ତ୍ତିତ ହୁଏ। ଏଥିମଧ୍ୟରୁ, ସମାନ ସୌର ରୁଦ୍ର, ପାଞ୍ଚଟି ଦିଗକୁ ବ୍ୟାପି ପଞ୍ଚମୁଖୀ ହୁଏ। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଦିଗ ସହିତ ସମାନ ସମାନ ବ୍ୟକ୍ତିଙ୍କ ପାଞ୍ଚଟି ମୁଖ ଯଥାକ୍ରମେ ତତ୍ପୁରୁଷ, ସଦ୍ୟୋଜାତ, ବାମଦେବ, ଅଘୋର ଏବଂ ଈଶାନ ଭାବରେ ଜଣାଶୁଣା। 'ପ୍ରତିବକ୍ତ୍ରଂ ଭୁଜଦୟମ୍' ନୀତି ଅନୁସାରେ ଏହି ପଞ୍ଚବକ୍ତ୍ର ଶିବଙ୍କର ଦଶଟି ହାତ ଅଛି। ଏଥିରେ ୧୦ଟି ଅସ୍ତ୍ର ଅନ୍ତର୍ଭୁକ୍ତ: ଅଭୟ, ଟଙ୍କ, ଶୂଳ, ବଜ୍ର, ପାଶ, ଖଣ୍ଡା, ଅଙ୍କୁଶ, ଘଣ୍ଟା, ନାଦ ଏବଂ ଅଗ୍ନି। ସେମାନଙ୍କର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପୁରାଣରେ ବିସ୍ତାରିତ ଭାବରେ ବର୍ଣ୍ଣିତ ହୋଇଛି। ସଂକ୍ଷେପରେ ମହାଦେବଙ୍କ ପାଞ୍ଚଟି ମୁଖ ପାଞ୍ଚଟି ଉପାଦାନକୁ ପ୍ରତିନିଧିତ୍ୱ କରେ। ଦଶଟି ହାତ ୧୦ଟି ଦିଗକୁ ପ୍ରତିନିଧିତ୍ୱ କରେ। ତାଙ୍କ ହାତରେ ଥିବା ଅସ୍ତ୍ରଗୁଡ଼ିକ ବିଶ୍ୱକୁ ସୁରକ୍ଷା ଦେଉଥିବା ଶକ୍ତିର ପ୍ରତୀକ। ଅନେକ ବିଦ୍ୱାନ ବିଶ୍ୱାସ କରନ୍ତି ଯେ ଶିବଙ୍କ ପାଞ୍ଚଟି ମୁଖ ଏହି ପାଞ୍ଚଟି କାର୍ଯ୍ୟ ସୃଷ୍ଟି କରୁଥିବା ପାଞ୍ଚଟି ଶକ୍ତିର ପ୍ରତୀକ: ସୃଷ୍ଟି, ପୋଷଣ, ବିଲୟ, କୃପା ଏବଂ ସଂଯମ। ପୂର୍ବ ମୁଖ ସୃଷ୍ଟିକୁ ପ୍ରତିନିଧିତ୍ୱ କରେ, ଦକ୍ଷିଣ ମୁଖ ଅସ୍ତିତ୍ୱକୁ ପ୍ରତିନିଧିତ୍ୱ କରେ, ପଶ୍ଚିମ ମୁଖ ବିନାଶକୁ ପ୍ରତିନିଧିତ୍ୱ କରେ, ଉତ୍ତର ମୁଖ ଅନୁଗ୍ରହକୁ ପ୍ରତିନିଧିତ୍ୱ କରେ ଏବଂ ଉପର ମୁଖ ସଂଯମ (ଜ୍ଞାନ)କୁ ପ୍ରତିନିଧିତ୍ୱ କରେ।

♥ ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# ଦାନ କରନ୍ତୁ ସେବା କରନ୍ତୁ

ଅଜୟ କୁମାର ବେହେରା

ରାଜାଙ୍କ ଦାନନୀତିକୁ ପ୍ରାଧାନ ଦେଇ ଅନ୍ୟ ତିନି ନୀତିଙ୍କୁ ଆଉଡାଇ ଅନ୍ୟ ତିନି ନୀତି ଦଣ୍ଡ, ଭେଦ, ସାମ୍ୟ ପୁରାଣରେ ରାଜା ହରିଶ୍ଚନ୍ଦ୍ର ତତ୍କାଳ ସମାଜର ନାମକରା ମାନ୍ୟବର କ୍ଷତ୍ରିୟରୁ ସାଧନରେ ବ୍ରାହ୍ମଣ ସ୍ତରକୁ ଆସିଥିବା ପୁରୋହିତ ବିଶ୍ୱାମିତ୍ରଙ୍କୁ ସମ୍ପୂର୍ଣ୍ଣ ରାଜ୍ୟର ଭାର ରାଜଧନ ସହ ଦାନ କରି ଶେଷରେ ସ୍ତ୍ରୀଙ୍କୁ ଭାଡିଆ ଚାକରାଣୀ ଓ ନିଜକୁ କାଲୁଆ ଡମର ଶ୍ମଶାନ ଜଗା ଚାକର ହେବାକୁ ହୋଇଥିଲା। ଯାହାଙ୍କ ଦୈବ ଉପରେ ଭରସା ନକରି ନିଜ ପୌରୁଷ ଉପରେ ଦୃଢ଼ ରହି ସବୁକାର୍ଯ୍ୟ କରିଯିବା ଅଭ୍ୟାସ ଥିଲା ସେ ତାଙ୍କ ଜନ୍ମଦାତା ପିତୃ ପ୍ରଦତ୍ତ ଅମୋଘ ସୂର୍ଯ୍ୟ କବଚ, ଅମୃତ ସ୍ରାବୀ କୁଣ୍ଡଳକୁ ନିଜ ମାଆ କୁନ୍ତୀଙ୍କୁ ଦାନ ଦେଇ, ଦାତା କର୍ଣ୍ଣ ନାମର ପ୍ରାତଃସ୍ମରଣରେ ଏ ପର୍ଯ୍ୟନ୍ତ ରହିଲେ ବି ମହାଭାରତ ଯୁଦ୍ଧରେ ଯାହା ଥିଲା ଧର୍ମ କ୍ଷେତ୍ର, କୁରୁକ୍ଷେତ୍ର ସେଥିରେ ହାର ହେବ କ'ଣ ଅକାଳ ମୃତ୍ୟୁ ହୋଇଥିଲା। ରାଜା ଶିବି ଏକ ଛଞ୍ଚାଣର ଖାଦ୍ୟ ସନ୍ଧାନରେ ଆସିଥିବା କପୋତକୁ ରକ୍ଷା ପାଇଁ ଖାଦ୍ୟ ଖାଦକରେ ନିରୀହକୁ ବଳିରୁ ରକ୍ଷା ପାଇଁ ନିଜର ସ୍ୱ ଅଙ୍ଗରୁ ମାଂସ ଖଣ୍ଡ ଖଣ୍ଡ କାଟି କପୋତ ଓଜନର ଦେବାକୁ ଚେଷ୍ଟା କରି ସମତୁଲ ନ ହେବାରୁ ଶେଷରେ ନିଜେ କପୋତକୁ ତାରଜୁ ସ୍ଥିତ କପୋତର ଭିନ୍ନ ପଲ୍ଲାରେ ବସି ଛଞ୍ଚାଣର ଆହାର ପାଇଁ କପୋଦ ବଦଳରେ ନିଜ ଜୀବନହାରୀ ସ୍ୱ ଦେହ ମାଂସ ଦେବାକୁ ଉଦ୍ୟମ ରହିଥିଲେ।

ରାଜା ରନ୍ତି ଦେବ ନିଜ ନିତ୍ୟ ଭୋଜନ କାଳରେ ସ୍ୱ ପ୍ରଜାଙ୍କୁ ସ୍ୱ ଭୋଜନ ସାମଗ୍ରୀ ଭୋଜ୍ୟ ଦ୍ରବ୍ୟ ନିତ୍ୟ ଦାନ କରି ସର୍ବହରା ହୋଇଥିଲେ। ଇତିହାସରେ ଅଛି ରାଜା ହର୍ଷବର୍ଦ୍ଧନ ପ୍ରୟାଗ କୁମ୍ଭ ମେଳାରେ ତାଙ୍କର ରାଜ୍ୟର ସମସ୍ତ ତହବିଲରୁ ତ୍ରିବେଣୀ ସ୍ନାନ ଉଦ୍ଦେଶ୍ୟରେ ଆଗତ ସମସ୍ତ ସାଧୁ ସନ୍ଥ ସ୍ନାନାର୍ଥୀ ମାନଙ୍କର ବସତି, ଭୋଜନର ଖର୍ଚ୍ଚ ବହନ କରିବା ସହ ନଗଦ ଧନ ବସ୍ତ୍ର ଆଦି ଦାନ କରି ରାଜ ଅର୍ଥ ଭଣ୍ଡାର ଶୂନ୍ୟ କରିଥିଲେ ତା ସହ ସ୍ୱ ବ୍ୟବହାର୍ଯ୍ୟ ସ୍ୱର୍ଣ୍ଣ ଆଭୂଷଣ ପଟ୍ଟବସ୍ତ୍ର ରାଜପରିଚ୍ଛଦ ଦାନ କରି ତାଙ୍କ ଭଉଣୀ ରାଜଶ୍ରୀର ବସ୍ତ୍ର ମାଗି ପରିଧାନ କରିଥିଲେ। ଆଉ ଏକ ଧର୍ମଯୁଦ୍ଧ ଇତିହାସ ପ୍ରମାଣ, ମହମ୍ମଦ ଘୋରୀ ଆଉ ପୃଥ୍ୱୀରାଜ ଚୌହାନ ସମସ୍ତ ସୈନ୍ୟଙ୍କୁ ତ୍ୟାଗକରି ଜୟୀ ମଧ୍ୟରେ ଦ୍ୱନ୍ଦ୍ୱର ଚୁକ୍ତି ଥିଲା ଚୁକ୍ତି ଖିଲା ହିନ୍ଦୁନରେଶ ପୃଥ୍ୱୀରାଜ କେବଳ କରିନଥିଲେ। ରାଜକୋଷ ପାଇଁ ଧବ ରାଜ କାନୁନ ଦ୍ୱାରା ଦାନ କରିଚାଲିଲେ ସାରିବା ପରେ ପୁନଃ ଭରିଣା ହୋଇଯାଏ। ମାତ୍ର ଉପଯୁକ୍ତ ବିଚାରର ରାଜଶକ୍ତି ନ ହେଲେ ଦାନ ବୃଥା ହୋଇଯାଏ। ଅପାତ୍ରରେ ଦାନ ପୁଣ୍ୟ ଠାରୁ ପାପବେଶୀ କରାଏ। ବିନୋବା ଭାଭେ, ଏମିତି ଜଣେ ମହାନ ବ୍ୟକ୍ତି ଥିଲେ ଯେ 'ଭୂଦାନ'ର ମାର୍ଗ ଦର୍ଶକ ସାଜି ବହୁ ଜମି ଅଧିକାରୀ ଜମିଦାର ମାନଙ୍କ ଠାରୁ ଦାନ ସୂତ୍ରେ ଜମି ସଂଗ୍ରହ କରି ଭୂମିହୀନଙ୍କୁ ଥଇଥାନ ପାଇଁ ଦେବା କାର୍ଯ୍ୟ କରି ନାମଧନ୍ୟ ହୋଇଛନ୍ତି। ଏହା ଏକ ଧର୍ମ ଭାବନା ଧନୀ ଥିଲାବାଲା ଲୋକେ କନ୍ୟା ବିବାହରେ ଅନେକ ବିବାହ ବେଦୀରେ କନ୍ୟା ସହ ଗୋ ଭୂମି ଦାନ କରିବା ପ୍ରଥା ଏବେ ବି ବିଲୁପ୍ତ ନୁହେଁ।

ତେବେ ନିଜସ୍ୱ ଯାହା ତାହା ଜଗତ ହିତ ପାଇଁ ଦାନ ବହୁପୁଣ୍ୟ କାର୍ଯ୍ୟ, ଏଥିରେ ରକ୍ତ ଦାନ ବହୁ ମୁମୂର୍ଷୁଙ୍କ ପ୍ରାଣରକ୍ଷା ହେଉଛି, ଖଟିଖିଆ କୃଷକ ଝାଳ ନାଳ ହୋଇ ଖରାବର୍ଷା ସହି କୃଷି କରି ଲୋକଙ୍କ ଭୋଜନର ସାମଗ୍ରୀ ଯୋଗାଇବା ଏକ ବଡ଼ ଦାନ, ଅଜ୍ଞାନୀ ମାନଙ୍କୁ ଜ୍ଞାନ ଦେଇ ପ୍ରତିଷ୍ଠା, ଉପାର୍ଜନକ୍ଷମ କରାଇବାକୁ ସଂକଳ୍ପ ସାଧକ ବୃତ୍ତିଧାରୀ ଶିକ୍ଷକ ଅଧ୍ୟାପକମାନେ ତିମିର ଧ୍ୱଂସ କାରି ସୂର୍ଯ୍ୟ ପରି ନିଶ୍ଚିତ ଦାନୀ। ଗୁରୁ ଦେତ୍ତାତ୍ରେୟ ତାଙ୍କ ଜ୍ଞାନ ଆହରଣରେ ବୃକ୍ଷଙ୍କୁ ଗୁରୁ କରିଥିଲେ ପ୍ରକୃତରେ ଧୈର୍ଯ୍ୟ ଧାରିଣୀ ପୃଥିବୀ ମାତାଙ୍କ ସନ୍ତାନ ଏହି ବୃକ୍ଷମାନେ ଅମିତ ସହ୍ୟଶକ୍ତି ସମ୍ପନ୍ନ ଯେ ଲଗାଇଛି ତାର ନିଶ୍ଚୟ ଋଣ ଶୋଧ କରିବା ସହ ସମଗ୍ର ଜୀବଜଗତର ବିଷ ଅଙ୍ଗାରକାମ୍ଳକୁ ବିଶୋଷିତ କରି ଅମୃତ ଅମ୍ଳଜାନରେ ବଞ୍ଚାଇ ରଖୁଛନ୍ତି, ଏତ ଶିବକଳା, ବୃଥା ପଥରର ଶିବ ପୂଜାରେ ସମୟ ଅପଚୟ ନକରି ବୃକ୍ଷ ରୋପଣ, ବୃକ୍ଷରେ ଜଳ ଦେବା ରକ୍ଷଣାବେକ୍ଷଣ କରିବା ଲତା ତୃଣ ଶସ୍ୟ ଉଦ୍ଭିଦ ମାନଙ୍କୁ ଋତୁ ଅନୁସାରେ ଚାଷ ଜାହରି ରଖିବା ପ୍ରକୃତ ଏହା ଶିବ ସେବା। ଏହା ପ୍ରକୃତି ମାତାଙ୍କ ପାଇଁ ମହାଦାନ। ପ୍ରକୃତି ମାତା ଅନ୍ନପୂର୍ଣ୍ଣା ଶାକମ୍ଭରୀ, ଆଉ ଶିବ ହେଉଛନ୍ତି ବୃକ୍ଷ ଲତା ଉଦ୍ଭିଦଗଣ ଯେଉଁ କୋଟିଲିଙ୍ଗ ଅର୍ଚ୍ଚନା ପୂଜା ଅଛି ଏହା ହିଁ ପ୍ରକୃତରେ ହିଁ ଏହାକୁ ସରଳରେ ବୁଝାଉଛି ବୃକ୍ଷ ସେବା ଏଥିରେ ଶ୍ରମ ଦାନ ଆସୁ ଫଳପ୍ରଦ, ଶାକଚାଷରୁ ଆସୁଫଳ ମିଳୁଛି କି ନାହିଁ ସମସ୍ତେ ଜାଣନ୍ତି।

(କ୍ରମଶଃ)

♥ ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

# ମଧୁରୋକ୍ତି...( ୧୮ )




♥ ମଧୁମିତା ମିଶ୍ର


(ପୂର୍ବ ପ୍ରକାଶିତ ଉତ୍ତାରୁ)ନିଜ ପ୍ରଭୁଙ୍କୁ ଏପରି ଅବସ୍ଥାରେ ଦେଖି ହନୁମାନ ବିଚଳିତ ହୋଇ ପଡ଼ିଲେ। ତାଙ୍କୁ କୌଣସି ମାର୍ଗ ଦେଖାଗଲା ନାହିଁ। କିନ୍ତୁ ଏହି ନାଗଫାଶ କବଳରୁ କେବଳ ପକ୍ଷୀରାଜ ଗରୁଡ଼ ହିଁ ଉଦ୍ଧାର କରି ପାରିବେ ବୋଲି ଜାଣିବା ପରେ ସେ ତୁରନ୍ତ ବିଷ୍ଣୁ ଲୋକରୁ ଗରୁଡ ମହାରାଜଙ୍କୁ ଆବାହନ କରିଥିଲେ। ପ୍ରଭୁ ଶ୍ରିହରୀଙ୍କର ଏପରି ଅବସ୍ଥା ଦେଖି ନିଜେ ଗରୁଡ ଭୀଷଣ ହୁଙ୍କାର କରି ନାଗ ମାନଂକ ଉପରକୁ ଝାମ୍ପ ଦେବାରୁ ସେମାନେ ଭୟଭୀତ ହୋଇ ଛତ୍ରଭଙ୍ଗ ଦେଲେ। ତା ପରେ ଯାଇ ସମସ୍ତେ ମୁକ୍ତ ହୋଇଥିଲ।

ଯୁଦ୍ଧ ବହୁତ୍ ଜୋର ଧରି ଆସୁଥିଲା। ଉଭୟ ପଟୁ ଅନେକ ବୀର ମୃତାହତ ହେଉଥିଲେ। ତୁମର ଶର ଆଗରେ କାହାରି ଶକ୍ତି କାମ କରୁ ନଥିଲା। ସେଇଥିପାଇଁ ଇନ୍ଦ୍ରଜିତ ପୁଣି ଥରେ ନିଜର ମାୟାବୀ ଶକ୍ତି ବଳରେ ନାଗଫାଶ ଦ୍ୱାରା ସମସ୍ତଙ୍କୁ ବାନ୍ଧି ପକେଇଲା। ନିଜ ପ୍ରଭୁଙ୍କୁ ଏପରି ଅବସ୍ଥାରେ ଦେଖି ହନୁମାନ ବିଚଳିତ ହୋଇ ପଡ଼ିଲେ। ତାଙ୍କୁ କୌଣସି ମାର୍ଗ ଦେଖାଗଲା ନାହିଁ। କିନ୍ତୁ ଏହି ନାଗଫାଶ କବଳରୁ କେବଳ ପକ୍ଷୀରାଜ ଗରୁଡ଼ ହିଁ ଉଦ୍ଧାର କରି ପାରିବେ ବୋଲି ଜାଣିବା ପରେ ସେ ତୁରନ୍ତ ବିଷ୍ଣୁ ଲୋକରୁ ଗରୁଡ ମହାରାଜଙ୍କୁ ଆବାହନ କରିଥିଲେ। ପ୍ରଭୁ ଶ୍ରିହରୀଙ୍କର ଏପରି ଅବସ୍ଥା ଦେଖି ନିଜେ ଗରୁଡ ଭୀଷଣ ହୁଙ୍କାର କରି ନାଗ ମାନଂକ ଉପରକୁ ଝାମ୍ପ ଦେବାରୁ ସେମାନେ ଭୟଭୀତ ହୋଇ ଛତ୍ରଭଙ୍ଗ ଦେଲେ ।ତା ପରେ ଯାଇ ସମସ୍ତେ ମୁକ୍ତ ହୋଇଥିଲ।

ଏଥର ଇନ୍ଦ୍ରଜିତର ବଧ ଅବଶ୍ୟମ୍ଭାବୀ ଥିଲା। କିନ୍ତୁ ସେ ବରଦାନ ପାଇଥିଲା ଯେ ଏପରି ଏକ ବ୍ୟକ୍ତି ହାତରେ ସେ ମୃତ୍ୟୁ ବରଣ କରିବ ଯେ ବାର ବର୍ଷ ଯାଏଁ ଖାଦ୍ୟ ଏବଂ ନିଦ୍ରା ପରିହାର କରିଥିବେ। ଏମିତି କଥା ଶୁଣିବା ପରେ ବୀର ଲକ୍ଷ୍ମଣ ଏହି କାର୍ଯ୍ୟ କରି ପାରିବେ ବୋଲି ଆଶ୍ୱାସନା ଦେଇଥିଲେ। ଭାଇ ଭାଉଜଙ୍କ ସୁରକ୍ଷା ପାଇଁ ତାଙ୍କ ମାତା ସୁମିତ୍ରା ନିଜ ଇଚ୍ଛାରେ ତାଙ୍କୁ ବଣକୁ ପଠେଇ ଥିଲେ ।ହେଲେ କାଳେ ତନ୍ଦ୍ରାବସ୍ଥା ତାଙ୍କ କର୍ତ୍ତବ୍ୟ ପାଳନରେ ବ୍ୟାଘାତ ସୃଷ୍ଟି କରିବ ଭାବି ବାନବାସକୁ ଆସିବା ପୁର୍ବରୁ ହିଁ ସହଧର୍ମିଣୀ ଉର୍ମିଳା ତାଙ୍କର ବାର ବର୍ଷର ନିଦ ନିଜ ପାଇଁ ନେଇ ଯାଇଥିଲେ। ସେଥିପାଇଁ ଲକ୍ଷ୍ମଣ ଆସିବା ପରଠାରୁ ସେ ମହାସତୀ ନିଦ୍ରାବସ୍ଥାରେ ଦିନ କାଟୁଛନ୍ତି।

ହେଲେ ଲକ୍ଷ୍ମଣ ଯେ ଏତେ ଦିନ ଧରି ଖାଦ୍ୟ ଗ୍ରହଣ କରି ନାହାନ୍ତି ସେକଥା ତୁମକୁ ବିଶ୍ୱାସ ହେଲାନି। କାରଣ ତୁମେ ଥରେ ତାଙ୍କୁ ଏକ କଦଳୀ ପ୍ରସାଦ ନିଜେ ଦେଇଥିଲ। ଆଉ ତୁମେ ଜାଣିଥିଲ ଯେ ସେ ସେହି ପ୍ରାସାଦର ଅପମାନ କେବେ କରି ନଥିବେ। ଏହି କଥାର ଉତ୍ତରରେ ବିନମ୍ର ପ୍ରଣାମ ଜଣେଇ ଲକ୍ଷ୍ମଣ ନିଜ ଜଙ୍ଘ କାଟି ଦେଖାଇଥିଲେ...ସେହି କଦଳୀ ସେହିପରି ଅକ୍ଷୁର୍ଣ୍ଣ ସାଇତି ରଖା ଯାଇଥିଲା। ତାଙ୍କର ଏହି ବିଚିତ୍ର ଆଚରଣ ବିଷୟରେ ପଚାରିବାରୁ ସେ ଜଣେଇ ଦେଲେ ଯେ ସେ ଖାଦ୍ୟ ଖାଇବା ପରେ କାଳେ ଆଳସ୍ୟ ଆସିଯିବ ସେହି ଭୟରେ ସେ ଖାଦ୍ୟ ତ୍ୟାଗ କରି ଦେଇଥିଲେ। ନିଜ ଅନୁଜଙ୍କର ଏପରି ଅନନ୍ୟ ତ୍ୟାଗ ଓ ଭାତୃଭକ୍ତି ଦେଖି ସେଦିନ ସମସ୍ତେ ଅଭିଭୂତ ହୋଇ ଯାଇଥିଲେ।

ହେ ପ୍ରଭୁ... ସତରେ ତୁମକୁ କଣ ଅଜଣା ଅଛି କହିଲ...!!??

କିନ୍ତୁ ତୁମେ ନିଜ ଭକ୍ତମାନଙ୍କୁ ସର୍ବଦା ସମ୍ମାନ ଦେଇ ଆସିଛ। ସେମାନଙ୍କ ମନରେ ଶକ୍ତି ଆଉ ସାହସର ସଂଚାର କରିଛ। ସେଥିପାଇଁ ବିଭୀଷଣଙ୍କୁ ଡାକି ଇନ୍ଦ୍ରଜିତ ବଧର ମାର୍ଗ ପଚାରିଥିଲ। ମେଘନାଦ ଇନ୍ଦ୍ରକୁ ବିଜୟ କରିବା ସହିତ ଅନେକ ଦୈବୀ ଅସ୍ତ୍ର ଶସ୍ତ୍ର ତଥା ମାୟାବୀ ବିଦ୍ୟାର ସ୍ୱାମୀ ହୋଇ ପାରିଥିଲା। ତା ହାତରେ ଅସ୍ତ୍ର ଥିବା ଅବସ୍ଥାରେ ତାକୁ ପରାସ୍ତ କରିବା ଜମା ସମ୍ଭବ ନଥିଲା। ତେଣୁ ସେ ନିରସ୍ତ୍ର ଥିଲା ବେଳେ ହିଁ ତାର ବଧ ହେବା ସମ୍ଭ ଥିଲା। ବିଭୀଷଣ କହିବା ଅନୁସାରେ ଇନ୍ଦ୍ରଜିତ ପ୍ରତିଦିନ ଦେବୀ ନିକୁମ୍ଭିଲାଙ୍କ ଉପାସନା କରିବାକୁ ଏକ ଗୁପ୍ତ ସ୍ଥାନକୁ ଖାଲି ହାତରେ ଯାଏ। ସେତିକିବେଳେ ଏହି କାର୍ଯ୍ୟ କରିବା ଉଚିତ୍ ହେବ ବୋଲି ଜାଣିପାରି ବୀର ଲକ୍ଷ୍ମଣ ଅନ୍ୟ ସେନା ନାୟକମାନଙ୍କ ସହିତ ସେହି ଗୁପ୍ତ ସ୍ଥାନକୁ ଯାଇ ଇନ୍ଦ୍ରଜିତ ସହ ସମ୍ମୁଖ ଯୁଦ୍ଧ କରି ତାକୁ ସେଇଠି ସମାପ୍ତ କରି ଦେଇଥିଲେ।

ନିଜ ପୁତ୍ରର ନିଧନ ପରେ ରାବଣ ପାଗଳପ୍ରାୟ ହୋଇ ଉଠିଥିଲା। ଏଥର ଯୁଦ୍ଧ କଳ ବଳ ଅପେକ୍ଷା କୌଶଳ ହେଲେ ମଧ୍ୟ ଲଢେଇ କରି ଜିତିବାକୁ ନାନା ଯୋଜନା ପ୍ରସ୍ତୁତ କଲା। ସେଇଥିପାଇଁ ନିଜ ପ୍ରିୟ ଭାଇ କୁମ୍ଭକର୍ଣ୍ଣକୁ ଡକେଇ ପଠେଇବାକୁ ବ୍ୟବସ୍ଥା କଲା। କୁମ୍ଭକର୍ଣ୍ଣ ରାବଣ ଏବଂ ବିଭୀଷଣ ସହିତ ଯେତେବେଳେ ବ୍ରହ୍ମାଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରିଥିଲା; ସେତେବେଳେ ରାବଣ ନିଜ ପାଇଁ ତ୍ରିପୁର ବିଜୟୀ ହେବାର ଆଶିଷ ମାଗିବା ବେଳେ ବିଭୀଷଣ ବିଷ୍ଣୁଙ୍କର ସାକ୍ଷାତ ଦର୍ଶନ ମାଗିଥିଲେ ସେତେବେଳେ କୁମ୍ଭକର୍ଣ୍ଣ ନିଜ ପାଇଁ ଛ ମାସର ସୁଖ ନିଦ୍ରା ମାଗି ଦେଇଥିଲା। ସେ ବର୍ଷକୁ ଛ ମାସ ଖାଇବା ଆଉ ବଳକା ଛଅ ମାସ ଶୋଇବାରେ ଅତିବାହିତ କରୁଥିଲା। ତା ସହିତ ତାକୁ ଏହି ବରଦାନ ମଧ୍ୟ ମିଳିଥିଲା ଯେ ସମୟ ପୂର୍ଣ୍ଣ ହେବା ଆଗରୁ ଯଦି ତାର ନିଦ୍ରା ଭାଙ୍ଗିଯାଏ ତେବେ ହିଁ ତାର ମୃତ୍ୟୁ ହେବ। କୁମ୍ଭକର୍ଣ୍ଣକୁ ନିଦରୁ ଉଠେଇବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଗଲା। ଘଣ୍ଟ ଘଣ୍ଟା ଖୋଳ ତାଡ଼ ବଜେଇ ନୃତ୍ୟ ସଙ୍ଗୀତ କରିଲେ ମଧ୍ୟ ତା ନିଦ ଭାଙ୍ଗିଲା ନାହିଁ। କିନ୍ତୁ ସେ ନ ଉଠିଲେ ରାବଣ ଆଉ କାହା ଉପରେ ଭରଷା କରି ପାରିବା ସମ୍ଭବ ନଥିଲା। ଏଣୁ ସେ ଯେମିତି ହେଲେ ମଧ୍ୟ ତା ନିଦ ଭାଙ୍ଗିବାକୁ ଚେଷ୍ଟା କଲା। ଶେଷରେ ଖାଦ୍ୟ ପଦାର୍ଥ ସବୁ ଆଣି ତା ଆଗରେ ରଖି ଦେବାରୁ ସେହି ବାସ୍ନାରେ କୁମ୍ଭକର୍ଣ୍ଣର ନିଦ୍ରା ଭଙ୍ଗ ହେଲା ଓ ସେ ପ୍ରଥମେ ଭୂରି ଭୋଜନ କଲା ।ତତ୍ ପଶ୍ଚାତ ରାବଣକୁ ଏମିତି ଅସମୟରେ ତାକୁ ନିଦରୁ ଉଠେଇବାର କାରଣ ପଚାରିଲା।

ସବୁ ଶୁଣିସାରି କୁମ୍ଭକର୍ଣ୍ଣ ରାବଣକୁ ବହୁତ୍ ଧିକ୍କାର କଲା। ଏମିତି ପରସ୍ତ୍ରୀ ହରଣ କରିବା ଜମାରୁ ଏକ ବୀରର କାର୍ଯ୍ୟ ନୁହେଁ ବୋଲି ତାକୁ ବହୁତ୍ ବୁଝେଇଲା। ପରମ ପ୍ରତାପୀ ପୁତ୍ର ସହିତ ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବମାନଙ୍କୁ ହରେଇ ସାରିବା ପରେ ରାବଣ ଆହୁରି ଯୁଦ୍ଧ କରିବା ସର୍ବାଦୌ ଏକ ଅନୈତିକ ଆଚାର ବୋଲି ବହୁତ୍ କରି କହିଲା। ବିଭୀଷଣ ବିଷୟରେ ଶୁଣି ବହୁତ୍ ଖୁସି ହେଲା। କାରଣ ସେ ଜଣେ ମାତ୍ର ଶ୍ରୀହରିଙ୍କ ଦର୍ଶନ ପାଇଥିଲେ ।ବିନାଶ କାଳେ ବିପରୀତ ବୁଦ୍ଧି ହୋଇଛି ବୋଲି ଅନେକ କହିବା ପରେ ମଧ୍ୟ ରାବଣ ଜମାରୁ ବୁଝିଲା ନାହିଁ ।ନିଜ ଭାଇର ସାଙ୍ଗରେ ଠିଆ ହେବା ହିଁ ଏକ ଭାଇର କର୍ତ୍ତବ୍ୟ। ସେହି କର୍ତ୍ତବ୍ୟ କରୁ କରୁ ଜୀବନ ଚାଲିଗଲେ ମଧ୍ୟ ସେ ଦୁଃଖ କରିବ ନାହିଁ ବୋଲି ଜଣେଇ ଦେଲା। ଶତ୍ରୁ ପକ୍ଷରେ ସ୍ୱୟଂ ନାରୟଣ ଥିବା ତା ପାଇଁ ଏକ ବରଦାନ ସଦୃଶ ଓ ଯୁଦ୍ଧ କରିବା ପରେ ସେ ନିଶ୍ଚିତ ଥିଲା ଯେ ତୁମ ହାତରେ ତାର ମୃତ୍ୟୁ ହେବ। ଆଉ ତୁମରି ହାତରେ ଅନ୍ତ ହେବା ପରେ ସେ ସ୍ୱର୍ଗଲୋକ ପ୍ରାପ୍ତି କରି ଜନ୍ମ ମୃତ୍ୟୁର ମାୟାଜାଲରୁ ମୁକ୍ତ ହୋଇଯିବ ବୋଲି ଖୁସି ଥିଲା । ସେଇୟା ହିଁ ହେଲା। ଭୀଷଣ ଆତଙ୍କ ଖେଳାଇ କୁମ୍ଭକର୍ଣ୍ଣ ସେଦିନ ଯୁଦ୍ଧ କରିଥିଲା। ଆଉ ବୀରତ୍ୱର ସହିତ ଲଢେଇ କରି ଅନେକ ଶତ୍ରୁ ବିନାଶ କରିବା ପରେ ମିନତି କରିଥିଲା ତୁମ ହାତରେ ମରିବା ପାଇଁ। ଆଉ ସେହି ସୌଭାଗ୍ୟ ପାଇ ସେ ଶାନ୍ତିରେ ପରଲୋକ ଗମନ କରିଥିଲା। ତୁମର ନ୍ୟାୟ ଅଦ୍ଭୁତ ପ୍ରଭୁ। ଧର୍ମ ମାର୍ଗରେ ଚାଲୁଥିବା ପ୍ରତ୍ୟେକ ପ୍ରାଣକୁ ଜନ୍ମ ମୃତ୍ୟୁ ସଂଗ୍ରାମରୁ ମୁକ୍ତ କରି ପରମଧାମ ପ୍ରଦାନ କରିଥାଅ। ପ୍ରଭୁ...କେବଳ ସେହି କୃପା ଦେଖେଇ ସେଦିନ ତୁମେ କୁମ୍ଭକର୍ଣ୍ଣର ଉଦ୍ଧାର କରିଥିଲ। ଧନ୍ୟ ତୁମେ... ଧନ୍ୟ ତୁମର ନ୍ୟାୟ ବିଚାର ।

ଏମିତି ଅନେକ ଦୁଶ୍ଚିନ୍ତା ମଧ୍ୟରେ ଭରତ କାଳ ବିଳମ୍ବ ନକରି ତୁରନ୍ତ ଧନୁରେ ତୀର ଯୋଖି ହନୁମାନଙ୍କ ଉପରକୁ ତୁମରି ନାମ ନେଇ ନିକ୍ଷେପ କଲେ। ତୁମ ନାମ ଧରି ଛଡ଼ା ଯାଇଥିବା ତୀର ସିଧା ଯାଇ ହନୁମାନଙ୍କ ଛାତିରେ ବିଦ୍ଧ ହୋଇଗଲା।

(ଆରଥରକୁ)


♥ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭


# ବାବା ଆଖଣ୍ଡଳମଣି




ସୁଷମା ପରିଜା




ଓଡ଼ିଶାର ଭଦ୍ରକ ଜିଲ୍ଲାର ଆରଡ଼ି ଠାରେ ଅବସ୍ଥିତ ଆଖଣ୍ଡଳମଣି ମନ୍ଦିର ଏକ ପ୍ରସିଦ୍ଧ ପୁରାତନ ଶୈବପୀଠ। ଏହି ମନ୍ଦିରଟି ପୂତନୀରା ବୈତରଣୀ ଓ ସାଳନ୍ଦୀ ନଦୀର ସଙ୍ଗମ ସ୍ଥଳର ଅନତିଦୂରରେ ଭଦ୍ରକ ଜିଲ୍ଲାର ସଦରମହକୁମାଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଅବସ୍ଥିତ। ବୈତରଣୀ ଏକ ପବିତ୍ର ନଦୀ। ସୁରେଶ୍ୱରୀ ମାଆ ଗଙ୍ଗାଙ୍କ ଅନ୍ୟଏକ ନାମ ମଧ୍ୟ ବୈତରଣୀ । କପିଳ ସଂହିତା ଅନୁସାରେ ଗଙ୍ଗା, ସପ୍ତଧା ବିଭକ୍ତ ହୋଇ ମର୍ତ୍ତ୍ୟରେ ପ୍ରବାହିତ ହେଉଛନ୍ତି । ତନ୍ମଧ୍ୟରୁ ଗୋଟିଏ ଧାର ବୈତରଣୀ। ଉଦ୍ଗମସ୍ଥଳ ଗୋନାସିକା ଠାରୁ ସାଗର ସଙ୍ଗମ ପର୍ଯ୍ୟନ୍ତ, ଏହାର ତୀରରେ ବିରାଜ ମାନ କରନ୍ତି ବହୁ ମହାଦେବ ମନ୍ଦିର । ସେମାନଙ୍କ ମଧ୍ୟରୁ ପ୍ରମୁଖ ହେଲେ କେନ୍ଦୁଝରର ବ୍ରହ୍ମେଶ୍ୱର, ରାମେଶ୍ୱର, ଶ୍ରୀ ଚନ୍ଦ୍ରଶେଖର, ଶ୍ରୀକୀଚକେଶ୍ୱର, ବୀରଞ୍ଚେଶ୍ୱର, ଭୀଷ୍ମେଶ୍ୱର, ତାଡ଼କେଶ, ଉତ୍ତରେଶ୍ୱର, ମୃଗେଶ୍ୱର, ଶ୍ରୀ କପିଳେଶ୍ୱର, ଶ୍ରୀଘଟକେଶ୍ୱର, ଶ୍ରୀବଟେଶ୍ୱର, ନୀଳକଣ୍ଠେଶ୍ୱର, ବାଲୁକେଶ୍ୱର ଏବଂ ଯାଜପୁରର ତ୍ରିଲୋଚନେଶ୍ୱର, ପିଣ୍ଡେଶ୍ୱର, ଶ୍ରୀଆଖଣ୍ଡଳେଶ୍ୱର, ସିଦ୍ଧେଶ୍ୱର, ଶ୍ରୀ ବରୁଣେଶ୍ୱର ପ୍ରଭୃତି । ବୈତରଣୀ ତଟର ସର୍ବ ଶେଷରେ ବିରାଜମାନ କରିଛନ୍ତି ଆମ ଉତ୍କଳର ମହାପ୍ରଭୁ ଆଖଣ୍ଡଳମଣି । ଏହି ଶିବ ଲିଙ୍ଗ ସବୁ ବ୍ରହ୍ମାଙ୍କ ଦ୍ୱାରା ସ୍ଥାପିତ ବୋଲି ପୌରାଣିକ ଗାଥା ରହିଛି। ବ୍ରହ୍ମବୈବର୍ତ୍ତ ପୁରାଣ କହେ ସତ୍ୟ ଯୁଗରେ ବ୍ରହ୍ମା ବୈତରଣୀ ତୀର୍ଥରେ ଯଜ୍ଞପାଇଁ ତପଦ୍ୱାରା ବିଷ୍ଣୁ ପାଦରୁ ମର୍ତ୍ତ୍ୟ ଗଙ୍ଗା ବୈତରଣୀଙ୍କୁ ଆଣିଥିଲେ । ଏହି ବୈତରଣୀ ଯଜ୍ଞରୁ ମାଆ ବିରଜା ଆବିର୍ଭୁତା ହୋଇ ଥିଲେ। ବୈତରଣୀ ନିର୍ଗତ ହୋଇ ବାଟରେ ଗୁପ୍ତ ହୋଇ ଗଲେ । ସାବିତ୍ରୀ ଏହା ବ୍ରହ୍ମାଙ୍କୁ କହିବାରୁ ଶିବଙ୍କୁ ସନ୍ତୁଷ୍ଟ କରି ବ୍ରହ୍ମା ବୈତରଣୀକୁ ପୁନଃ ପ୍ରବାହିତ କରାଇଥିଲେ । ଏଥିପାଇଁ ବ୍ରହ୍ମେଶ୍ୱର ମହାଦେବଙ୍କ ଠାରୁ ଆରମ୍ଭକରି ବୈତରଣୀ କୁଳେକୁଳେ ଲିଙ୍ଗମାନ ସ୍ଥାପନ କରିଥିଲେ । ସେଇଥିରୁ ଗଢ଼ି ଉଠିଥିଲା ବୈତରଣୀ ଅବବାହିକାର ପ୍ରାଚୀନ ଶୈବ ସଂସ୍କୃତି। ଏହା ବୈତରଣୀ ଓ ସାଳନ୍ଦୀ ତଟର ଶୈବ ସଂସ୍କୃତିର ଶ୍ରେଷ୍ଠ ନିଦର୍ଶନ। ଶ୍ରୀଆଖଣ୍ଡଳମଣି ବା ଶୈବ ତୀର୍ଥ ଆରଡ଼ି ଭଦ୍ରକ ଚାନ୍ଦବାଲି ମାଟିରେ ପବିତ୍ର ବୈତରଣୀ ସାଳନ୍ଦୀ ସଙ୍ଗମସ୍ଥଳରେ ଅବସ୍ଥିତ। ଏହାକୁ ଉତ୍କଳର ପ୍ରୟାଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆରଡ଼ି ଧାମର ମହିମା ଅପାର । ବାବାଙ୍କ କୃପାଲାଭ କରି ଏଠାରେ ଅନ୍ଧ ଚକ୍ଷୁସ୍ମାନ ହୁଏ, ପଙ୍ଗୁ ଗିରି ଲଙ୍ଘିପାରେ, ନିଃସନ୍ତାନ ସନ୍ତାନ ଲାଭକରେ, ସର୍ପା ଘାତ ବିଷ ଅବିଳମ୍ବେ ନିଷ୍କ୍ରିୟ ହୁଏ। ସେ କଳିଯୁଗର ପ୍ରତ୍ୟକ୍ଷଠାକୁର । ଭକ୍ତର ସମସ୍ତ ବାଞ୍ଛା ପୂର୍ଣ୍ଣ କରିବାକୁ ସେ ସମର୍ଥ । ଆଖଣ୍ଡଳମଣିର ଅର୍ଥ, ଆଖଣ୍ଡଳସ୍ୟ ମଣି । ସେ ଅଖଣ୍ଡ ମଣ୍ଡଳ ଅର୍ଥାତ୍ ସମସ୍ତ ବ୍ରହ୍ମାଣ୍ଡର ଠାକୁର।

ପ୍ରାଚୀନ ଉତ୍କଳରେ ବାର ଶହ ଶତାବ୍ଦୀ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଭଞ୍ଜବଂଶ, ମାଠର ବଂଶ, ଗଙ୍ଗବଂଶ, ଶୈଳୋଦ୍ଭବବଂଶ, ଭୌମକର ବଂଶ, କେଶରୀ ବଂଶ ରାଜୁତି କରିଥିଲେ । ଏହି ରାଜ ବଂଶ ର ପ୍ରାୟ ସମସ୍ତେ ଶୈବ ଉପାସକ ଥିଲେ । ଆଖଣ୍ଡଳମଣି ପୀଠକୁ କେନ୍ଦ୍ର କରି କନିକାରେ ଭଞ୍ଜବଂଶ, ଭଦ୍ରକରେ ଭୌମକର ବଂଶ ଏବଂ ଯାଜପୁରରେ କେଶରୀ ବଂଶ ରାଜୁତି କରୁଥିଲେ । ଏହି ସମସ୍ତ ରାଜା ଆଖଣ୍ଡଳମଣି ପୀଠର ପୃଷ୍ଠପୋଷକତା କରୁଥିଲେ ବୋଲି କୁହାଯାଏ । ଓଡ଼ିଶାରେ ଶିବ ଉପାସନା ବହୁ ପୁରାତନ ହେଲେ ମଧ୍ୟ ବାବା ଆଖଣ୍ଡଳମଣିଙ୍କ ପ୍ରତିଷ୍ଠାର ସମୟ ଏଯାବତ୍ ସଠିକ ଭାବେ ନିରୂପଣ ହୋଇ ପାରି ନାହିଁ । ଐତିହାସିକ ଡ଼.ଜଗନ୍ନାଥ ପଟ୍ଟନାୟକଙ୍କ ମତରେ ବାବା ଏଠାରେ ସୋମବଂଶୀ କେଶରୀ ରାଜତ୍ୱ କାଳରେ ଖ୍ରୀଷ୍ଟିୟ ନବମ କିମ୍ବା ଦଶମ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥାଇପାରନ୍ତି । ବାବାମଣି ୧୪୦୪ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠା ହୋଇଛନ୍ତି ବୋଲି, ତ୍ର୍ୟମ୍ବକ ଅଗ୍ନିଉତ୍ରି ପୁସ୍ତକରେ ଲିପିବଦ୍ଧ ଅଛି । ବାବା ଆଖଣ୍ଡଳମଣିଙ୍କ ସମ୍ବନ୍ଧରେ ଆହୁରି ଅନେକ କିମ୍ବଦନ୍ତୀ ଶୁଣାଯାଏ କିନ୍ତୁ ତାହାର କୌଣସି ତଥ୍ୟ ଭିତ୍ତିକ ପ୍ରମାଣ ମିଳେନାହିଁ। କିନ୍ତୁ କନିକା ଭଞ୍ଜବଂଶର ଅମରକୀର୍ତ୍ତି ଆଖଣ୍ଡଳମଣି ବୋଲି ପରିଗଣିତ ହୁଏ । କନିକା ରାଜା ହରିହର ଭଞ୍ଜଦେଓଙ୍କର ରାଣୀ ସତ୍ୟଭାମା ପାଟମହାଦେଈ ଆଖଣ୍ଡଳମଣି ମନ୍ଦିରର ନିର୍ମାତା ବୋଲି ପ୍ରମାଣ ମିଳେ।

ଲୋକକଥା ଅନୁସାରେ ଜଣେ କୃଷକ ବିଲରେ ହଳ କରୁଥିବା ସମୟରେ ଲଙ୍ଗଳର ଫାଳ ମୁନ ଏକ ପଥରରେ ବାଜି ଭାଙ୍ଗି ଯାଇଥିଲା ଏବଂ ସେହି ପଥରରୁ ରକ୍ତସ୍ରାବ ହେବା ସହ "ଆଃ" ବୋଲି ଭୟଙ୍କର ରଡିଟିଏ ଶୁଭିଲା । ସେ ଆଶ୍ଚର୍ଯ୍ୟଚକିତ ହୋଇ ଲଙ୍ଗଳ ଛାଡ଼ି ଧାଇଁଯାଇ ଗାଆଁ ଲୋକଙ୍କୁ ସେକଥା ଜଣାଇଲା। ସମସ୍ତେ ମିଳିମିଶି ସେଠାରେ ଖୋଳାଖୋଳି କରିବାରୁ ସେଠାରେ ଶିବ ଲିଙ୍ଗଟିଏ ଦୃଷ୍ଟିଗୋଚର ହେଲା। ତାଙ୍କର କପାଳରେ କଟା ଦାଗ ଦେଖି ସମସ୍ତେ ଭୟଭୀତ ହୋଇ ଠାକୁରଙ୍କୁ ଚନ୍ଦନ ହଳଦୀ ପ୍ରଲେପ ଦେଇ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ ।ଏହି ଘଟଣା କ୍ରମେ କ୍ରମେ ଅଧିକ ପ୍ରଘଟିତ ହେବାରୁ ବାବାଙ୍କର ଆବିର୍ଭାବ ସ୍ଥଳୀରେ ତତ୍କାଳୀନ ଜମିଦାର ନୀଳାଦ୍ରି ସମର ସିଂହ ମହାପାତ୍ର ଏକ କାଷ୍ଠ ମନ୍ଦିର ନିର୍ମାଣ କରିଥିଲେ । ସେହି "ଆଃ" ରଡିରୁ ଗ୍ରାମର ନାମ ଆରଡ଼ି ଏବଂ ଶିବଲିଙ୍ଗଙ୍କ ମଣି ସଦୃଶ ତେଜୋମୟ କାନ୍ତିରୁ ଠାକୁରଙ୍କ ନାମ ଆଖଣ୍ଡଳମଣି ଅର୍ଥାତ୍ ସାରା ବ୍ରହ୍ମାଣ୍ଡର ମଣି ବୋଲି ହୋଇଥିଲା ବୋଲି ଶୁଣାଯାଏ।

ଥରେ ତତ୍ କାଳୀନ କନିକାର ରାଜା ଶ୍ରୀହରିହର ଭଞ୍ଜଙ୍କର ଏକ ଘାତକ ଚକ୍ଷୁ ରୋଗ ହେଲା। ଆଖଣ୍ଡଳମଣିଙ୍କ ମହିମା ଶୁଣି ରାଜା ବାବା ଆଖଣ୍ଡଳମଣି। ଶରଣ ପଶିଲେ। ଠାକୁରଙ୍କ ଅଶେଷ କୃପା ବଳରେ ରାଜାଙ୍କର ଚକ୍ଷୁ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଗଲା। ସେଥିପାଇଁ ରାଜା ଠାକୁରଙ୍କୁ କୃତଜ୍ଞତା ଜଣାଇ କନିକା ରାଜଧାନୀ ରିଗାଗଡ଼ଠାରୁ ଆରଡ଼ି ଯାଏଁ ଦୁର୍ଗମ ଜଳ ପଥରେ ପ୍ରାୟ ଆଠ / ଦଶ ମାଇଲ ଦୂରପଥ ଅତିକ୍ରମ କରି ପ୍ରତ୍ୟହ ଆସି ଆଖଣ୍ଡଳମଣିଙ୍କୁ ଦର୍ଶନ କରୁଥିଲେ। ପାଟରାଣୀ ସତ୍ୟଭାମା ଜଣେଧର୍ମପ୍ରାଣା ରମଣୀ ଥିଲେ । ରାଜା ଠାକୁରଙ୍କ ନିତ୍ୟ ଦର୍ଶନ ସାରି ନ ଫେରିବା ପର୍ଯ୍ୟନ୍ତ ରାଣୀ ଜଳ ସୁଦ୍ଧା ସ୍ପର୍ଶ କରୁନଥିଲେ। କୌଣସି କାରଣରୁ ବାବାଙ୍କ ଦର୍ଶନ ନହୋଇ ପାରିଲେ ସେଦିନ ସମ୍ପୂର୍ଣ୍ଣ ଉପବାସ ରହୁଥିଲେ ରାଜ ଦମ୍ପତ୍ତି। ରାଜ ଦମ୍ପତ୍ତିଙ୍କର ଏତାଦୃଶ କ୍ଲେଶ ଦେଖି ଦିନେ ବାବାମଣି ସ୍ୱପ୍ନାଦେଶ ଦେଲେ ରିଗା ଗଡ଼ରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ । ସ୍ୱପ୍ନାଦେଶ ଅନୁସାରେ ରାଜାଙ୍କ ଦ୍ୱାରା ସେଠାରେ ଆଖଣ୍ଡଳେଶ୍ୱର ଶିବଲିଙ୍ଗ ସ୍ଥାପନହେଲା ।

ତଥାପି ମଧ୍ୟ ସେ ଆରଡ଼ିଠାରେ କାଷ୍ଠ ନିର୍ମିତ ମନ୍ଦିରକୁ ନୂତନ ରୂପ ଦେଇ ନୂତନ ମନ୍ଦିର ଆରମ୍ଭ କରିବାର ଯୋଜନା କରିଥିଲେ । ସେଥିପାଇଁ ୧୦୦ କିଲୋମିଟର ଦୂରରେ ଥିବା ନୀଳଗିରିରୁ ବୈତରଣୀ ନଦୀର ଜଳପଥରେ ପଥର ଅଣାଇ ଆରଡ଼ିରେ ଜମା ହୋଇଥିଲା। ସେଠାରେ ଶିବଗଙ୍ଗା ନାମକ ପୁଷ୍କରିଣୀ ଏବଂ ତାକୁ ନଦୀକୁ ସଂଯୋଗ କରିବା ପାଇଁ ଶିବ ନହର ନାମରେ ନାଳଟିଏ ଖୋଳାଇଥିଲେ।୧୮୩୯ ଖ୍ରୀଷ୍ଟାବ୍ଦରେ ରାଜା ହରିହର ଭଞ୍ଜଦେଓଙ୍କ ମୃତ୍ୟୁ ହେବାପରେ ରାଣୀ ସତ୍ୟଭାମା ସେଠାରେ ବାବାଙ୍କର ପଚାଶ ଫୁଟ୍ ଉଚ୍ଚତାର ଭବ୍ୟ ମନ୍ଦିର ନିର୍ମାଣ କଲେ ।

ଏହି ସୁଦୃଶ୍ୟ ମନ୍ଦିରରେ ଲିଙ୍ଗର ଉଚ୍ଚତା ୩୩ ଇଞ୍ଚ,ଲିଙ୍ଗର ପରିଧି ୪୫ ଇଞ୍ଚ ଏବଂ ଶକ୍ତିର ପରିଧି ୫୨ ଇଞ୍ଚ।

ମୁଖ୍ୟ ମନ୍ଦିରର ଗର୍ଭଗୃହରେ ପୂଜା ପାଉଥିବା ଦେବାଦେବୀମାନେ ହେଲେ ...

ଆଖଣ୍ଡଳମଣିଙ୍କର ଚନ୍ଦ୍ରଶେଖର ବିଜେ ପ୍ରତିମା, ମାଆ ପାର୍ବତୀ, ଶ୍ରୀ ଗଣେଶ ଏବଂ ଶ୍ରୀ ମହାବୀର ହନୁମାନ।

ମନ୍ଦିର ପରିସରରେ ଥିବା ପାର୍ଶ୍ୱଦେବତା ଗଣ ହେଲେ..

ଶ୍ରୀ ହନୁମାନ, ଶ୍ରୀ ଗଣେଶ, ଶ୍ରୀ କାର୍ତ୍ତିକେଶ୍ୱର, ଶ୍ରୀ ଶ୍ରାବଣୀ ମହାଦେବ ଏବଂ ମାତା ପାର୍ବତୀ।

ଧୀରେ ଧୀରେ ମନ୍ଦିର ପରିସରରେ ଅନ୍ୟ କେତେକ ଛୋଟ ବଡ଼ ମନ୍ଦିର ଗଢ଼ି ଉଠିଛି।

ଦୈନିକ ନୀତି କାନ୍ତି ପାଳିଆ ସେବକ ମାନଙ୍କ ଦ୍ୱାରା କରାଯାଏ। ବାବା ଆଖଣ୍ଡଳମଣି ଗ୍ରୀଷ୍ମ ଋତୁରେ ସକାଳ ୪ଟାରେ ଏବଂ ଅନ୍ୟ ସମସ୍ତ ଋତୁରେ ସକାଳ ୪ଟା ୩୦ରେ ଶଯ୍ୟା ତ୍ୟାଗ କରିଥାନ୍ତି। ପୂର୍ବଦିନର ବଡ଼ ସିଂହାର ବେଶରେ ହିଁ ମଙ୍ଗଳ ଆରତି କରାଯିବା ପରେ ମଙ୍ଗଳ ଆରତି ନୈବେଦ୍ୟ ପ୍ରଦାନ କରାଯାଏ । ଠାକୁର କ୍ଷୀର, ଗୁଡ, ଦହି, ଘିଅ, ମହୁରେ ପ୍ରସ୍ତୁତ ପଞ୍ଚାମୃତରେ ମହାସ୍ନାନ କରିଥାନ୍ତି । ମହାସ୍ନାନ ପରେ ଭଗବାନ ସମ୍ପୂର୍ଣ୍ଣ ଉଲଗ୍ନ ଥାନ୍ତି ଏବଂ ଭକ୍ତମାନେ ତାଙ୍କର ସେହି ଦିଗମ୍ବର ବେଶ ଦର୍ଶନ କରନ୍ତି । ସକାଳ ଆରତି ସରିବା ପରେ ଭକ୍ତବୃନ୍ଦ ବାଲ୍ୟଭୋଗ(ବିଭିନ୍ନ ପ୍ରକାରର ମିଠା) ପ୍ରଦାନ କରିଥାନ୍ତି । ଦିନ ୧ଟା ପର୍ଯ୍ୟନ୍ତ ଭଗବାନଙ୍କର ଉଲଗ୍ନ ବେଶ ଭକ୍ତମାନେ ଦର୍ଶନ କରିଥାନ୍ତି । ଏହି ବେଶରେ ଦେବତାଙ୍କ ଉପରେ ପଞ୍ଚାମୃତ ଘର୍ଷଣ କରିବାକୁ ସୁବିଧା ହୁଏ। ପ୍ରକୃତରେ ଏହି ଅଭିଷେକ ପଞ୍ଚାମୃତଟି ମର୍ତ୍ତ୍ୟର ଅମୃତ ସହ ସମାନ ଯାହା ଦୁଃସାଧ୍ୟ ରୋଗରୁ ଆରୋଗ୍ୟ ଦେବାର ଅଲୌକିକ ଶକ୍ତି ଧାରଣ କରିଥାଏ । ଦିନ ୧୦ଟା ୩୦ରେ ଭଗବାନ ଆଖଣ୍ଡଳେଶ୍ୱର ତାଙ୍କର ଆଂଶିକ ଭୋଜନ ଗ୍ରହଣ କରିଥାନ୍ତି । ଅନ୍ନ, ଡାଲି ଏବଂ ବିଭିନ୍ନ ପ୍ରକାରର ତୁଣ ସହ ଏହି ଭୋଗ ଲାଗିକରାଯାଏ । ଦିନର ମଧ୍ୟାହ୍ନ ଭୋଜନ ପୂର୍ବରୁ ଭଗବାନ ଆଖଣ୍ଡଳେଶ୍ୱର ଯୋଗୀ ବେଶରେ ସଜ୍ଜିତ ହୋଇଥାନ୍ତି । ଏହି ବେଶରେ ସେ ଧଳା ଧୋତି ଏବଂ ମଥାରେ ଚନ୍ଦନ ତିଳକ ଧାରଣ କରିଥାନ୍ତି। ଏହି ବେଶରରେ ଦିନ ୧ଟା ୩୦ରେ ସେ ମଧ୍ୟାହ୍ନ ଭୋଜନ ଗ୍ରହଣ କରିଥାନ୍ତି ଏବଂ ଆରତି ପ୍ରସାଦ ସହିତ ବଡ଼ ଧୂପ ମଧ୍ୟ ପ୍ରଦାନ କରାଯାଇଥାଏ । ଏହାପରେ ମୁଖ ପଖାଳିବା ପାଇଁ ପ୍ରଭୁ ଆଂଶିକ ସ୍ନାନ କରିଥାନ୍ତି ଏବଂ ପାଖାପାଖି ୧ଘଣ୍ଟାର ବିଶ୍ରାମ ନେଇଥାନ୍ତି । ଆଖଣ୍ଡଳେଶ୍ୱର ପ୍ରଭୁ ଦ୍ୱିପ୍ରହର ୪ଟା ବେଳେ ଉଠନ୍ତି । ଏହା ପରେ ବଡ଼ସିଂହାରୀ ବଡ଼ସିଂହାର ବେଶ କରାଇଥାନ୍ତି । ଏହି ବେଶରେ ପ୍ରଭୁଙ୍କର ଦେହ ଅନେକପ୍ରକାରର ଫୁଲରେ ସୁସଜ୍ଜିତ ହୋଇଥାଏ । ବଡ଼ସିଂହାର ବେଶ ବେଳେ ମୁଣ୍ଡରେ ମୁକୁଟ ଏବଂ ଦୁଇଟି ସୁନା ଆଖି ସହ ସୁନା ନାଶା ଓ ସୁନା ଚିତା ଧାରଣ କରିବା ସହିତ ମଥାରେ ଚନ୍ଦନ ଚିଳକ ବୋଳାଯାଇଥାଏ । ପ୍ରତିଦିନ ହେଉଥିବା ସମସ୍ତ ବେଶ ମଧ୍ୟରେ ବଡ଼ସିଂହାର ବେଶ ହେଉଛି ପ୍ରମୁଖ ବେଶ । ଏହିବେଶରେ ପ୍ରଭୁ ରାତିରେ ନିଦ୍ରା ଯାଇଥାନ୍ତି ଏବଂ ପରଦିନ ସକାଳ ଯାଏ ଏହି ବେଶ ରହିଥାଏ। ଋତୁ ଅନୁସାରେ ସନ୍ଧ୍ୟା ଆରତୀର ସମୟ ବଦଳିଥାଏ, କାରଣ ସୂର୍ଯ୍ୟାସ୍ତ ପରେ ଗୋଧୂଳି ଲଗ୍ନରେ ଏହି ବେଶ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଋତୁ ଅନୁସାରେ ସୂର୍ଯ୍ୟାସ୍ତର ସମୟ ବଦଳୁଥିବାରୁ, ଗ୍ରୀଷ୍ମକାଳରେ ପାଖାପାଖି ସନ୍ଧ୍ୟା ୬ଟା ୩୦ରେ ସନ୍ଧ୍ୟା ଆରତୀ ଲାଗି କରାଯାଏ ଏବଂ ଶୀତ ଋତୁରେ ପାଖାପାଖି ୫ଟା ୩୦ରେ ସନ୍ଧ୍ୟା ଆରତି ଲାଗି କରାଯାଏ । ସନ୍ଧ୍ୟା ଆରତୀ ସମୟରେ ସୁଜି, ଘିଅ ଏବଂ ଚିନିରୁ ପ୍ରସ୍ତୁତ ଲଡୁ ଭୋଗ କରାଯାଏ। ବିଭିନ୍ନ ଋତୁ ଅନୁସାରେ ରାତ୍ର ପହଡ଼ର ସମୟ ମଧ୍ୟ ବଦଳିଥାଏ । ଶୀତ ଋତୁରେ ରାତ୍ର ପହଡ଼ର ସମୟ ରାତି ୧୦ଟା ଥିବାବେଳେ ଗ୍ରୀଷ୍ମ ଋତୁରେ ଏହି ପହଡ଼ ରାତି ୧୧ଟାରେ ଅନୁଷ୍ଠିତ ହୋଇଥାଏ । ବାତୁଳ ଭୋଗ ପରେ ରାତ୍ର ପହଡ଼ ଅନୁଷ୍ଠିତ ହୋଇଥାଏ। ଭଗବାନ ଆଖଣ୍ଡଳେଶ୍ୱରଙ୍କର ରାତ୍ର ଭୋଜନ ହେଉଛି ବାତୁଳ ଭୋଗ । ଏହି ଭୋଗରେ ଅନ୍ନ ସହିତ ବିଭିନ୍ନ ପ୍ରକାରର ତରକାରୀ ପ୍ରଭୁଙ୍କ ପାଖରେ ଲାଗି କରାଯାଇଥାଏ । ଏହି ଭୋଗ ପରେ ଶେଷ ଧୂପ ଲାଗି କରାଯାଏ । ଏହା ପରେ ପ୍ରଭୁ ବିଶ୍ରାମ ନିଅନ୍ତି । ତାଙ୍କର ଚଳନ୍ତି ପ୍ରତିମା ଶଯ୍ୟାକୁ ଯାଇଥାନ୍ତି ଏବଂ ମନ୍ଦିର ବନ୍ଦ ହୋଇଥାଏ ।

ମନ୍ଦିରର ପ୍ରମୁଖ ହଲ୍‌ଟି ସାଧୁ ନରସିଂହ ପ୍ରତାପ କୁମାରଙ୍କ ଦ୍ୱାରା ନିର୍ମିତ ଏବଂ ଚାରିପଟର ପାଚେରି ସାଧୁ ଶ୍ରୀ ଦର୍ଶନ ଶେଖର ଦାସଙ୍କ ଦ୍ୱାରା ନିର୍ମିତ ବୋଲି କୁହାଯାଏ। ବର୍ତ୍ତମାନ ସମୟରେ ଏହି ମନ୍ଦିରଟି ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ। ଏହାର ଭୋଗ ମଣ୍ଡପ ଏବଂ ବର୍ତ୍ତମାନର ମନ୍ଦିର ଅଫିସ୍‌ଟି ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଦୁରାରୋଗ୍ୟ ବ୍ୟାଧିରୁ ରୋଗୀମାନେ ଆରୋଗ୍ୟଲାଭ କରିଥିବାର ପ୍ରବାଦ ରହିଛି । ମଙ୍ଗଳମୟ ସଦାଶିବ ସାଗର ମନ୍ଥନ କାଳରେ ହଳାହଳ ବିଷ ପାନକରି ସୃଷ୍ଟି ରକ୍ଷା କରିଥିଲେ ବୋଲି ଠାକୁରଙ୍କ ଆଜ୍ଞାରେ କାଳକୂଟ ବିଷ ହରଣ ହୋଇଯାଏ ।

ଲୋକଙ୍କ ବିଶ୍ୱାସରେ 'ବାବା ଆଖଣ୍ଡଳମଣି' କଳିର ପ୍ରତ୍ୟକ୍ଷ ଠାକୁର, ଡାକିଲେ ଦିଅନ୍ତି ଉତ୍ତର। ପ୍ରସିଦ୍ଧ ଏହି ଶୈବ ପୀଠର କୌଣସି ଦୀର୍ଘ ଇତିହାସ ନ ଥିଲେ ହେଁ ଏହାର ଏକ ସମୃଦ୍ଧ ପରମ୍ପରା ରହିଛି । ଆଖଣ୍ଡଳମଣିଙ୍କ ପବିତ୍ର କୁଣ୍ଡଜଳ ସର୍ବ ରୋଗର ମହୌଷଧି ରୂପେ ସ୍ୱଜନାଦୃତ । କଦଳୀ, ନଡ଼ିଆ, ଛେନା, କ୍ଷୀର, ଦହି, ଲହୁଣୀ, ଶର୍କରା, ମଧୁ ଓ ଘୃତରେ ପ୍ରସ୍ତୁତ ବାବାମଣିଙ୍କ ଘର୍ଷଣ ଅମୃତ। ଏହା ଠାକୁରଙ୍କ ପ୍ରଧାନ ଭୋଗ। ଏହି ଅମୃତକୁ ପାଇବା ପାଇଁ ଭକ୍ତ ମାନେ ଆଗ୍ରହୀ ହୋଇଥାନ୍ତି । ଏତଦବ୍ୟତୀତ ଠାକୁରଙ୍କ ପାଖରେ ମଧ୍ୟାହ୍ନରେ ଅନ୍ନବ୍ୟଞ୍ଜନ ଭୋଗ ଏବଂ ସନ୍ଧ୍ୟା ସମୟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥାଏ। ଆରମ୍ଭରୁ ଠାକୁରଙ୍କ ନିତ୍ୟ ନୈମିତ୍ତିକ ପୂଜା ବିଧି ପାଇଁ ପୂଜକମାନେ ନିଯୁକ୍ତ ଅଛନ୍ତି । ଅଧୁନା ସରକାରଙ୍କ ପକ୍ଷରୁ ମନ୍ଦିରର ଉନ୍ନତିକରଣ କରା ଯାଇଛି। ସେଠାରେ ପର୍ଯ୍ୟଟକ ମାନଙ୍କ ପାଇଁ ଏକ ପାନ୍ଥନିବାସ ଏବଂ ସ୍ୱତନ୍ତ୍ର ଅତିଥି ଭବନ ମଧ୍ୟ ନିର୍ମାଣ କରାଯାଇଛି। ଯାତାୟାତ ସୁଗମ ହୋଇଛି। ଏଠାକାର ମୁଖ୍ୟ ପର୍ବ ଜାଗର ବା ମହାଶିବରାତ୍ରି ହୋଇଥିଲେ ମଧ୍ୟ ଶ୍ରାବଣ ମାସ ସୋମବାର ଦିନ ଲକ୍ଷ ଲକ୍ଷ ଭକ୍ତ ଏଠାକୁ ଠାକୁରଙ୍କ ଜଳଲାଗି କରିବା ପାଇଁ ଆସିଥାନ୍ତି। ସେହି ସମୟରେ ଏଠାରେ ପ୍ରବଳ ଜନଗହଳି ହୋଇଥାଏ। ମେଳା ଲାଗେ, ଦୋକାନ ବଜାର ବସେ, ପ୍ରବଳ ଜନସମାଗମ ହୁଏ। ସେହିଭଳି ପଣା ସଂକ୍ରାନ୍ତି, ଶିବ ବିବାହ, ଚନ୍ଦନ ଯାତ୍ରା, ଦଶହରା, ଦୀପାବଳି ଉତ୍ସବରେ ମଧ୍ୟ ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ।

ବାବା ଆଖଣ୍ଡଳମଣି ମଙ୍ଗଳମୟ ସଦାଶିବ। ସେ ଅକର୍ମ କର୍ମ ଦାୟକ । ସେ ସଂସାରର ପାପ ତାପ ରୂପୀ ସମସ୍ତ ବିଷକୁ ହରଣ କରି ପାରନ୍ତି। ଜୟ ବାବା ଆଖଣ୍ଡଳମଣି ..ଓଁ ନମଃ ଶିବାୟଃ।


♥ଶାରଳା ଭବନ ପୋତା ପୋଖରୀ
କଟକ-୪
ମୋ: ୯୩୩୭୨୭୨୬୪୭


# ସ୍ମାର୍ଟଫୋନର ବିପଦ




ସୌଭାଗ୍ୟ ରଂଜନ ମହାନ୍ତି


ନିକଟରେ ଉତରପ୍ରଦେଶର ଗାଜିଆବାଦରେ ଏକ ବହୁତଳ ପ୍ରସାଦର ନବମ ମହଲାରୁ ଡେଇଁ ତିନି ଭଉଣୀ, ଯେଉଁମାନଙ୍କର ବୟସ ଯଥାକ୍ରମେ ୧୨, ୧୪ ଓ ୧୬ ବର୍ଷ, ଆତ୍ମହତ୍ୟା କରିବା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ, ସ୍ମାର୍ଟ ଫୋନରେ 'କୋରିଆନ ଲଭ ଗେମ' ପ୍ରତି ସେମାନଙ୍କର ମାତ୍ରାଧିକ ଆସକ୍ତି ଜୀବନ ହାରିବାର କାରଣ ହୋଇଛି। ତଦନ୍ତରୁ ଆହୁରି ଜଣାପଡିଛି ଯେ, ଅଦ୍ୟ କୈଶୋରରୁ ଆଦ୍ୟ ଯୌବନ ମଧ୍ୟରେ ଥିବା ତିନି ଭଉଣୀଙ୍କର କୋରିଆନ ଲଭ ଗେମ୍ ପ୍ରତି ନିଶା ଏତେ ପ୍ରବଳ ଥିଲା ଯେ, ସେମାନେ ନିୟମିତ ରାତ୍ରି ଅନିଦ୍ରା ହେବା ଫଳରେ ସ୍କୁଲ ନଯାଇ ଦିନରେ ନିଦ୍ରାଛନ୍ନ ରହୁଥିଲେ। ଏଥିରେ କ୍ରୋଧିତ ହୋଇ ସେମାନଙ୍କର ପିତା ସେମାନଙ୍କ ଠାରୁ ମୋବାଇଲ ଫୋନକୁ ଛଡାଇ ନେଇଥିଲେ। ଏଥିରେ ନିସଙ୍ଗ ହୋଇ ସେମାନେ ଶୋଇପାରିନଥିଲେ। 'କୋରିଆନ ଲଭ ଗେମ୍' ବିନା ସେମାନେ ବଂଚି ରହିପାରିବେ ନାହିଁ ଏବଂ ଶେଷରେ ଜୀବନ ହାରିବା ଭଳି ଚରମ ନିଷ୍ପତି ନେବାକୁ ବାଧ ହେଲେ ବୋଲି ସେମାନେ ଲେଖିଥିବା ଡାଏରୀରୁ ଜଣାଯାଇଛି। ଡିଜିଟାଲ ନିଶା ବା ଆସକ୍ତି ଜୀବନ ନେବା ଏଇ ଗୋଟିଏ ଘଟଣା ଆମ ଦେଶରେ ନୁହେଁ। ଅତୀତରେ ଏପରି ବହୁ ଦୁଃଖଦ ଘଟଣା ଘଟିଛି। ବହୁ ଚର୍ଚ୍ଚିତ ବ୍ଲୁ ହେଲ ଗେମ ଅତୀତରେ ବିଶ୍ୱବ୍ୟାପୀ ଏକ ମରଣ ଯନ୍ତାରେ ପରିଣତ ହୋଇଥିଲା, ଯେଉଁଥିରେ ଶହ ଶହ କିଶୋର, କିଶୋରୀ, ଛାତ୍ରଛାତ୍ରୀ ବାଧବାଧକତା ହୋଇ ଆତ୍ମହତ୍ୟା କରିଥିଲେ। ସେହିପରି ଜର୍ଣ୍ଣାଲ ଅଫ ଆମେରିକା ମେଡିକାଲ ଆସୋସିଏସନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଡିଜିଟାଲ ମାୟାରେ ବାୟା ହୋଇ ବିଶ୍ୱବ୍ୟାପୀ ୪ହଜାରରୁ ଉର୍ଦ୍ଧ୍ୱ ଜୀବନ ହାରିଛନ୍ତି। ଯେଉଁମାନଙ୍କ ମଧ୍ୟରେ ଆଦ୍ୟ କୈଶୋରରେ ପ୍ରବେଶ କରି କୋମଳମତି ନାବାଳକ, ନାବାଳିକାଙ୍କ ସହ ଆଦ୍ୟ ଯୌବନରେ ପ୍ରବେଶ କରିଥିବା ବହୁ ଯୁବକ-ଯୁବତୀ ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁମାନଙ୍କର ସଂଖ୍ୟା ଚାରି ହଜାରରୁ ଉର୍ଦ୍ଧ୍ୱ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଆହୁରି ପ୍ରକାଶ ପାଇଛି ଯେ, ଏହି ବୟସ ବର୍ଗରେ ୧୯,୦୦୦ ଜଣକ ମଧ୍ୟରୁ ୨୨ପ୍ରତିଶତ ପ୍ରତ୍ୟହ ଛଅଘଂଟାରୁ ଅଧିକ, ୨୭ପ୍ରତିଶତ ତିନି ଘଂଟାରୁ ୬ଘଂଟା, ୨୨ ପ୍ରତିଶତ ଘଂଟାଏରୁ ୩ଘଂଟା ସ୍ମାର୍ଟଫୋନ ନିଶାରେ କବଳିତ ଥିବାବେଳେ ୧୨ପ୍ରତିଶତ ଏଥିରୁ ନିବୃତ ବା ଅସମ୍ପୃକ୍ତ ରହିଛନ୍ତି। କେବଳ ଏତିକି ନୁହେଁ, ସ୍ମାର୍ଟଫୋନ ଦେଖୁଥିବା ପିଲାମାନଙ୍କ ମଧ୍ୟରୁ ୭୦ପ୍ରତିଶତ ସ୍ୱୀକାର କରିଛନ୍ତ ଏହାର ମୋହରେ ସେମାନେ ସମ୍ପୂର୍ଣ୍ଣ ବାୟା ବା କବଳିତ। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଏବେ ୧ଶହ କୋଟିରୁ ଅଧିକ ଡିଜିଟାଲ ବା ସ୍ମାର୍ଟଫୋନ ବ୍ୟବହାରକାରୀ ଅଛନ୍ତି। ସରକାର ମଧ୍ୟ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛନ୍ତି। ଏହା ନିସନ୍ଦେହ ଯେ, ଭାରତ ବିଶ୍ୱର ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବଜାର ଭାବେ ଉଭା ହୋଇଛି। ଦେଶର ପ୍ରାୟ ୪୦ପ୍ରତିଶତ ପରିବାର ଡିଜିଟାଲ ସାକ୍ଷର। କେବଳ ଏତିକି ନୁହେଁ, ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏବେ ସ୍ମାର୍ଟ ଫୋନ ସମୟ ବିତାଇବାରେ ଉପକରଣ ପାଲଟିଥିବା କୁହାଯାଇପାରେ, ଇଂଟରନେଟ ସହାୟତାରେ ବିଭିନ୍ନ ପିଲା ଜ୍ଞାନ ଆହରଣ ମାଧ୍ୟମ ପାଲଟିଥିବା ଅସ୍ୱୀକାର କରାଯାଇନପାରେ କିନ୍ତୁ ଜ୍ଞାନ ପରିବର୍ତେ ଖରାପ ଗ୍ରହଣ କରିବା ପିଲାଙ୍କ ମନୋଭାବ ପାଲଟିଛି। ଯାହାକି ଶେଷରେ ଜୀବନ ନେଉଛି।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଉଦ୍‌ଯାପିତ



ବାଲିଆପାଳ , ୧୪/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଂଚାୟତ ବାସୁଦେବପୁରରେ ବାବା ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚ ଉଦଯାପିତ ହୋଇଯାଇଛି । କମିଟିର ସଭାପତି ଭୈରବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ରେ ମୁଖ୍ୟ ଅତିଥି ଦେଉଳା ସରପଞ୍ଚ ସରୋଜ କୁମାର ପିଳା,ଯୁବ ସମାଜସେବୀ ଶ୍ରୀକାନ୍ତ ନାଥ , ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ମନ୍ମଥ ନାୟକ, ପ୍ରମୁଖ ଯୋଗଦାନ କରିଥିଲେ। ଏହି ଫାଇନାଲ ମ୍ୟାଚ ରେ ଖୁସି ଇଲେଭେନ ଷ୍ଟାର ବାଲିଆପାଳ ସହିତ ଗଣଚକ୍ର ଇଲେଭେନ ଷ୍ଟାର ଦେଭୋଗ ମଧ୍ୟରେ ଖେଳାଯାଇଥିଲା । ପ୍ରଥମେ ଗଣଚକ୍ର ଇଲେଭେନ ଷ୍ଟାର ଦେଭୋଗ ବ୍ୟାଟିଂ କରି ୧୮୧ ରନ୍ ସଂଗ୍ରହ କରିଥିଲେ । ଏବଂ ଖୁସି ଇଲେଭେନ ଷ୍ଟାର ବାଲିଆପାଳ ୬ ୱିକେଟ ବିନିମୟରେ ବିଜୟ ଲାଭ କରିଥିଲେ । ଏହି କମିଟି ର ସମ୍ପାଦକ ଶୁଭେନ୍ଦୁ ଦାସ, ଉପ ସଭାପତି ଲିଟୁନ ପାତ୍ର,ସହ ସମ୍ପାଦକ ଚନ୍ଦନ ଦାସ, କୋଷାଧ୍ୟକ୍ଷ ଦିଗ ବିଜୟ ବିଶ୍ୱାଳ, ବସନ୍ତ ବାରିକ, ଯୁବ ସମାଜସେବୀ - ପ୍ରଦିପ୍ କାମିଲା,ଜି ଏସ ମୁଖ୍ୟ- ମଣ୍ଟୁ ଭାଇ ,ଅଞ୍ଜନ ମହାନ୍ତି ସ୍କୁର ବୋର୍ଡ ରେ ଅମିତ୍ ବିଶ୍ୱାଳ, ଶିବୁ ନାରାୟଣ ଜେନା, ମଳୟ ଗିରି ,ପ୍ରମୁଖ ଯୋଗ ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରେ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ ।ଏହି ଫାଇନାଲ ମ୍ୟାଚ ରେ ବିଶ୍ୱାଳ ପରିବାର ତରଫରୁ ସ୍ୱର୍ଗତ ବିଜୟ ବିଶ୍ୱାଳଙ୍କ ସାନ ଭାଇ ଶିକ୍ଷକ ସୁଶାନ୍ତ ବିଶ୍ୱାଳ, ଗୋପାଳ କୃଷ୍ଣ ବିଶ୍ୱାଳ ଓ ପୁତ୍ର ରାଜକିଶୋର ବିଶ୍ୱାଳ ଯୋଗ ଦେଇ ସମସ୍ତ ପ୍ରକାରର ଆଗାମୀ ଦିନରେ ସହଯୋଗ ନେଇ ଘୋଷଣା କରିଥିଲେ ଏବଂ ମୁଖ୍ୟ ଅତିଥିଙ୍କ ହାତରୁ ଶେଷରେ ଫାଇନାଲ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା ।

## ସ୍ମାର୍ଟଫୋନର...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ଏହାର ମାତ୍ରାଧିକ ବ୍ୟବହାର ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ନିଦ୍ରାହୀନତା, ଶୈକ୍ଷିକ ପ୍ରଦର୍ଶନଳ ଜ୍ଞାନ ଆହରଣ, କାର୍ଯ୍ୟ କରିବାର ଦକ୍ଷତାକୁ ମଧ୍ୟ ପ୍ରଭାବିତ କରୁଥିବା ଏକ ବିଶ୍ଲେଷଣାତ୍ମକ ରିପୋର୍ଟରୁ କୁହାଯାଇଛି। ଏହା ନିସନ୍ଦେହ ଯେ, ପ୍ରତି ପ୍ରତିକ୍ରିୟାରେ ସମାନ ବିପରୀତ ପ୍ରତିକ୍ରିୟା ଥାଏ। ସ୍ମାର୍ଟଫୋନରେ ବ୍ୟବହାର ଏବେ ଯେତିକି ଅପରିହାର୍ଯ୍ୟ ହୋଇପଡିଛି, ସେତିକି ମାତ୍ରାରେ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ବିପଦର କାରଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ବିଶ୍ୱର ସର୍ବପ୍ରଥମ ରାଷ୍ଟ୍ର ଭାବେ ଆଇନ ବଳରେ ୧୬ବର୍ଷରୁ କମ୍ ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷିଦ୍ଧ କରିଛି। ଅଷ୍ଟ୍ରେଲିଆ ପଦାଙ୍କ ଅନୁସରଣ ନିଉଜଲ୍ୟାଣ୍ଡ ସହ କେତେକ ରାଷ୍ଟ୍ର ଅନୁରୂପ ପଦକ୍ଷେପ ଗ୍ରହଣ କରୁଥିବା ଜଣାଯାଏ। ଆମ ଦେଶରେ ନିକଟରେ ପ୍ରକାଶିତ ୨୦୨୪-୨୫ ଅର୍ଥନୈତିକ ସର୍ଭେ ରିପୋର୍ଟରେ ସାମାଜିକ ଗଣମାଧ୍ୟମର ବ୍ୟବହାର ବ୍ୟୟଭିତିକ କରିବା ପାଇଁ ମତ ରଖେ। କେନ୍ଦ୍ରରେ କ୍ଷମତାସୀନ ଏନଡିଏର ଅଂଶୀଦାର ଦଳ ତେଲୁଗୁଦେଶମ ପାର୍ଟିର ସଂସଦୀୟ ଦଳର ନେତା ୧୬ବର୍ଷ ବୟସରୁ କମ୍ ପିଲାଙ୍କ ପାଇଁ ମୋବାଇଲ ବ୍ୟବହାର ନିଷିଦ୍ଧ କରିବାକୁ ଏକ ବେସରକାରୀ ବିଲ୍ ପାର୍ଲିଆମେଂଟରେ ଆଗତ କରିବାକୁ ନିଷ୍ପତି ନେଇଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଭବିଷ୍ୟତରେ ଗାଜିଆବାଦ ପରି ଘଟଣାର ଯେପରି ପୁନରାବୃତି ଘଟେ, ସେଥିପ୍ରତି ଧ୍ୟାନ ଦେବା ଲାଗି ଦେବା ଆବଶ୍ୟକ। କେବଳ ଏତିକି ନୁହେଁ, ପିଲାଙ୍କୁ ଏଥିରୁ ନିବୃତ ରଖିବା ଏବେ ଏକ ଚ୍ୟାଲେଞ୍ଜ ସଦୃଶ ଉଭା ହୋଇଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର କୁନିକୁନି ଫୁଲକଢି ଶିଶୁ ପୁସ୍ତକ ଉନ୍ମୋଚିତ



ଭଦ୍ରକ, ୧୪/୨ (ନି.ପ୍ର): ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଆକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆସରରେ କବି ଓ ଶିକ୍ଷାବିତ୍ ଜଗନ୍ନାଥ ନାୟକଙ୍କ ଶିଶୁ ପୁସ୍ତକ "କୁନି କୁନି ଫୁଲକଢି" ଉନ୍ମୋଚିତ ହୋଇଯାଇଛି। ଉକ୍ତ ପୁସ୍ତକର ସମୀକ୍ଷକ ଥିଲେ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ "ଆମ ଭାଷାରେ ଆମ ସଂସ୍କୃତି" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ପ୍ରଫେସର ସଂଗ୍ରାମ କିଶୋର ମହାନ୍ତି, ମୁଖ୍ୟଅତିଥି କୈଳାସ ଚନ୍ଦ୍ର ପାଣିଗ୍ରାହି, ସମ୍ମାନନୀୟ ଅତିଥି ଅଧ୍ୟକ୍ଷ ନୀହାର ରଞ୍ଜନ କର, ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ବିଜୟ କୁମାର ବହଳୀ ପ୍ରମୁଖ ଭାଷା ଜୀବନର ଆଶାକୁ ପ୍ରକାଶ କରିଥାଏ। ଭାଷା ଦ୍ୱାରା ସଂସ୍କୃତି ରକ୍ଷା ହୋଇପାରେ, ମା ମାତୃଭାଷା ଓ ମାତୃଭୂମି ମନୁଷ୍ୟର ଜୀବନଚର୍ଯ୍ୟାରେ ନିଶ୍ଚିତ ଭାବେ ଏକ ସୁଉଚ୍ଚ ସ୍ଥାନରେ ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପୁରୁଷୋତ୍ତମ ଧଳ ଓ କବୟିତ୍ରୀ ମାନସୀବାଳା ସୂତାରଙ୍କ ସଂଯୋଜନାରେ ଆୟୋଜିତ କୁମ୍ଭ ସଂକ୍ରାନ୍ତି କବିତା ଆସରରେ, ଅଜୟ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ସାହୁ, ଅନୁପମା ସାହୁ, ସରୋଜିନୀ ନାୟକ, ଅଧିବକ୍ତା ମନୋରଞ୍ଜନ ଦାସ, ଉମେଶ ଚନ୍ଦ୍ର ମହାପାତ୍ର, ଅଂଶୁମାନ ସ୍ୱାଇଁ, ବିପ୍ଳବ କୁମାର ହୋତା, କୈଳାସ ଦାସ, ମହେନ୍ଦ୍ର ଓଝା, ସୁରେଶ କୁମାର ସାହୁ, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ବହୁକବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରକୃତି କବି ବୈକୁଣ୍ଠ ବିଶ୍ୱାଳ ମଂଚ ଆହ୍ୱାନ, ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ବେଦପାଠ ଓ ସମ୍ପାଦକୀୟ ପାଠ, ସହ ସମ୍ପାଦିକା ମମତାରାଣୀ ଦାଶମିଶ୍ର ମଂଚ ପରିଚାଳନା ଓ ଶେଷରେ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ଥଲୋଭରେ ଅଢେଇବର୍ଷର ପୁଅକୁ ବିକିଲେ ଦମ୍ପତି: ଥାନାରେ ଦୁଇ ଅଟକ

## ■ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିକଲେ ଅଞ୍ଚଳବାସୀ
## ■ପଶ୍ଚିମବଙ୍ଗରେ ଶିଶୁପୁତ୍ରକୁ ହୋଇଥିଲା ବିକ୍ରି



ନୀଳଗିରି, ୧୪/୨ (ନି.ପ୍ର): ନୀଳଗିରି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖ?ବାକୁ ମିଳିଛି। ଅଢ଼େଇ ବର୍ଷର ଶିଶୁପୁତ୍ରକୁ ଉଭୟ ବାପା ମା ମଧ୍ୟସ୍ତି ଜରିଆରେ ପଶ୍ଚିମବଙ୍ଗ ରାଜ୍ୟକୁ ବିକି ଦେଇଥିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।ନୀଳଗିରି ଏନଏସି ବରିସାହି ଅଞ୍ଚଳର ଗୌରହରୀ ବେହେରାଙ୍କ ପୁଅ ରାକେଶ ବେହେରା ନିଜର ଅଢ଼େଇ ବର୍ଷର ଶିଶୁକୁ ୩ ଦିନ ପୂର୍ବରୁ ଷ୍ଟେସନସାହି ଅଞ୍ଚଳରେ ମୁସଲିମ ସମ୍ପ୍ରଦାୟର ଏକ ଲୋକଙ୍କୁ ବିକ୍ରି କରିଥିଲେ। ଯାହାର ଏକ ଭିଡିଓ ପ୍ରଘଟ ହେବା ପରେ ମହେଶ୍ୱର ଗୋଛାୟତ ନାମକ ଜଣେ ଯୁବକ ଏହା ବିରୋଧରେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ଯେଉଁ ଭିଡିଓରେ କିଛି ଟଙ୍କା ନେଇ ଜଣେ ଡାକ୍ତରକୁ ପିଲାଟିକୁ ବିକ୍ରି କରିଦେଇଥିବା ରାକେଶ ସ୍ପଷ୍ଟ କହୁଥିଲା ।ଶିଶୁପୁତ୍ରକୁ ଅର୍ଥ ଲୋଭରେ ବିକ୍ରି କରିବା ଓ ଏହାକୁ କିଣିବା ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ଅଞ୍ଚଳବାସୀ ଅଭିଯୁକ୍ତଙ୍କ ଉପରେ କଡା ପଦକ୍ଷେପ ନେବା ପାଇଁ ଦାବୀ କରିଛନ୍ତି ।ସୂଚନା ମୁତାବକ ରାକେଶଙ୍କର ପ୍ରଥମ ସ୍ତ୍ରୀଙ୍କ ଠାରୁ ଦୁଇଟି ସନ୍ତାନ ଥିବା ବେଳେ କୌଣସି କାରଣରୁ ସ୍ତ୍ରୀ ଛାଡି ପଳାଇଯାଇଥିଲେ ।ପରେ ରାକେଶ ଦ୍ୱିତୀୟ ବିବାହ କରିବା ସହ ପୁନଃ ଦୁଇଟି ସନ୍ତାନର ବାପା ହୋଇଥିଲେ ।ଦ୍ୱିତୀୟ ସ୍ତ୍ରୀ ଓ ରାକେଶ ଉଭୟ ମିଶି ନିଜର ଅଢେଇ ବର୍ଷର ପୁତ୍ର ସନ୍ତାନକୁ ତିନି ଦିନ ତଳେ ନୀଳଗିରି ଷ୍ଟେସନ ସାହିର ଫୁରକନ ଶାହା ନାମକ ଏକ ଯୁବକଙ୍କୁ ଲକ୍ଷେ ଟଙ୍କାରେ ବିକ୍ରି କରିଥିଲେ। ପରବର୍ତ୍ତୀ ସମୟରେ ଏହି ଘଟଣା ପ୍ରକାଶ ପାଇବା ପରେ ନୀଳଗିରି ପୋଲିସ ତଦନ୍ତ ଆରମ୍ଭ କରିଥିଲା ।ଫୁରକନ ଶାହା ମଧ୍ୟସ୍ତି ସାଜି ଶିଶୁଟିକୁ କିଣିବା ସହ ଜଣେ ଡାକ୍ତରକୁ ପିଲାଟିକୁ ଦେବେ ବୋଲି ବାପା ରାକେଶକୁ ପ୍ରତିଶୃତି ଦେଇଥିଲେ। ହେଲେ ଫୁରକନ ଶିଶୁଟିକୁ ପଶ୍ଚିମବଙ୍ଗ ଅଞ୍ଚଳରେ ବିକ୍ରି କରିଥିଲେ ।ଆଜି ଘଟଣା ପ୍ରଘଟ ହେବା ପରେ ଫୁରକନ ଉକ୍ତ ଶିଶୁଟିକୁ ପଶ୍ଚିମବଙ୍ଗରୁ ପୁନଃ ଓଡିଶା ଡକାଇଥିଲେ ।ଆଜି ଅପରାହ୍ନରେ (ଡବ୍ଲୁବି ୩୨ଏଆର ୯୪୦୫) ଏକ ଓମନି ଭ୍ୟାନରେ ଶିଶୁଟି ନୀଳଗିରିରେ ପହଞ୍ଚିଥିଲା ।ଉକ୍ତ ଗାଡିର ଗାଡି ଚାଳକ ମଧ୍ୟ ଶିଶୁଟିକୁ ପଶ୍ଚିମବଙ୍ଗର ଅଞ୍ଚଳରୁ ଆଣିଥିବା ସ୍ୱିକାର କରିଥିଲେ ।ହେଲେ ଅପରପକ୍ଷରେ ରାକେଶ ଅର୍ଥାଭାବରୁ ପିଲାଟିକୁ ଲାଳନ ପାଇଁ ମୋ ପାଖରେ ଛାଡିଥିଲେ କୌଣସି ଟଙ୍କା ଦେଇନାହିଁ ଆଗାମୀ ଦିନରେ ଶିଶୁଟିକୁ ଜଣେ ଡାକ୍ତରକୁ ଦେବା ପାଇଁ ଯୋଜନା କରାଯାଇଥିଲା ବୋଲି କହିଛନ୍ତି ।ତେବେ ପିଲାଟି କିପରି ପଶ୍ଚିମବଙ୍ଗ ପହଞ୍ଚିଲା ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ?ଫୁରକନ ମଧ୍ୟସ୍ତି ସାଜି ପିଲାଟିକୁ ନୀଳଗିରିରୁ କମ୍ ଦରରେ କିଣି ବାହାର ରାଜ୍ୟକୁ ଅଧିକ ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି ।ଏ ନେଇ ଏସଡିପିଓ ପ୍ରମୋଦ ମଲ୍ଲିକଙ୍କୁ ପଚାରିବାରୁ ପିଲାଟିକୁ ନେଇଥିବା ଲୋକଠାରୁ ସୁରକ୍ଷିତ ଅଣାଯାଇ ସିଡବ୍ଲୁସିକୁ ପଠାଯାଇଛି ପିଲା ପଶ୍ଚିମବଙ୍ଗ ଯାଇଛି କି ନାହିଁ ଏ ଘଟଣାରେ କିଏ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଜାରି ରହିଛି ଯିଏ ଦୋସି ସାବ୍ୟସ୍ତ ହେବେ ତାକୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ପିଲା ବିକ୍ରି କରିଥିବା ଓ କିଣିଥିବା ୨ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ।ସେପଟେ ୧ ଲକ୍ଷ ଟଙ୍କାରେ ଶିଶୁ ବିକ୍ରି ପାଇଁ ଚୁକ୍ତି ହୋଇଥ?ବାବେଳେ ବାପା ଜଣଙ୍କ ୫୦ ହଜାର ଟଙ୍କା ଅଗ୍ରୀମ ଆଣିଥିବା ଜଣାଯାଇଛି।

# ପାରାଦୀପ ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡରେ ଶିକ୍ଷମନ୍ତ୍ରୀଙ୍କ ଦ୍ୱାରା ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ



ପାରାଦୀପ, ୧୪/୨ : ପାରାଦୀପ ପୌରପାଳିକା ର ବିଭିନ୍ନ ୱାର୍ଡ ରେ ଏକାଧିକ ପ୍ରକଳ୍ପ ର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଉଦଘାଟନ କରିଛନ୍ତି ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ସର୍ବପ୍ରଥମେ ପାରାଦୀପ ପୌରପାଳିକା ଅନ୍ତର୍ଗତ ୧୫ ନମ୍ବର ୱାର୍ଡ ବଡ଼ପଡ଼ିଆ ବଜାର ଠାରେ ରହିଥିବା ଦୁର୍ଗାମଣ୍ଡପ ଠାରେ ମା ଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହିତ ମା ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ଶିକ୍ଷମନ୍ତ୍ରୀ । ପରେ ନିକଟରେ ନୂତନ କରି ନିର୍ମାଣ ହୋଇଥିବା କମ୍ୟୁନିଟି ସେଣ୍ଟର୍ ଏବଂ ଗୋଷ୍ଠୀ ଶୌଚାଳୟର ଉଦ୍‌ଘାଟନ କରିବା ସହ ମା' ଦୁର୍ଗାଙ୍କ ମନ୍ଦିର ପରିସରରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଏବଂ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ଏବଂ ଆଗକୁ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପର ଆଶଙ୍କା ଥିବାରୁ ପଥଚାରୀ ତଥା ଜନସାଧାରଣଙ୍କୁ ନିରନ୍ତର ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଏହା ସହାୟକ ହେବ । ଗୋଷ୍ଠୀ ଶୌଚାଳୟ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପ୍ରତି ସ୍ଥାନୀୟ ପ୍ରଶାସନ ର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବ ବୋଲି କହିଛନ୍ତି ଶିକ୍ଷମନ୍ତ୍ରୀ । ସେହିପରି ପାରାଦ୍ୱୀପ ପୌରପାଳିକା ଅନ୍ତର୍ଗତ ଷଣ୍ଢକୁଦ ଠାରେ ୧୭, ୧୮ ଓ ୧୯ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କରିଛନ୍ତି ଶିକ୍ଷମନ୍ତ୍ରୀ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଯାତାୟତ ସହଜ ଓ ସୁଗମ ହୋଇପାରିବ । ଏହାଦ୍ୱାରା ଗ୍ରାମୀଣ ସଡ଼କ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ପାରାଦୀପ ଉପକଣ୍ଠ ରେ ରହିଥିବା ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ସହିତ ଅନେକ ଗାଁ' ତଥା ପଞ୍ଚାୟତର ବିକାଶ ରେ ଏହି ରାସ୍ତା ସହାୟକ ହେବ ବୋଲି ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି ଶିକ୍ଷମନ୍ତ୍ରୀ । ଆଜିର ଏହି କାର୍ଯ୍ୟକ୍ରମ ରେ ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ସହିତ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌରନିର୍ବାହୀ ଅଧିକାରୀ, ଅଭିଷେକ ପଣ୍ଡା, ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନ ଙ୍କ ସହିତ ବିଭିନ୍ନ ୱାର୍ଡ ର ପାରିଷଦ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଶିକ୍ଷମନ୍ତ୍ରୀ ଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଶ୍ରୀ ଶ୍ରୀ ମହାବିନାୟକ ଚବିଶ ପ୍ରହରୀ ନାମଯଜ୍ଞ



ବାସୁଦେବପୁର, ୧୪/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ଗ୍ରାମରେ ଶ୍ରୀ ଶ୍ରୀ ମହା ବିନାୟକ ଚବିଶ ପ୍ରହରୀ ନାମ ଯଜ୍ଞ ଓ ପଞ୍ଚଦଶ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କଳସ ଶୋଭାଯାତ୍ରା, ଚଉଷଠି ଭାଗବତ ପଠନ, ଭଜନ କୀର୍ତ୍ତନ ଓ ନାମ ଯଜ୍ଞ ପ୍ରଭୃତି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ମନ୍ତ୍ର ମୁଗ୍ଧ ହୋଇ ଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଶିକ୍ଷପତି ଶୁଭେନ୍ଦୁ ଭୂଷଣ ବେହେରା, ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ,ମହେଶ ଦାସ,କମଳାକାନ୍ତ ନାୟକ,ତ୍ରୈଲୋକ୍ୟ ପଣ୍ଡା, ଲକ୍ଷ୍ମଣ ବାରିକ୍, ଲକ୍ଷ୍ମୀକାନ୍ତ ଅଗସ୍ତି,ପ୍ରଫୁଲ୍ଲ କୁମାର ପତି,ପବିତ୍ର ରଞ୍ଜନ ପୁହାଣ, ଗଣେଶ ପାଣିଗ୍ରାହୀ, ଭଗବାନ ମିଶ୍ର, ଖଗେନ୍ଦ୍ର ଦାସ, ନାରାୟଣ ନାୟକ,ନରେନ୍ଦ୍ର ମହାକୁଡ଼, କାନ୍ତାରାଣୀ ଦାସ,ପ୍ରଜାପିତା ବ୍ରହ୍ମା କୁମାରୀ ଅନୁଷ୍ଠାନର ପ୍ରତିମା ଭଉଣୀ ପ୍ରମୁଖ ଏହି ଉତ୍ସବରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ମଙ୍ଗରାଜ ବେହେରା,ସୁରେନ୍ଦ୍ର ପ୍ରସାଦ ବେହେରା ଓ ମହେନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ସଭାପତି ରମାକାନ୍ତ ଦାସ ବୁନୁ, ସମ୍ପାଦକ ଲକ୍ଷ୍ମଣ କୁମାର ବେହେରା, ଉପ ସଭାପତି ଦୀନବନ୍ଧୁ ରଣା, ସହ ସମ୍ପାଦକ କୃପାସିନ୍ଧୁ ନାୟକ,କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସ,ମଣିଭଦ୍ର ବାରିକ ପ୍ରମୁଖ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସଦସ୍ୟ ବିକର୍ତନ ରଣା, ବିକ୍ରମ ରଣା,ସୁନିଲ ଦାସ, ଦୀପକ ନାୟକ ଓ ଅନ୍ୟାନ୍ୟ ସଦସ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଉତ୍ସବରେ ପାଞ୍ଚ ଶହ ବୃକ୍ଷ ଜନ ସାଧାରଣଙ୍କୁ ବଣ୍ଟନ କରା ଯାଇଥିଲା। ଏହି ଉତ୍ସବରେ ପନ୍ଦର ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ପ୍ରସାଦ ସେବନ କରିଥିଲେ। ଏହି ଦିବ୍ୟ ଭବ୍ୟ ପରିବେଶରେ ବ୍ରାହ୍ମଣ ପୁରୋହିତଙ୍କ ମନ୍ତ୍ର ପାଠ ଓ ଭଗବାନଙ୍କର ଅଦୃଶ୍ୟ ଶକ୍ତିରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇ ଥିଲେ।

## ୱାର୍ଲଡ ଚମ୍ପିୟାନସିପରେ ଷଷ୍ଠ ଗୋଲଡ ଜିତିଲେ ପ୍ରମୋଦ

ଭୁବନେଶ୍ୱର, ୧୪/୨ (ନି.ପ୍ର): ଇତିହାସ ରଚିଲେ ପାରା ବ୍ୟାଡ଼ମିଂଟନ ପ୍ଲେୟାର ତଥା ଅଲମ୍ପିକ ପଦକ ବିଜେତା ପ୍ରମୋଦ ଭଗତ। ଲଗାତାର ଚତୁର୍ଥ ୱାର୍ଲଡ ଚାମ୍ପିଅନସିପ ଟାଇଟେଲ ଶହ ଷଷ୍ଠ ଥର ପାଇଁ ୱାର୍ଲଡ ଚମ୍ପିୟାନସିପରେ ଟାଇଟେଲ ଜିତିଛନ୍ତି ପ୍ରମୋଦ। ଏସଏଲ ୩ ବିଭାଗର ପୁରୁଷ ସିଙ୍ଗଲସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ ଇମ୍ରାନକୁ ୨-୦ ରେ ହରାଇ ପ୍ରମୋଦ ଏହି ଟାଇଟେଲ ହାସଲ କରିଛନ୍ତି। ଚଳିତ ଥର ସ୍ୱର୍ଣ୍ଣ ସହ ଲିନ ଡାନକୁ ପଛରେ ପକାଇ ୱାର୍ଲଡ ଚମ୍ପିୟାନସିପରେ ଷଷ୍ଠ ଗୋଲଡ ଜିତିଛନ୍ତି ପ୍ରମୋଦ।

# ରୟାଲ ଢାବାରେ ମାରପିଟ ସହିତ ଫାଙ୍କା ଗୁଳିଚାଳନା: ଚାରି ଗିରଫ, ସ୍କୋର୍ପିଓ ଜବତ ସହିତ ମାମଲା ରୁଜୁ




ବୈଶିଙ୍ଗା , ୧୪/୨ (ନି.ପ୍ର): ବୈଶିଙ୍ଗା ଥାନା ଅଞ୍ଚଳ ଟି ବାଲେଶ୍ୱର ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ଥିବାରୁ ଅପରାଧି ଏହି ଅଞ୍ଚଳରେ ବିଭିନ୍ନ ପ୍ରକାର ଅପରାଧ କରି ଖସି ପଳାଇ ଯିବାକୁ ସକ୍ଷମ ହୋଇ ପାରୁଛନ୍ତି । ୨୦୨୬ ନୂଆବର୍ଷ ଆରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ କେତେ କେତେ ଡକାୟତି ,ଛିନତାଇ ସହିତ ଚୋରୀ ମଧ୍ୟ ବଢି ଯାଇଛି । ଶୁକ୍ରବାର ରାତି ୧୨.୪୫ ସମୟରେ ବାଲେଶ୍ୱର ଅଞ୍ଚଳର ଆଠ ଦଶ ଜଣ ଅସାମାଜିକ ଯୁବକ ବନ୍ଧୁକ ଓ ମାରଣାସ୍ତ୍ର ସହିତ ବୈଶିଙ୍ଗା ଥାନା ପାଖ ଖଇରବଣୀ ଠାରେ ଥିବା ରୟାଲ ଢାବାରେ ପହଞ୍ଚି ଢାବା ବନ୍ଦ ଥିବା ଦେଖି ଜୋର ଜବରଦସ୍ତ କବାଟ ଭାଙ୍ଗି ଭିତରେ ପଶିଥିଲେ ଓ ଢାବା ମାଲିକ ରାଜେନ୍ଦ୍ର ହାତୀ ଓ କର୍ମଚାରୀ ମାନେ ଭୟଭୀତ ହୋଇ କଣ କରିବେ କିଛି ବୁଝି ପାରିଲେ ନାହିଁ । କର୍ମଚାରୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ ମଧ୍ୟରେ ଧସ୍ତା ଧସ୍ତି ଚାଲିଥିବା ବେଳେ ମାଲିକ ବୈଶିଙ୍ଗା ପୁଲିସକୁ ଫୋନ କରି ଦେଇଥିଲେ। ଏହି ସମୟରେ ଯୁବକ ମାନେ ଫାଙ୍କା ଗୁଳି ଚାଳନା କରି ଟ.୧୮୦୦୦,ଙ୍କା ଏବଂ ସୁନା ଚେନ୍ ଲୁଟି ନେଇ ପଳାଇ ଯାଉଥିବା ସମୟରେ ବୈଶିଙ୍ଗା ପୁଲିସ ପହଞ୍ଚି ଯାଇଥିଲେ । ପୁଲିସ କୁ ଦେଖି ୪/୫ ଜଣ ଦୁଇଟି ବାଇକରେ ଫେରାର ହୋଇଯାଇଥିଲେ । ପୋଲିସ ଏବଂ ଢାବା କର୍ମଚାରୀ ଓ ପାଖ ଚା ଦୋକାନୀ ହୋସେନ ଖାଁ ମିଳିତ ଭାବେ ଗୋଡାଇ ଗୋଡାଇ ଚାରି ଜଣଙ୍କୁ କାବୁ କରି ନେଇଥିଲେ । ବ୍ୟବହୃତ ସ୍କୋର୍ପିଓ ନଂ ଓଡ଼ି ୦୧ ଏ ଜି ୨୭୨୭, ଅନ୍ୟ ୩ ଟି ବାଇକ୍ ନଂ ଓଆର ୦୧ ଏଚ ୪୫୬୯, ଓଡି ୦୧ ଏ ଆର ୬୦୯୮ , ଓ ଆର ୧୪ ପି ୨୯୭୫ ବୋଲି ଜଣାଯାଇଛି । ଅଟକ ରହିଥିବା ଯୁବକମାନେ ହେଲେ କ୍ଷିତିଶ କୁମାର ଦାସ , ଅକ୍ଷୟ ମହାନ୍ତି , ସୁରଜ ମହାନ୍ତି ,ରତିକାନ୍ତ ସ୍ୱାଇଁ ବୋଲି ପୁଲିସ ସୂତ୍ରରୁ ପ୍ରକାଶ କରାଯାଇଛି । ଢାବା ମାଲିକ ରାଜେନ୍ଦ୍ର ହାତୀ ଙ୍କ ଲିଖିତ ଅଭିଯୋଗ କ୍ରମେ ୬୮/୨୦୨୬ ମୂଳେ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି ।

# ପିତାମାତା ଆମ ପାଇଁ ଜୀବନ୍ତ ଦେବତା

ଖୋର୍ଦ୍ଧା, ୧୪/୨ (ନି.ପ୍ର): ପିତା ମାତା ପିଲାମାନଙ୍କର ମଙ୍ଗଳ ଚିନ୍ତା କରନ୍ତି, ମୁଣ୍ଡ ଉପରେ ଛାତ ଛାତ ପରି ତାଙ୍କ ଆଶୀର୍ବାଦ ବିନା ମଣିଷ ମଣିଷ ପରି ହୋଇପାରିବ ନାହିଁ ଏହା ବିଲକୁଲ ସତ୍ୟ ବୋଲି ମୁଖ୍ୟ ଅତିଥି ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷୟତ୍ରୀ ରାଜେଶ୍ୱରୀ ରାୟପ୍ରିତମ ବକ୍ତବ୍ୟ ରଖିଥିଲେ । ପୋଡ଼ାଡିହ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଆୟୋଜିତ ପିତୃ ମାତୃ ପୂଜନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ପ୍ରଧାନ ଆଚାର୍ଯ୍ୟ। ସୁକାନ୍ତି ଜେନା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ରାଜେଶ୍ୱରୀ ରାୟପ୍ରିତମ ମୁଖ୍ୟବକ୍ତା ଭାବେ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାମୟୀ ଜେନା ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ପିତାମାତା ହେଉଛନ୍ତି ମାର୍ଗଦର୍ଶକ ବୋଲି କହିଥିଲେ । ଗୁରୁମା ଗୀତାଞ୍ଜଳି ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ। ଶ୍ରୀମତୀ ଜେନା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିବାବେଳେ ପରିଚାଳନା ରେ ଗୁରୁମା ଭାରତୀ ପ୍ରହରାଜ, ବିଷ୍ଣୁପ୍ରିୟା ତ୍ରିପାଠୀ, ସୁଜାତା ପାଣିଗ୍ରାହୀ, ସୁଜାତା ମହାନ୍ତି, ମୋନାଲିସା ପଟ୍ଟନାୟକ, ସୁଧଲତା ପାତ୍ର, ରୁପଶ୍ରୀ ବେହେରା,ଚିନ୍ମୟୀ ମହାପାତ୍ର, ସୁପ୍ରିନା ବେହେରା ପ୍ରମୁଖ ଗୁରୁମା ମାନେ ଓ ପୁରାତନ ଛାତ୍ର ରୁଦ୍ର ନାରାୟଣ ମହାପାତ୍ର ସହଯୋଗ କରିଛନ୍ତି । କୁନି କୁନି ପିଲାମାନେ 'ମା ମମତାମୟୀ ' ଓ ପିତା ମାତା ମାନଙ୍କ ଉଦ୍ଦେଶ୍ୟ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରି ବେଷଣ କରିଥିଲେ । ସମସ୍ତ ଶିକ୍ଷାର୍ଥୀ ମାନେ ପିତାମାତାମାନଙ୍କୁ ପୂଜା କରିବାର ଅପୂର୍ବ ଦୃଶ୍ୟ ବେଶ ହୃଦୟସ୍ପର୍ଶୀ ଥିଲା । ବାପାମାଆମାନେ ପିଲାମାନଙ୍କ କ୍ୟାରିଅର ଠାରୁ କ୍ୟାରେକ୍ଟର କୁ ଅଧ?କ ଗୁରୁତ୍ୱ ଦିଅନ୍ତୁ ଏବଂ ଆମେ ଯେପରି ସେମାନଙ୍କୁ ଗଢ଼ିବା ସେମାନେ ସେହିପରି ହେବେ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ରାୟପ୍ରିତମ ମନ୍ତବ୍ୟ ରଖିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଅଭିଭାବକ ଅରୁଣ କାନ୍ତ ସିଂହ ଅତିଥି, ଗୁରୁମା ସମସ୍ତ ପିତାମାତା ଅଭିଭାବକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରିପଦା ବିଜେପି ପକ୍ଷରୁ 'ପୁଲୱାମା ସହିଦ ସ୍ମୃତି ଦିବସ' ପାଳିତ

ବାରିପଦା, ୧୪/୨ (ନି.ପ୍ର): ବିଜେପି ବାରିପଦା ସହର ଶାଖା ପକ୍ଷରୁ ଶନିବାର ଦିନଟିକୁ 'ଫେବୃଆରୀ ଚଉଦ: ପୁଲୱାମା ସହିଦ ସ୍ମୃତି ଦିବସ' ଭାବେ ପାଳନ କରାଯାଇଛି। ଏହି ଅବସରରେ ସନ୍ଧ୍ୟାରେ ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିର ପରିସରରେ ବିଜେପି ବାରିପଦା ନଗର ମଣ୍ଡଳ (ଦକ୍ଷିଣ) ସଭାପତି ସୁବ୍ରତ ମୁଖୀଙ୍କ ଅଧ୍ୟକ୍ଷତାରେ ପୁଲୱାମାରେ ସାତ ବର୍ଷ ତଳେ ସହିଦ ହୋଇଥିବା ଚାଳିଶ ଜଣ ବୀର ବଳିଦାନୀ ସିଆରପିଏଫ ଯବାନଙ୍କ ସମ୍ମାନାର୍ଥେ ଏକ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। ସ୍ମୃତି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ୱାର୍ଡ କାଉନସିଲର ଲକ୍ଷ୍ମୀଧର ହାବଡ଼ା, ପୂର୍ବତନ ନଗର ସଭାପତି ବିଜୟ କୁମାର ଦାସ ଓ ନିରଞ୍ଜନ ଦାଶ, ନଗର କାର୍ଯ୍ୟକର୍ତ୍ତା ପୁରୁଷୋତ୍ତମ ସେଠି, ରସିକାନନ୍ଦ ମିଶ୍ର, ଶଙ୍କର୍ଷଣ ପଣ୍ଡା, ମାନସ ସାହୁ ଓ କଳ୍ପତରୁ ରାୟବାବୁ, ନାରୀନେତ୍ରୀ ସୁଜାତା ମୁର୍ମୁ, ଶୋଭାବତୀ ଓତା, ମମତା ମଣ୍ଡଳ, ପାୟଲ ରାୟ, ସସ୍ମିତା ପୃଷ୍ଟି, ମାନସୀ ତ୍ରିପାଠୀ, ସ୍ୱୀକୃତି ଶତପଥୀ ଓ ଶୁଭସ୍ମିତା ବେହେରା ପ୍ରମୁଖଙ୍କ ଶତାଧିକ ଯୁବ କର୍ମୀ ଯୋଗ



ଦେଇଥିଲେ। ସଭା ପ୍ରାରମ୍ଭରେ ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନମଜୁରିଆ 'ପଦ୍ମାବତୀ'

ଉଦଳା, ୧୪/୨ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ଜାମବଣି ପଂଚାୟତ ଅନ୍ତର୍ଗତ ବଡ଼ାମପଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଚନ୍ଦ୍ର ମାର୍ଣ୍ଡିଙ୍କ ସହଧର୍ମିଣି ପଦ୍ମାବତି ହାଁସଦା ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡପିଛା ମଞ୍ଜୁରଥିବା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାର ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଥିପାଇଁ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଛନ୍ତି । ତେବେ ଏଠାରେ କାର୍ଯ୍ୟରତ ସରକାରି ବାବୁ ମାନେ ବରାଦିଆ ଠାଣିରେ ଗର୍ଜି



ଉଠିଲେ 'ଚାଉଳ ନବତ ଆଗ ବାପଘରୁ ନାମ କାଟ', ବୋଲି କହିଥିବାର ଜଣାଇଛନ୍ତି । ପରେ ପଦ୍ମାବତି ବାପଗର ରାସନକାର୍ଡ଼ରୁ ନିଜର ନାମ କାଟିଦେଇଥିବାର ପ୍ରମାଣପତ୍ର ଆଣିଛନ୍ତି । ସବୁକିଛି ପ୍ରମାଣପତ୍ର ଦେଖାଇବା ସତ୍ୱେ ତାଙ୍କର ନାମ ଶାଶୁଘର ରାସନ କାର୍ଡ଼ରେ ଯୋଡ଼ାଯାଇପାରୁ ନାହିଁ କି ଚାଉଳ ମିଳୁନାହିଁ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି । ଇତି ମଧ୍ୟରେ ତିନିବର୍ଷ ସମୟ ବିତିଯାଇଥିଲେ ମଧ୍ୟ ପଦ୍ମାବତିଙ୍କ ଗୁହାରି କେହି କର୍ଣ୍ଣପାତ କରୁନଥିବାର ଜଣାଯାଇଛି । ଆଦିବାସି ଲୋକଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ତେବେ ପଦ୍ମାବତିଙ୍କୁ ଚାଉଳ ପାଇବା କ୍ଷେତ୍ରରେ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଥିବାର ଶୁଣିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଉକ୍ତ ଘଟଣାରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ କଂଗ୍ରେସ ନେତ୍ରୀ ମାଧବୀ ସେନାପତି ଏସପିଙ୍କୁ ଭେଟି ଅଭିଯୋଗ ଜଣାଇଲେ

ବୈଶିଙ୍ଗା , ୧୪/୨ (ନି.ପ୍ର): ବୈଶିଙ୍ଗା ଥାନା ଇଲାକାରେ ଦିନକୁ ଦିନ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଥିବା କାରଣ କୁ ନେଇ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମାଧବୀ ସେନାପତି ଙ୍କ ନେତୃତ୍ୱରେ ୮/୧୦ ଖଣ୍ଡ ଗ୍ରାମ ର ଜନସାଧାରଣ ଏକତ୍ରୀତ ଭାବେ ୧୩ ତାରିଖ ଗୁରୁବାର ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ସହିତ ଅପାରଗ ଥାନାଧିକାରୀ, ଏ ଏସ ଆଇ ଏସ୍ ରାଉଳ, କନେଷ୍ଟବଳ ଦତ୍ତ ଏବଂ ହୋମଗାର୍ଡ ତପନ ଜେନା ଙ୍କୁ ବରଖାସ୍ତ କରିବା ପାଇଁ ଦାବୀ ଜଣାଇଛନ୍ତି । ଏହି ଅଭିଯୋଗରେ ଜଣେ ମୁସଲିମ ମହିଳା ଅଫସାନା ପରବିନ୍ ଏବଂ ଅନୁସୟା ଜେନା ଙ୍କୁ ନ୍ୟାୟ ନ ଦେବା , ମୋହିତ ସେନାପତି ଙ୍କୁ ବିନା କାରଣ ରେ ଡକାୟତି ମାମଲାରେ ଜଡିତ କରିବା, ବାଲି, ମୁରୁମ, ମଦ ଓ କାଠ ମାଫିଆ ଙ୍କୁ ସୁରକ୍ଷା ଦେବା ଯୋଗୁଁ ଅପରାଧ ବଢି ବଢି ଚାଲିବା ଯୋଗୁଁ ଡକାୟତି, ଛିନତାଇ, ରାହାଜାନି ଆଦି ଘଟଣା ଘଟି ଚାଲିଛି । ଏଥିପାଇଁ ଥାନା ଇଲାକାରେ ଜନସାଧାରଣ ନିଜର ଧନ ଜୀବନ ସୁରକ୍ଷା ମଣୁ ନାହାନ୍ତି । ଏହି ସବୁ କାରଣ କୁ ନେଇ ୭ଦିନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ନ କରିଲେ ବୈଶିଙ୍ଗା ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଉଲ୍ଲେଖ କରାଯାଇଛି ।




ନୀଳକଇଁର ଜାତୀୟସ୍ତରୀୟ ସାରସ୍ୱତ ଓ କବିତା ଆସରରେ ମଞ୍ଚାସୀନ ଅତିଥିବୃନ୍ଦ

# ବାଳିକା ଆର୍ମି ସୁରକ୍ଷା ଶିବିର ଉଦ୍‌ଯାପିତ

ଭଦ୍ରକ, ୧୪/୨ (ନି.ପ୍ର): ସରକାରଙ୍କ ଆନୁକୂଲ୍ୟରେ ବାଳିକା ଆର୍ମି ସୁରକ୍ଷା ଶିବିର ୮ ଦିନ ଧରି ଚରମ୍ପା ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଅଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାଶ ଗତ ୫ ତାରିଖରେ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ଆମି ସୁରକ୍ଷା ଶିବିରର ପ୍ରଶିକ୍ଷିକା କବିତା ନାୟକ ଏବଂ ମନୋରମା ରାଉତ ବାଳିକାମାନଙ୍କୁ ଆମି ସୁରକ୍ଷାର କୌଶଳ ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟର ବାଳିକାମାନେ ଏଥିରେ



ଆନ୍ତରିକତାର ସହିତ ଅଂଶ ଗ୍ରହଣ କରିଥିଲେ। ଶିବିରଟି ଆଜି ଉଦ୍‌ଯାପିତ ହୋଇ ଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାଶ ସଭାପତିତ୍ୱ କରି ଉକ୍ତ ଶିବିରର ଆଭିମୂଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସ୍ନେହଲତା ହେମ୍ବ୍ରମ୍ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ସଭାଟିକୁ ସଫଳ କରାଇବାରେ ଅଧ୍ୟାପିକା ଫିରଦୋସ୍ ହୋସନ, ଅଧ୍ୟାପକ ମନୋଜ କୁମାର ମହାଳିକ ସହଯୋଗ କରିଥିଲେ। ଏଥି ସହିତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଟ୍ରେନ ଭିତରେ ମହିଳାଙ୍କୁ ଅସଦାଚରଣ ଓ ଛିନ୍‌ତାଇ କରି ବନ୍ଧା ହେଲେ ଦୁଇ ଯୁବକ

ବାଲିଆପାଳ, ୧୪/୨ (ନି.ପ୍ର): ଟ୍ରେନ ଭିତରେ ମହିଳାଙ୍କୁ ଅସଦାଚରଣ ଓ ଛିନ୍ତାଇ କରି ବନ୍ଧା ହେଲେ ଦୁଇ ଯୁବକ. ସୂଚନା ଅନୁସାରେ ସକାଳ ନଅଟା ସମୟରେ ହଠାତ୍ ବସ୍ତା ଷ୍ଟେସନ ଅନତି ଦୂରରେ ଅଟକିଥିଲା ଆନନ୍ଦବିହାର ଭୁବନେଶ୍ୱର ସମ୍ପର୍କକ୍ରାନ୍ତି ଏକ୍ସପ୍ରେସ । କିଛି ବୁଝିବା ଆଗରୁ ପ୍ରଥମେ ଟ୍ରେନରୁ ବଳ ପୂର୍ବକ ଦୁଇ ଯୁବକଙ୍କୁ ଟ୍ରେନରେ ଥିବା ଯାତ୍ରୀ ବଳ ପୂର୍ବକ ଓହ୍ଲାଇ ଦେଇଥିଲେ। ପରେ ଦୁଇ ଯୁବକ ଙ୍କ ପଛରେ ସ୍ୱାମୀ ସ୍ତ୍ରୀ ଦୁହେଁ ଓହ୍ଲାଇ ଯୁବକ ଦୁଇଜଣଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲେ। ସ୍ଥାନୀୟ ଲୋକ ମଧ୍ୟ ଯୁବକ ଦୁହିଁଙ୍କୁ ଧରିବାରେ ଦମ୍ପତିଙ୍କୁ ସାହାଯ୍ୟ କରିବା ସହିତ ଘଟଣା ସମ୍ପର୍କରେ ବୁଝିଲା ବେଳକୁ ସମ୍ପର୍କ କ୍ରାନ୍ତି



ଏକ୍ସପ୍ରେସରେ ଆସୁଥିବା ବସ୍ତା ଥାନା ଶିତାପୁର୍ ଅଞ୍ଚଳର ରୋହନ ସାମଲ ଓ ତାଙ୍କ ପତ୍ନୀ ସନ୍ଧ୍ୟାମଣୀ ଜେନା ଦିଲ୍ଲୀ ଆନନ୍ଦବିହାରରୁ ବାଲେଶ୍ୱର ଆସିବାକୁ ଟିକେଟ କାଟିଥିଲେ। ପରେ ଉକ୍ତ ଟ୍ରେନ ରେ ଉତ୍ତର ପ୍ରଦେଶ କାନପୁର ଷ୍ଟେସନରୁ ୧୪ ଜଣ ଯୁବକ ଚଢିଥଲେ। ସଂପୃକ୍ତ ଯୁବକ ମାନେ ରୋହନ ଓ ସନ୍ଧ୍ୟାଙ୍କୁ ବିଭିନ୍ନ ଅଶାଳୀନ ଭାଷା ରେ ଗାଳିଗୁଲଜ କରିବା ସହିତ ତାଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଛଡାଇଥିଲେ। ଏହି ଘଟଣା ସମ୍ପର୍କରେ ଟ୍ରେନ ରେ ଥିବା ରେଳ ସୁରକ୍ଷା ବଳ କର୍ମଚାରୀ ଶିବଶଙ୍କର ଶର୍ମା ଓ ଟିଟି ଡି ପ୍ରଧାନଙ୍କୁ ପୀଡ଼ିତା ଦମ୍ପତି ଦ୍ୱୟ ଅଭିଯୋଗ କରିଥିଲେ ମଧ୍ୟ ସେ ସୁରକ୍ଷା ଦେବା ପରିବର୍ତ୍ତେ ସଂପୃକ୍ତ ଯୁବକମାନଙ୍କୁ ସୁରକ୍ଷା ଯୋଗାଇଥିଲେ। ଦମ୍ପତି ଦ୍ୱୟଙ୍କୁ ସ୍ଥାନୀୟ ସହଯାତ୍ରୀ ସୁରକ୍ଷା ଯୋଗାଇ ଟ୍ରେନ ଓଡ଼ିଶା ପ୍ରବେଶ କରିବା କ୍ଷଣି ବସ୍ତା ଷ୍ଟେସନ ପୂର୍ବରୁ ଟ୍ରେନ ଚେନ୍ ପୋଲିଂ କରି ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ସୁବାଷ ବେହେରା ଓ ଆଶିଷ ବେହେରାଙ୍କୁ ସହଯାତ୍ରୀ ଟ୍ରେନ ରୁ ଓହ୍ଲାଇ ଦେଇଥିଲେ। ପରେ ପୀଡ଼ିତା ଦମ୍ପତି ଦ୍ୱୟ ମଧ୍ୟ ଏହି ସ୍ଥାନରେ ଓହ୍ଲାଇ ଯୁବକ ଦ୍ୱୟଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକ ତାଙ୍କୁ ସହଯୋଗ କରିଥିଲେ। ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକ ଦ୍ୱୟଙ୍କୁ ଧରି ପ୍ରଥମେ ବସ୍ତା ଥାନା ଓ ପରେ ରେଳ ସୁରକ୍ଷା ବଳ ରୂପସାକୁ ହସ୍ତାନ୍ତର କରିଥିବା ଦେଖିବାକୁ ମିଳିଛି। ଯୁବକ ଦ୍ୱୟଙ୍କୁ ଅଟକ ରଖି ରେଳ ସୁରକ୍ଷା ବଳ ଘଟଣାର ତଦନ୍ତ ଚଳାଇଥିବା ଦେଖିବାକୁ ମିଳିଛି।

# ଜେଏସ୍ ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୧୩ ଶହ ଚାଷୀଙ୍କୁ ଧାନ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଇଛି

ପାରାଦୀପ, ୧୪/୨ (ନି.ପ୍ର): ପାରାଦୀପ ରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ଜୀବିକା କାର୍ଯକ୍ରମ ହିତାଧିକାରୀଙ୍କ ମଧ୍ୟରେ ପ୍ରଭାବ ସୃଷ୍ଟି କରିଛି ।ଜଗତସିଂହପୁର ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସିଏସଆର କାର୍ଯ୍ୟକଳାପ ଆଇଏସପି ପ୍ରକଳ୍ପର ଡିଆଇଜେଡ୍ ଗ୍ରାମ, ମୁଖ୍ୟତଃ ଗଡକୁଜଙ୍ଗ, ନୂଆଗାଁ, ଢିଙ୍କିଆ ଏବଂ ଅନ୍ୟ କେତେକ ନିକଟବର୍ତ୍ତୀ ଗ୍ରାମ ଉପରେ ଧ୍ୟାନ ଦେଇଛି। ବିଶେଷ କରି କୃଷକ ମାନଙ୍କୁ ଶସକ୍ତ କରିବା ଉଦ୍ଦେଶ୍ୟ ରଖି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଶେଷଜ୍ଞଙ୍କ ସହଯୋଗରେ ଗ୍ରାମ ସ୍ତରରେ ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ କୃଷକ ଏବଂ ମହିଳା ହିତାଧିକାରୀଙ୍କ ଉତ୍ପାଦର ଉତ୍ପାଦନ ଏବଂ ବିପଣନ ସମ୍ବନ୍ଧରେ ଜ୍ଞାନ ଆଧାରରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସାହାଯ୍ୟ କରିଛି ।ଉଲ୍ଲେଖଯୋଗ୍ୟ ସମସ୍ତ କାର୍ଯ୍ୟକଳାପ ମଧ୍ୟରେ ଧାନ ଚାଷ ପାଇଁ ପ୍ରାୟ ୧୩୦୦ ଚାଷୀଙ୍କୁ ବିହନ /ସାର ଯୋଗାଇ ଦିଆଯାଇଛି ।ଜିଲ୍ଲାରେ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ୨୦୨୨ ମସିହାରୁ ଜୀବିକା ପ୍ରୋତ୍ସାହନ ପ୍ରକଳ୍ପ କାର୍ଯ୍ୟକାରୀ କରିଛି ଯାହା ଏରାସାମା ବ୍ଲକର ଢିଙ୍କିଆ ଚରିଦେଶାରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ସମନ୍ୱିତ ଇସ୍ପାତ କାରଖାନା ପ୍ରକଳ୍ପ ହେତୁ ପରୋକ୍ଷରେ ପ୍ରଭାବିତ ପରିବାରକୁ ବିକଳ୍ପ ଜୀବିକା ଯୋଗାଇବା ପାଇଁ କାର୍ଯ୍ୟକାରୀ କରିଛି ।ଏହି ଜୀବିକା ପ୍ରକଳ୍ପ ଅଧୀନରେ ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ଦଳ ନିଯୁକ୍ତ କରାଯାଇଛି ଯାହା ପିରାମିଡର ନିମ୍ନ ଭାଗରେ ଥିବା ହିତାଧିକାରୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବ ଏବଂ ପ୍ରକଳ୍ପ ଗୁଡ଼ିକୁ ଚିହ୍ନଟ ଏବଂ ଅଂଶଗ୍ରହଣକାରୀ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି ।ଗତ ୩ ବର୍ଷ ମଧ୍ୟରେ ୩ ହଜାର ରୁ ଅଧିକ ହିତାଧିକାରୀଙ୍କୁ ବୈଷୟିକ ଜ୍ଞାନ, ଭୌତିକ ଇନପୁଟ୍, ବଜାର ସଂଯୋଗ ଏବଂ ବିଭିନ୍ନ କୃଷି ଭିତ୍ତିକ ଉନ୍ନତ ପଦ୍ଧତି ମାଧ୍ୟମରେ ଧାନ ଚାଷ, ପନିପରିବା ଚାଷ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦନ ଇତ୍ୟାଦି ଯୋଗାଇ ଦେଇଛି। ଏ ସମ୍ପର୍କ ରେ ମାଆ ରାମଚଣ୍ଡୀ କୃଷକ କଲ୍ୟାଣ ସମିତି ସଭାପତି କହିଛନ୍ତି ଯେତେବେଳେ ଆମେ ଜୀବିକା ହରାଇଲୁ, ଜୀବିକା ଅନ୍ୱେଷଣ ରେ ଧାନ ଚାଷ କରିବା ପାଇଁ ସ୍ଥିର କଲୁ। ଏ ନେଇ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କର୍ତ୍ତୃପକ୍ଷ ଙ୍କ ପକ୍ଷରୁ ବିଭିନ୍ନ ତାଲିମ ଦିଆଗଲା। ନୂତନ ଜ୍ଞାନ କୌଶଳ ମାଧ୍ୟମରେ ୪୦ ଏକର ଜମିରେ ଧାନ ଚାଷ କରୁଛୁ। ରୋଗପୋକ ମଧ୍ୟ ନିୟନ୍ତ୍ରଣ ହୋଇପାରୁଛି। ଜେଏସଡବ୍ଲ୍ୟୁ ଆମର ପୂର୍ବ ଜୀବିକା କୁ ପୁନର୍ଜନ୍ମ ଦେଇଥିବା ଶ୍ରୀ ସ୍ୱାଇଁ କହିଛନ୍ତି।

# ପୋକ୍‌ସୋ ଓ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଉପରେ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ

ବାଲେଶ୍ୱର, ୧୪/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳ କାର୍ଯ୍ୟାଳୟର ଅଡିଟୋରିୟମ ହଲ୍‌ରେ ପୋକସୋ ଓ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଉପରେ ଦକ୍ଷତା ନିର୍ମାଣ ସମ୍ବନ୍ଧୀୟ ଏକ ଦୁଇଦିନିଆ କର୍ମଶାଳା ବାଲେଶ୍ୱର ପୋଲିସ ପ୍ରଶାସନର ଆନୁକୂଲ୍ୟରେ ଶୁଭାରମ୍ଭ ହୋଇଛି। ଏହି କର୍ମଶାଳା ତା. ୧୪/୦୨/୨୦୨୬ ଓ ୧୫/୦୨/୨୦୨୬ ଦୁଇଦିନ ଧରି ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଡିଆଇଜି ଶ୍ରୀଯୁକ୍ତ ପିନାକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କର୍ମଶାଳାର ଉଦଘାଟନ କରିଥିଲେ। ତାଙ୍କ ସହ ଆରକ୍ଷୀ ଅଧିକ୍ଷକ ବାଲେଶ୍ୱର ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର




ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ଆଇନଜୀବୀ ନିଧି ଶର୍ମା, ଆଇନଜୀବୀ ଅନନ୍ତ ଆସ୍ଥାନା, ଚଗଊଉଇ ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ନିରଞ୍ଜନ ବେହେରା ମଞ୍ଚାସୀନ ଥିଲେ ।ଶ୍ରୀ ବେହେରା ମଞ୍ଚ ପରିଚାଳନା କରୁଥିଲେ। ଏହି କର୍ମଶାଳାରେ ବହୁ ସଂଖ୍ୟାରେ ପୋଲିସ ଅଧିକାରୀ ଓ କର୍ମଚାରୀ, ସମାଜସେବୀ, ଉତଉ ସଦସ୍ୟ ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଆଇନଜୀବୀ ନିଧି ଶର୍ମା ଓ ଆଇନଜୀବୀ ଅନନ୍ତ ଆସ୍ଥାନା ପୋକସୋ ଏବଂ ଜେଜେ ଆକ୍ଟ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ଆସନ୍ତାକାଲି ମଧ୍ୟ ଏହି ଦୁଇଟି ଆଇନ ଉପରେ ତାଲିମ ଜାରି ରହିବ। ଏହି କ୍ୟାପାସିଟି ବିଲ୍ଡିଂ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଉପରେ ସଚେତନତା ବୃଦ୍ଧି କରିବା, ସମ୍ପୃକ୍ତ ସମସ୍ତଙ୍କ ଦାୟିତ୍ୱକୁ ସ୍ପଷ୍ଟ କରିବା ଏବଂ ଯେକୌଣସି ଅପରାଧ ଘଟିଲେ ସଠିକ୍ ଓ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ ପାଇଁ ପ୍ରଶିକ୍ଷିତ କରିବା। କର୍ମଶାଳାରେ ଉଲ୍ଲେଖ କରାଯାଇଥିଲା ଯେ ଶିଶୁମାନେ ସମାଜର ଭବିଷ୍ୟତ ଓ ଦେଶର ଆଶା। ତେଣୁ ଶିଶୁଙ୍କ ସୁରକ୍ଷା ପାଇଁ କେବଳ ଆଇନ ଜ୍ଞାନ ନୁହେଁ, ସଂବେଦନଶୀଳତା, ସଚେତନତା ଓ ସଂଗଠିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ଜୁଭେନାଇଲ୍ ଜଷ୍ଟିସ୍ ଆଇନର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁଙ୍କୁ ଶାସନ ନୁହେଁ, ସୁଧାର ଓ ପୁନର୍ବାସନ ମାଧ୍ୟମରେ ସଠିକ୍ ଦିଗରେ ନେଇ ସମାଜରେ ସମ୍ମାନ ସହିତ ପୁନଃସ୍ଥାପନ କରିବା।

# ଦାଦା ବଟି ପାଇଁ ଗୋଷ୍ଠୀ ସଂଘର୍ଷ : ମାରଣାସ୍ତ୍ରରେ ଯୁବକଙ୍କୁ ହାଣିଦେଲେ

ବସ୍ତା , ୧୪/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତ ର୍ଗତ ଗୁଜୁରୀ ବଜାର ଛକ ନିକଟରେ ଶନିବାର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଥିଲା। ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରା ଯାଇଥିଲା। ଜୈନିକ ଯୁବକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ଥିଲା। ଗୁରୁତର ଯୁବକ ହେଲେ ତୁତାପାଳ ଅଞ୍ଚଳର ଦିଲ୍ଲୀପ ମହାଳିକ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି ।ସୂଚନା ଥାଉ କି ଯେ, ଦାଦାବଟି ଆଦାୟକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା। ଉଭୟ ପକ୍ଷରୁ ଢେଲା ମାଡ ଓ ମାରଣାସ୍ତ୍ରରେ ଆକ୍ର ମଣ ହୋଇଥିବା ବେଳେ ଚାରି,ପାଞ୍ଚ ଜଣ ଆହତ ହୋଇଥିବା ସୂଚନା। ଗୁରୁତର ଯୁବକ ଗ୍ରୋସରୀ ଦୋକାନରେ ରହିଥିବା ବେଳେ ଦୋକାନ ସମ୍ମୁଖରେ ବାଇକରେ ଆସି ଅତର୍କିତ ଭାବରେ ଆକ୍ରମଣ କରିଥିଲେ ଦୁଇ ଯୁବକ। ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଭିନ୍ନ ସମୟରେ ଗୁଜୁରି ବଜାର ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଦେଖା ଦେଉଥିବା ବେଳେ ପୋଲିସର ଏଥିପ୍ରତି ନିଘା ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ମେଟ୍ରିକ ପରୀକ୍ଷା ନିମନ୍ତେ ପରୀକ୍ଷା କେନ୍ଦ୍ର ସୁପାରିଟେନେଣ୍ଡମାନଙ୍କର ଜିଲ୍ଲାସ୍ତରୀୟ ଓରିଏନଟେସନ କାର୍ଯ୍ୟକ୍ରମ

ବାରିପଦା, ୧୪/୨ (ନି.ପ୍ର): ସ୍ଥାନୀୟ ମୁର୍ଗାବାଡିସ୍ଥିତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ର ସମ୍ମେଳନ କକ୍ଷ ପରିସରରେ ୧୮୪ ଟି ପରୀକ୍ଷାକେନ୍ଦ୍ର ସୁପାରିଟେନେଣ୍ଡ ମାନଙ୍କ ତଥା ୨୧ ଟି ନୋଡାଲ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଓରିଏନଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ , ଜିଲ୍ଲା ଆରକ୍ଷୀ ଅଧିକାରୀ ବରୁଣ ଗଣ୍ଡୁପାଲି , ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଉପସ୍ଥିତ ରହି ଆଗାମୀ ମେଟ୍ରିକ ପରୀକ୍ଷା ର ସୁପରିଚାଳନା ନିମନ୍ତେ ନିୟମାବଳୀ ଉପସ୍ଥାପନା କରିବା ସହିତ ପରୀକ୍ଷାର୍ଥୀ ଓ ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରୀକ୍ଷା ସମୟରେ ଚାପ ମୁକ୍ତ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ପରୀକ୍ଷା ସୁପରିଚାଳନା ପାଇଁ ୨୧ ଟି ନୋଡାଲ କେନ୍ଦ୍ର ସହ ୪୯ ଟି ପରୀକ୍ଷା ପତ୍ର ଡେସପାଚ ଟିମ ଗଠନ କରାଯାଇଛି । ପରୀକ୍ଷା ସ୍ୱଚ୍ଛତା ଆଣିବା ପାଇଁ ବୋର୍ଡ ତରଫରୁ ୨ଟି




ଫ୍ଲାଇଙ୍ଗ ସ୍କ୍ୱାର୍ଡ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ୪ ଟି ସ୍କ୍ୱାର୍ଡ ଗଠନ କରାଯାଇଛି । ପରୀକ୍ଷା କେନ୍ଦ୍ର ମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ଆରକ୍ଷୀ ଅଧିକାରୀ ଙ୍କ ତରଫରୁ ପୋଲିସର ବ୍ୟବସ୍ଥା କରାଯାଇଛି । ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ମାନଙ୍କ ସୁଗମ ପାଇଁ ପରୀକ୍ଷା କେନ୍ଦ୍ର ରେ ପର୍ଯ୍ୟାପ୍ତ ପରିମାଣ ର ଆଲୋକ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ସୂଚାଇଛନ୍ତି । ପରୀକ୍ଷା ର ସୁପରିଚାଳନା ପାଇଁ ସମସ୍ତ ଙ୍କ ସହଯୋଗ ଲୋଡ଼ିଛନ୍ତି । ନୋଡାଲ କେନ୍ଦ୍ରମାନଙ୍କ ର ଜଣେ ଲେଖାଏଁ ସୁପରଭାଇଜର ମାନଙ୍କୁ ନିଯୁକ୍ତି କରାଯାଇଛି । ମୟୂରଭଞ୍ଜ ର ୧୮୪ ଟି ପରୀକ୍ଷା କେନ୍ଦ୍ର ର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ରେ ପରୀକ୍ଷାର୍ଥୀ ୩୧୮୦୪, ମଧ୍ୟମା ପରୀକ୍ଷା ରେ ପରୀକ୍ଷାର୍ଥୀ ୩୦୯ ,ଏସ ଆଇ ଓ ଏସ ପରୀକ୍ଷା ରେ ପରୀକ୍ଷାର୍ଥୀ ୪୬୯ ଜଣ ସର୍ବମୋଟ ୩୨୫୮୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପ୍ରକାଶ ଥାଉକି ଆଜି କଡା ସୁରକ୍ଷା ବଳୟ ମଧ୍ୟରେ ସମସ୍ତ ନୋଡାଲ ସେଣ୍ଟର ରେ ପରୀକ୍ଷା ପ୍ରଶ୍ନପତ୍ର ପହଁଚି ଯାଇଛି କ୍ଷ ପରୀକ୍ଷା ରେ ଯେପରି କୌଣସି ପରୀକ୍ଷାର୍ଥୀ ଅନୁପସ୍ଥିତ ନ ରୁହନ୍ତି ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ

ବାଲିଆପାଳ , ୧୪/୨ (ନି.ପ୍ର): ମହାଶିବରାତ୍ରୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଥିବା ଲଙ୍ଗଳେଶ୍ୱରରେ ଥିବା ସର୍ବପୁରାତନ ବାବା ହରପାର୍ବତୀ ଶୈବପୀଠ ରେ ଶ୍ରଦ୍ଧାଳୁ ମାନଙ୍କର ଗହଳି ଲାଗିରହିଛି। ଏହି ପୁରାତନ ଶୈବପୀଠର ଅନେକ ପୈରାଣିକ କିମ୍ବଦନ୍ତୀ ରହିଛି ସେଥିପାଇଁ ଏହାର ମହାତ୍ମ୍ୟ ସ୍ୱତନ୍ତ୍ର। ଏଠାରେ ମହାଦେବ ଙ୍କ ମନ୍ଦିର ସମ୍ମୁଖରେ ମାତ ପାର୍ବତୀ ମନ୍ଦିର ବିଦ୍ୟମାନ। ମହାଦେବଙ୍କ ଶକ୍ତି ଏଠାରେ ସ୍ପଷ୍ଟ ବାରି ହୋଇପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗ ଭୂତଳ ଗାମି ହୋଇଛି। ମହାଦେବ ସ୍ୱୟଂ ଏଠାରେ ଲଙ୍ଗଳ ଉପରେ ମସ୍ତକ ରଖି ଶଯ୍ୟାଶାୟୀ ଅଛନ୍ତି। ହରପାର୍ବତୀ ଙ୍କ ଜାହିର ଥିବାରୁ ଏଠାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଛୁଟି ଆସିଥାନ୍ତି। ଶାନ୍ତି ଶୃଙ୍ଖଳାରେ ପୂଜା ଅର୍ଚ୍ଚନା ପାଇଁ ମନ୍ଦିର କମିଟି ଏବଂ ବାଲିଆପାଳ ବ୍ଲକ ପ୍ରସାଶନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ୧ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ କରାଯାଇଛି ବୋଲି ବସ୍ତା ଏସଡିପିଓ ମାନସ ଦେଓ ସୂଚନା ଦେଇଛନ୍ତି। ସେହିପରି ଯୋଗୀରେ ବାବା ନାଭଡେଶ୍ୱର ପୀଠ, ନିଖିରା ରେ ନିଖିରେଶ୍ୱର ,ଗଖଡାପାଳରେ ଖଗେଡେଶ୍ୱର, ଜଗତିପୁର ଠାରେ ଜଗତେଶ୍ୱର ପୀଠ ମଧ୍ୟ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida